# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦/୨୦୨୫ (୧୮ ପୃଷ୍ଠା) | Bhubaneswar, Thursday, January 30/2025 | Page 18 | ₹ 7.00

୫୧ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 67 | ମୂଲ୍ୟ ₹୭/-





# ଅକ୍ଷୟ ଶକ୍ତି କ୍ଷେତ୍ରରେ ୪.୩୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୨୯।୧ (ଅଭୟ ଦାଶ)




ଓଡ଼ିଶା ସରକାରଙ୍କ ବହୁ ପ୍ରତୀକ୍ଷିତ ପୁଞ୍ଜିନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫'ର ଦ୍ୱିତୀୟ ଦିନରେ ବିକଶିତ ଓଡ଼ିଶା ପାଇଁ ଅକ୍ଷୟ ଶକ୍ତି ଏବଂ ଅକ୍ଷୟ ଶକ୍ତି ପାଇଁ ଉପକରଣ ଉତ୍ପାଦନ ନିମନ୍ତେ ଇକୋସିଷ୍ଟମ ସୃଷ୍ଟିକରିବା ବିଷୟବସ୍ତୁକୁ ନେଇ ଏକ ସ୍ୱତନ୍ତ୍ର ଅଧିବେଶନ ବୁଧବାର ସମ୍ମିଳନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିବାବେଳେ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ନିବେଶକ, ଛାତ୍ରୀଛାତ୍ରଙ୍କ ସମେତ ୩୦୦ରୁ ଅଧିକ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ସବୁଜ ଶକ୍ତିର ଭବିଷ୍ୟତକୁ ସଂରକ୍ଷିତ କରିବା ଏବଂ ଅକ୍ଷୟ ଶକ୍ତିର ଆକାଂକ୍ଷାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ନିବେଶକମାନଙ୍କୁ ଆହ୍ୱାନ କରୁଛନ୍ତି। ବିକଶିତ ଓଡ଼ିଶା ୨୦୪୭ର ଦୃଷ୍ଟିକୋଣକୁ ଆଧାରକରି ଓଡ଼ିଶା ରାଜ୍ୟ ଶକ୍ତି କ୍ଷେତ୍ରର ବିକାଶ ପାଇଁ ଏକ ବ୍ୟାପକ ଏବଂ ଭବିଷ୍ୟତ ଚିନ୍ତାଧାରର ଆଭିମୁଖ୍ୟ ଗ୍ରହଣ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂହ ଦେଓ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ପରିବେଶ ସନ୍ତୁଳନକୁ ବଜାୟ ରଖି ଉଦ୍ୟୋଗର ବିକାଶ କରିବା ଦିଗରେ ରାଜ୍ୟ ସରକାର ସଂକଳ୍ପବଦ୍ଧ ରହିଛନ୍ତି। ଏହି ସମ୍ମିଳନୀର ଆୟୋଜନ ଦ୍ୱାରା ଶକ୍ତି କ୍ଷେତ୍ର ନିମନ୍ତେ ବିଶ୍ୱର ଅଗ୍ରଣୀ ଶିଳ୍ପପତିମାନେ ପ୍ରାୟ ୪.୩୩ ଲକ୍ଷ କୋଟି ଟଙ୍କାର ନିବେଶ ଅକ୍ଷୟ ଶକ୍ତି କ୍ଷେତ୍ରରେ କରିବା ନେଇ ଇଚ୍ଛାପ୍ରକାଶ କରିଛନ୍ତି। ସେହିଭଳି ଅକ୍ଷୟ ଶକ୍ତିକୁ ନେଇ ଦୁଇଟି ଅଧିବେଶନର ଆୟୋଜନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଆଇଏଫ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଇମାଦ ଫାଖୋରେ, ରିନ୍ୟୁର ଉପାଧ୍ୟକ୍ଷ (ଗ୍ରୀନ୍ ହାଇଡ୍ରୋଜେନ୍ ଆଣ୍ଡ ନିୟୁ ବିଜ୍‌ନେସ୍ ଡେଭଲପମେଣ୍ଟ) ସମୀର ସକ୍ସେନା, ଆଇଏସ୍ଏର ମୁଖ୍ୟ ରମେଶ କୁମାର କୁରୁପ୍ପାଥ, ଓଟିପିସିର ଏମ୍‌ଡି ସାନିଲ୍ ନମ୍ବୋଦିରିପଦ୍, ୱେଲସ୍ପନ୍ ନ୍ୟୁ ଏନର୍ଜିର ସିଇଓ କପିଲ ମାହେଶ୍ୱରୀ, ଏନ୍‌ଟିପିସିର ମୁଖ୍ୟ ପରିଚାଳକ ଡିଏମଆର୍ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ଶକ୍ତି ମାଧ୍ୟମରେ ଓଡ଼ିଶାକୁ କିପରି ବିକଶିତ କରାଯାଇପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ଆଇଏଫ୍‌ସିର ହବ୍ ଲିଡର ମୋଜାମ ମେକାନ, ଆଇଆର୍‌ଇଡିଏର ସିଏମ୍‌ଡି ପ୍ରଦୀପ କୁମାର ଦାସ, ଆଇନକ୍ସ ୱିଣ୍ଡର ଅଧ୍ୟକ୍ଷ ସନ୍ତୋଷ ଖରିନାର ଏବଂ ଏଭିଏଏଡିଏର ଅଧ୍ୟକ୍ଷ ପ୍ରଶାନ୍ତ ଚୌବେ ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ଶକ୍ତି ଉତ୍ପାଦନ ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଓ ସରଞ୍ଜାମର ବିକାଶ କରିବା ସହ ଏକ ଅଭିବୃଦ୍ଧିର ଇକୋସିଷ୍ଟମ ପ୍ରସ୍ତୁତ କରିବା ପାଇଁ ଆଲୋଚନା କରିଥିଲେ। ଏଥିସହ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅପରପକ୍ଷରେ ବୁଧବାର ମୋଟ୍ ୧.୨୪ ଲକ୍ଷ କୋଟି ଟଙ୍କା ନିବେଶରେ ଫ୍ଲୋଟିଂ ସୋଲାର, ଗ୍ରାଉଣ୍ଡ ମାଉଣ୍ଟେଡ୍ ସୋଲାର, ପିଏସି, ୱିଣ୍ଡା ଆଣ୍ଡ ଥର୍ମାଲ ପ୍ରକଳ୍ପ ନିମନ୍ତେ ମହାନଦୀ କୋଲଫିଲ୍ଡ ଲିମିଟେଡ୍ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏପରିକି ସୋଲାର୍ ଏବଂ ୱିଣ୍ଡ ହାଇବ୍ରିଡ୍ ପ୍ରକଳ୍ପ ପାଇଁ ଏନ୍‌ଏଲ୍‌ସି ସହ ବୁଝାମଣା ସ୍ୱାକ୍ଷର ହୋଇଥିଲାବେଳେ ସୋଲାର, ୱିଣ୍ଡ, ହାଇବ୍ରିଡ୍, ଶକ୍ତି ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ଆଇଓସିଏଲ୍ ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି।

# ନୂଆ ରୂପରେ ଆସିବ ସୁଭଦ୍ରା

ଭୁବନେଶ୍ୱର,୨୯।୧ (ଅନିଲ ଦାସ)

ସୁଭଦ୍ରା ଯୋଜନାର ୩ଟି ନୂଆ ରୂପ ଆସିବ। କେବଳ ଆର୍ଥିକ ସହାୟତା ନୁହେଁ,ଏଥର ମହିଳାଙ୍କୁ ଋଣ ଦେବ ସୁଭଦ୍ରା । ଏବେ କେବଳ ୫ ହଜାର ଟଙ୍କା ନୁହେଁ, ଋଣ ନେଇ ବ୍ୟବସାୟ ଆରମ୍ଭ କରିପାରିବେ ମହିଳା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରାକୁ ନେଇ ଆଉ ୩ଟି ପଦକ୍ଷେପ ନିଆଯାଇଥିବା ଘୋଷଣା କରିଛନ୍ତି । ଉତ୍କର୍ଷ ଓଡ଼ିଶାର ସୁଭଦ୍ରାରୁ ମୁଦ୍ରା କାର୍ଯ୍ୟକ୍ରମରେ ପ୍ରଭାତୀ ଏହି ବଡ଼ ସୂଚନା ଦେଇଛନ୍ତି । ସୁଭଦ୍ରାକୁ ନେଇ ରାଜ୍ୟ ସରକାରଙ୍କ ୩ଟି ପଦକ୍ଷେପ ହେଉଛି ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଓ ସୁଭଦ୍ରା ସେତୁ। ଏହି ୩ଟି ମାଧ୍ୟମ ମହିଳାମାନଙ୍କ ପାଇଁ ବେଶ୍ ସହାୟକ ହୋଇପାରିବ । ଶୁଣ ସୁଭଦ୍ରାରେ କିଛି ସନ୍ଦେହ ଥିଲେ ମହିଳାମାନେ ବିଭାଗକୁ ପଚାରି ପାରିବେ ଏବଂ ଯୋଗାଯୋଗ କରିପାରିବେ । କୁହ ସୁଭଦ୍ରାରେ ବିଭାଗ ହିତାଧିକାରୀଙ୍କୁ କଲ୍ କରି ସୁବିଧା ଅସୁବିଧା ପଚାରି ବୁଝିବ । ସୁଭଦ୍ରା ସେତୁ ଦ୍ୱାରା ୨୧ ବର୍ଷ ହେବାକୁ ଥିବା ହିତାଧିକାରୀଙ୍କୁ ଯୋଡ଼ାଯାଇ ପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ମୁଦ୍ରାରେ ସୁଭଦ୍ରା ହିତାଧିକାରୀଙ୍କୁ ଦେଖିବାକୁ ମିଳିବ ।

# 'ଓଡ଼ିଆ ଚଳଚ୍ଚିତ୍ର ଜଗତର ଭବିଷ୍ୟତ ଉଜ୍ଜ୍ୱଳ'




ଭୁବନେଶ୍ୱର,୨୯।୧

୧୯୩୬ ମସିହାରେ 'ସୀତା ବିବାହ' ଓଡ଼ିଆ ଚଳଚ୍ଚିତ୍ର ଜଗତର ମୂଳଦୁଆ ସ୍ଥାପନ କରିଥିଲା। ୧୯୭୪ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଲା। ବିଗତ କିଛି ବର୍ଷରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ଓ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଏହାର ଭବିଷ୍ୟତ ହେଉଛି ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ ବୋଲି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ହେଉଥିବା ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗ ସୃଷ୍ଟି ସମ୍ବନ୍ଧରେ ଆଲୋଚନା ପାଇଁ ଉଦ୍ଦିଷ୍ଟ ଏକ ଅଧିବେଶନରେ ମନ୍ତ୍ରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି ମତ ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ଯାଜପୁର କୋରେଇ ବିଧାୟକ ଆକାଶ ଦାସ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ, ଓଡ଼ିଶା ଫିଲ୍ମ କର୍ପୋରେଶନର ମ୍ୟାନେଜିଂର ସମର୍ଥ ବର୍ମାଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଅମିତାଭ ଗୁହା ଠାକୁର୍‌ତା, ପ୍ରମୋଦ ଅରୋରା, ଶିବାଶିଷ ସରକାର, ରାଜେଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ।

# ବୟନ ଶିଳ୍ପ କ୍ଷେତ୍ରରେ ଆସିବ ସମୃଦ୍ଧି

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍–୨୦୨୫ର ଦ୍ୱିତୀୟର ପ୍ରଥମ ଅଧିବେଶନ ଅବଧିରେ ବୟନ ଶିଳ୍ପ, ପୋଷାକ ଶିଳ୍ପ, ରେଶମ ଶିଳ୍ପ ଏବଂ ହସ୍ତତନ୍ତ ଆଦି କ୍ଷେତ୍ରର ବିକାଶ ପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରିକି ବୟନ ଶିଳ୍ପ କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନା ରାଜ୍ୟ ଓ ଶିଳ୍ପ ପାଇଁ ସମୃଦ୍ଧି ଆଣିବ ବୋଲି ଅଧିବେଶନରେ ଆଲୋକପାତ କରାଯାଇଥିଲା। ଏପରିକି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ମହାକୁମ୍ଭ 'ଉତ୍କର୍ଷ ଓଡ଼ିଶା' ଏକ ନୂଆ ଉର୍ଜା ଯୋଗାଇବ। ଏହି ଅବସରରେ ମୋଟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ୩୭ଟି ୟୁନିଟ୍‌ରେ ପ୍ରାୟ ୭୭୬୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏହା ଯୋଗୁ ରାଜ୍ୟରେ ୨୨,୦୦୦ ପ୍ରତ୍ୟକ୍ଷ ଏବଂ ୬୬,୦୦୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଦ ଇମର୍ଜିଂ ଡେଷ୍ଟିନେଶନ ଫର୍ ଟେକ୍ସଟାଇଲ୍ସ, ଆପାରେଲସ୍ ଆଣ୍ଡ ହ୍ୟାଣ୍ଡଲୁମସ୍ (ବୟନ, ପୋଷାକ, ଏବଂ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର) ଶୀର୍ଷକ ପ୍ରଥମ ଅଧିବେଶନରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଥିଲେ, ଉଦ୍ୟୋଗୀଙ୍କୁ ସୁହାଇବା ଭଳି ନୀତି, ଦୃଢ଼ ଭିତ୍ତିଭୂମି, ଆବଶ୍ୟକ କଞ୍ଚାମାଲ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ସୁଦକ୍ଷ ବୁଣାକାର ଓ ଡବଲ ଇଞ୍ଜିନ ସରକାର ଆମର ଶକ୍ତି ପାଲଟିଛି। ତେଣୁ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟରେ ବିପୁଳ ସୁଯୋଗ ରହିଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଓଡ଼ିଶାରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ୮ଟି ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ବସ୍ତ୍ର ଓଡ଼ିଶାର ଗରିମାମୟ ହସ୍ତତନ୍ତ ପରମ୍ପରାର ନିଦର୍ଶନ ବୋଲି ସେ କହିଥିଲେ।

# ଶିଳ୍ପ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ




ଭୁବନେଶ୍ୱର,୨୯।୧

ଦେଶର ପୂର୍ବ ଉପକୂଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଓଡ଼ିଶା ଅବସ୍ଥିତ। ଏପରିକି ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଓଡ଼ିଶା ଭାରତର ଆର୍ଥିକ ପ୍ରଗତି ନିମନ୍ତେ ପ୍ରବେଶ ଦ୍ୱାର ଭାବେ ଉଭାହୋଇପାରିବ। ଏହି ଲକ୍ଷ୍ୟ ସାକାରକରିବା ପାଇଁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ ରହିଛନ୍ତି। ସାମୂହିକ ଅଭିବୃଦ୍ଧି, ସ୍ଥାୟିତ୍ୱ ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତକରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ବାଣିଜ୍ୟ ଏବଂ ପରିବହନ, ଇସ୍ପାତ ଏବଂ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ମତପ୍ରକାଶ କରିଛନ୍ତି। ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍୨୦୨୫ର ଦ୍ୱିତୀୟ ଦିନରେ 'ଶିଳ୍ପ ଭିତ୍ତିଭୂମି, ବନ୍ଦର, ବିମାନବନ୍ଦର, ରେଳ ଓ ସଡ଼କ ପଥ' ଶୀର୍ଷକ ଅଧିବେଶନରେ ବିଶ୍ୱସ୍ତରୀୟ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ହବ୍ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅଧିବେଶନରେ ଅଧ୍ୟକ୍ଷତାକରି ମନ୍ତ୍ରୀ ଜେନା କହିଥିଲେ, ସାମୁଦ୍ରିକ ଓ ଲଜିଷ୍ଟିକ୍ ବିକାଶ ସହିତ ମାନବ ସମ୍ବଳର ବିକାଶ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟ ରହିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଓଡ଼ିଶାରେ ବିକାଶ ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ସୁବିଧା ରହିଛି।

# କୃଷି ବିକାଶରେ ସାମିଲହେବାକୁ ଉଦ୍ୟୋଗୀଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୯।୧

ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶାର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ 'କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ– ଓଡ଼ିଶାରେ ନିରନ୍ତର ଖାଦ୍ୟ ଓ ଅଭିବୃଦ୍ଧି' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ମୋଟ ୧୭ଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତହେବା ସହ ପ୍ରାୟ ୧୨୮୯ କୋଟି ଟଙ୍କାର ନିବେଶ ପାଇଁ ନିବେଶକମାନେ ସହମତି ପ୍ରଦାନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଅଧିବେଶନରେ ନିବେଶକମାନଙ୍କୁ ସମ୍ବୋଧିତକରି କହିଥିଲେ, ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆମକୁ ବିକଶିତ ଓଡ଼ିଶା ଗଠନ କରିବାକୁ ହେବ। ଏଥିପାଇଁ ଜୈବିକ କୃଷି, ଜଳବାୟୁ ସହନଶୀଳ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ଆବଶ୍ୟକ ରହିଛି। କୃଷିକ୍ଷେତ୍ରରୁ ବଜାର ମୂଲ୍ୟ ପର୍ଯ୍ୟନ୍ତ ସବୁଥିରେ ଅଭିବୃଦ୍ଧି ହେବା ଦରକାର ରହିଛି। ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା ଶୀତଳଭଣ୍ଡାର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଆନୁଷ୍ଠାନିକ ଭାବେ ଆଜିଠାରୁ ୫୮ଟି ଶୀତଳ ଭଣ୍ଡାର ଖୋଲାଯିବା ଯୋଜନା ଲାଗୁ କରାଗଲା। ଏହି ଅବସରରେ ରାଜ୍ୟ ସରକାର ୧୭ଟି କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ୧୨୮୯ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପଥ ପ୍ରଶସ୍ତ ହୋଇଛି। ଏଫ୍‌ପିଓ ଉପରେ ଏକ କଫି ଟେବୁଲ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଉଦ୍ୟୋଗୀଙ୍କୁ ବିଭିନ୍ନ ବ୍ୟବସାୟ ତଥା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାୟ ୫୦% ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନରେ ପୁଞ୍ଜିନିବେଶକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା–ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭର ଦ୍ୱିତୀୟ ଦିନରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗକୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ହେବା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଏବଂ ଏଥିସହ ଆମ ବିକାଶର ଯାତ୍ରା ଆହୁରି ତ୍ୱରାନ୍ୱିତ କରିବ। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ମତପ୍ରକାଶ କରିଥିଲେ। ଏହି ଅଧିବେଶନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କାର୍ଯ୍ୟକ୍ରମ, ଯୋଜନା ଓ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଟମୋସ୍ପିୟର ହସ୍ପିଟାଲିଟି, ଉତ୍କଳ ବିଲ୍ ଲିମିଟେଡ୍, ଏସ୍ ଏନ୍ ଏମ୍ ହୋଟେଲ ଆଣ୍ଡ ରିସର୍ଟସ୍ ଲିମିଟେଡ୍, ଆଦି ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# ପୁଞ୍ଜିନିବେଶ କରିବ 'ପ୍ରମୋଦ ହୋଟେଲ'

ଭୁବନେଶ୍ୱର,୨୯।୧




ଭୁବନେଶ୍ୱରଠାରେ ଆୟୋଜିତ ୨ ଦିନିଆ ନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୨୦୨୫'ର ୨ୟ ଦିନରେ ଟୁରିଜମ୍ ଓ ହସ୍ପିଟାଲିଟି ଉଦ୍ୟୋଗ ବିକାଶ ଉପରେ ଏକ ବିଶେଷ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏପରିକି ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରମୋଦ ହୋଟେଲ'ର ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି 'ପ୍ରମୋଦ ହୋଟେଲ' ୧୩୫ କୋଟିର ପୁଞ୍ଜିନିବେଶ କରିବାର ଲକ୍ଷ୍ୟ ରହିଥିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ କ୍ଷେତ୍ରରେ ପ୍ରମୋଦ ହୋଟେଲର ଯୋଗଦାନ ପ୍ରଶଂସନୀୟ ବୋଲି କହିଥିଲେ। ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ହୋଟେଲ ଶିଳ୍ପ ସହ ସଂପୃକ୍ତ ବିଶିଷ୍ଟ ଉଦ୍ୟୋଗପତି ଯୋଗଦେଇଥିଲେ। ସୂଚନାଯୋଗ୍ୟ, କଟକ, ପୁରୀ ଓ ଗୋପାଳପୁରଠାରେ 'ପ୍ରମୋଦ ହୋଟେଲ' ପର୍ଯ୍ୟଟକଙ୍କ ବିନୋଦନରେ ନିୟୋଜିତ ଅଛି।

# ବାୟୋଟେକ୍ନୋଲୋଜି କ୍ଷେତ୍ରରେ ପୁଞ୍ଜିନିବେଶ

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ରେ ସ୍ୱାସ୍ଥ୍ୟ, ଫାର୍ମା ଏବଂ ବାୟୋଟେକ୍ନୋଲୋଜି ଉପରେ 'ୟୁନିଭର୍ସାଲ ହେଲ୍‌ଥ ଆଣ୍ଡ ୱେଲ୍‌ନେସ ଇନ୍ ଓଡ଼ିଶା' ଶୀର୍ଷକ ଅଧିବେଶନ ଆୟୋଜିତ ହୋଇଯାଇଛି। ଏହି ଅଧିବେଶନରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ କାରିଗରି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ , ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି, ଯାହାଦ୍ୱାରା ଓଡ଼ିଶାର ଆର୍ଥିକ–ସାମାଜିକ ସ୍ଥିତିରେ ଆଶାତୀତ ଉନ୍ନତି ଆସିବ। ରାଜ୍ୟର ଅସୀମ ସୁଯୋଗ ଏବଂ ସମ୍ଭାବନାକୁ ପ୍ରଦର୍ଶିତକରିବା ପାଇଁ ଉତ୍କର୍ଷ ଓଡ଼ିଶା ହେଉଛି ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଆଜି ଓଡ଼ିଶା ନବସୃଜନ ଏବଂ ପୁଞ୍ଜି ବିନିଯୋଗର ଏକ ହବ୍ ଭାବେ ଉଭାହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ବିକଶିତ ଓଡ଼ିଶା–୨୦୩୬ର ସ୍ୱପ୍ନକୁ ସାକାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସରକାରଙ୍କ ସହ ହାତ ମେଳାଇବା ଦରକାର ରହିଛି। ସରକାରଙ୍କ ପ୍ରକୃତ ଲକ୍ଷ୍ୟ ହେଉଛି ଓଡ଼ିଶାର ବହୁ ଲକ୍ଷ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ବୋଲି ମନ୍ତ୍ରୀ ଡା. ମହାଲିଙ୍ଗ ଉଲ୍ଲେଖ କରିଛନ୍ତି। ଏହି ଅଧିବେଶନରେ ବିଜ୍ଞାନ ଓ କାରିଗରି ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁଗମ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର–ତଥା–ଶାସନ ସଚିବ ଅଶ୍ୱଥୀ ଏସ. ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଜ୍ୟ ପରିଚାଳନାରେ ୪୦୭୫ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ

ଭୁବନେଶ୍ୱର,୨୯।୧




'ଉତ୍କର୍ଷ ଓଡ଼ିଶା– ମେକ ଇନ ଓଡ଼ିଶା କନକ୍ଲେଭ ୨୦୨୫'ର ଦ୍ୱିତୀୟ ଦିନର 'ସର୍କୁଲାର ଇକୋନୋମି' ଅଧିବେଶନ ଅନୁଠେିତ ହୋଇଯାଛି। ଏଥିରେ ବିଭିନ୍ନ କମ୍ପାନୀ ବର୍ଜ୍ୟପରିଚାଳନା କ୍ଷେତ୍ରରେ ମୋଟ ୪୦୭୫ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଦେଇଛନ୍ତି। ଏହା ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଅଧିବେଶନରେ ଯୋଗଦେଇ କହିଛନ୍ତି, ଓଡ଼ିଶାର ବିଶାଳ ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ର ହେତୁ ଥର୍ମାଲ ପାୱାର ପ୍ଲାଣ୍ଟ, ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ, ଆଲୁମିନା ରିଫାଇନାରୀ, ସିମେଣ୍ଟ ପ୍ଲାଣ୍ଟ ଇତ୍ୟାଦି ଶିଳ୍ପରୁ ଉତ୍ପନ୍ନ ହେଉଥିବା ପ୍ରମୁଖ ବର୍ଜ୍ୟ ବର୍ତ୍ତମାନ ସମୟର ଅର୍ଥନୈତିକ ଇଞ୍ଜିନ ଏବଂ ସର୍ବାଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛିନ୍। ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ଏକ ସିମ୍ବାୟୋଟିକ ଆସୋସିଏସନରେ କଞ୍ଚାମାଲ ଭାବେ ବ୍ୟବହାର କରିବାର କ୍ଷମତା ରହିଥିବାରୁ ଏହା ଦ୍ୱାରା 'ବର୍ଜ୍ୟରୁ ସମ୍ପଦ'ର ଏକ ଇକୋସିଷ୍ଟମ ସୃଷ୍ଟି ହୋଇପାରିବ। ଓଡ଼ିଶାରେ ଫ୍ଲାଇ ଆଶ୍, ଜିପସମ୍, ପ୍ଲାଷ୍ଟିକ, ଇଲେକ୍ଟ୍ରୋନିକ୍ସ ଓ ବୟନଶିଳ୍ପରେ କଞ୍ଚାମାଲ ଏବଂ ସମ୍ପୂର୍ଣ୍ଣ ସାମଗ୍ରୀର ଆମଦାନୀ ଏବଂ ରପ୍ତାନି ପାଇଁ ସୁଯୋଗ ପ୍ରଦାନ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ କହିଛନ୍ତି, ଐହି କନକ୍ଲେଭ୍ ସର୍କୁଲାରିଟି ବିଭାଗରେ କାର୍ଯ୍ୟ କରୁଥିବା ନିବେଶକଙ୍କ ନିକଟରେ ପହଞ୍ଚିବା ଏବଂ ରାଜ୍ୟରେ ସେମାନଙ୍କର ପୁଞ୍ଜି ବିନିଯୋଗକୁ ସୁଗମ କରିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଭାରତରେ ବର୍ଜ୍ୟ ପରିଚାଳନା କ୍ଷେତ୍ରର ୨୦୨୩ରେ ବଜାର ମୂଲ୍ୟ ପ୍ରାୟ ୧୩.୧ ବିଲିୟନ ଆମେରିକୀୟ ଡଲାର ଥିଲା। ୨୦୩୨ ସୁଦ୍ଧା ଏହା ୨୧.୭ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

# ସୁଭଦ୍ରାରେ ୧.୭ କୋଟି ଯୋଗ୍ୟ ହିତାଧିକାରୀ ପଞ୍ଜୀକୃତ

## ସୁଭଦ୍ରାରୁ ମୁଦ୍ରା ଅଧିବେଶନ

ଭୁବନେଶ୍ୱର,୨୯।୧ (ଅନୁରାଧା ମହାରଣା)




ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନ 'ସୁଭଦ୍ରାରୁ ମୁଦ୍ରା' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ, ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କିସ୍ତି ପ୍ରଦାନ କରାଯାଇଛି। ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବା ପାଇଁ ସେ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ମହିଳାମାନେ ଦକ୍ଷତା ବିକାଶ ସହ ସେମାନଙ୍କୁ ଆଧୁନିକ ପ୍ରଣାଳୀରେ ବ୍ୟବସାୟ କରିବାର କୌଶଳ ଶିଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଆଲୋଚନାଚକ୍ରରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ , 'ସୁଭଦ୍ରା' ଯୋଜନା ଅଧୀନରେ ମହିଳାମାନଙ୍କ ଡିଜିଟାଲ ଓ ଆର୍ଥିକ ସାକ୍ଷରତା, ଉଦ୍ୟମିତାରେ ଉନ୍ନତି ଓ ନେତୃତ୍ୱ ନେବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଅବହେଳିତ ତଥା ଜନଜାତି ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲକରିବା ନିମନ୍ତେ ସୁଭଦ୍ରା ବହୁମାତ୍ରାରେ ସଫଳ ହୋଇପାରିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ 'ସୁଭଦ୍ରା'କୁ ମହିଳା ସଶକ୍ତୀକରଣର ପ୍ରତୀକ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ନିକୁଞ୍ଜ ଧଳ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଦୁଇଟି ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା। ମହିଳାଙ୍କୁ ବିଭିନ୍ନ କ୍ଷେତ୍ର ନିମନ୍ତେ ତାଲିମ ପ୍ରଦାନ କରିବା ନିମନ୍ତେ ଆଇଆଇଏମ୍, ସମ୍ବଲପୁର ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ସହ ଦୁଇଟି ବୁଝାମଣାପତ୍ର ବିଭାଗ ସହ ବିନିମୟ କରାଯାଇଥିଲା।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦/୨୦୨୫ | Bhubaneswar, Thursday, January 30/2025 | ପୃଷ୍ଠା-୧

# ମହାକୁମ୍ଭରେ ଦଳାଚକଟା: ୩୦ରୁ ଊର୍ଦ୍ଧ୍ୱ ମୃତ

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ବଡ଼ଧରଣର ଅଘଟଣ ଘଟିଛି। ବୁଧବାର ଭୋର ସମୟରେ ମୌନୀ ଅମାବାସ୍ୟା ପାଇଁ ଅନେକ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ସଙ୍ଗମସ୍ଥଳକୁ ଯାଇଥିବାବେଳେ ଦଳାଚକଟା ହୋଇଛି। ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ତେବେ ମୃତାହତଙ୍କ ପ୍ରକୃତ ସଂଖ୍ୟା ଅଧିକ ହୋଇଥିବା ଆଶଙ୍କା କରାଯାଉଛି। ଜାନୁଆରୀ ୧୯ରେ ମହାକୁମ୍ଭ ମେଳାର ସେକ୍ଟର ୧୯ରେ ନିଆଁ ଲାଗି ୧୮ଟି ଟେଣ୍ଟ ଜଳିଯାଇଥିବାବେଳେ ସଦ୍ୟ ଅଭାବନୀୟ ଦଳାଚକଟା ଏହି ଧର୍ମୀୟ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ଉଠାଇଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଭିଆଇପି ସଂସ୍କୃତି ଯୋଗୁ ଏପରି ଘଟିଥିବା ଦର୍ଶାଇ କେନ୍ଦ୍ର ଏବଂ ୟୁପିର ଭାଜପା ସରକାରଙ୍କୁ ଘେରିଛନ୍ତି।


ଦଳାଚକଟାରେ ଆହତ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଉଛି।

**ପ୍ରୟାଗରାଜ/ନୂଆଦିଲ୍ଲୀ,୨୯।୧**

ଗତ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଛି। ଫେବୃଆରୀ ୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଧର୍ମୀୟ ମହୋତ୍ସବ ପାଇଁ କେନ୍ଦ୍ର ଓ ୟୁପି ସରକାରଙ୍କ ପକ୍ଷରୁ ଅନେକ ହଜାର କୋଟି ଟଙ୍କା ବ୍ୟୟରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମୌନୀ ଅମାବାସ୍ୟାରେ ବୁଡ଼ ପକାଇଲେ ପିତୃପୁରୁଷଙ୍କ ଆତ୍ମାର ସଦ୍‌ଗତି ଓ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ବୁଧବାର ଭୋର ୪ଟାରେ ଅମୃତ ସ୍ନାନ ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁ ମଙ୍ଗଳବାର ରାତିରୁ ସଙ୍ଗମସ୍ଥଳରେ ଏକତ୍ର ହେବାରେ ଲାଗିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କହିବା ଅନୁସାରେ ସେମାନଙ୍କ ସଂଖ୍ୟା ୯ରୁ ୧୦ କୋଟି ହେବ। ରାତି ପ୍ରାୟ ୨ଟାରେ ଶ୍ରଦ୍ଧାଳୁମାନେ ସାଧୁଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ୍‌କୁ ଡେଇଁବାରେ ଲାଗିଥିଲେ। ଆଖଡ଼ା ମାର୍ଗରୁ ସଙ୍ଗମ ନୋଜ୍ ଆଡ଼କୁ ଧାଉଁଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଥିବାବେଳେ ଦଳାଚକଟା ହୋଇଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ରୁ ଅଧିକ ☞ପୃଷ୍ଠା-୨

## ଭିଆଇପିଙ୍କ ଆତ୍ମପ୍ରଚାରକୁ ଗୁରୁତ୍ୱ, ପ୍ରସ୍ତୁତିର ଅଭାବ: ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଉପଯୁକ୍ତ ପ୍ରସ୍ତୁତିର ଅଭାବ, ଭିଆଇପିମାନଙ୍କ ଗତିବିଧି ଏବଂ ଆତ୍ମପ୍ରଚାରକୁ ଗୁରୁତ୍ୱ ଦିଆଯିବା ଯୋଗୁ ଏଭଳି ଘଟିଛି। ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ସତ୍ତ୍ୱେ ଦଳାଚକଟାରେ ଲୋକଙ୍କ ପ୍ରାଣହାନି ଘଟିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଖାର୍ଗେ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ ହାଇପ୍ରୋଫାଇଲ ଭାଜପା ନେତା ମହାକୁମ୍ଭ ମେଳାରେ ବୁଡ଼ ପକାଇବାରେ ଲାଗିଥିବାରୁ କଂଗ୍ରେସ ନେତାମାନେ ପରୋକ୍ଷରେ ଏହାକୁ ଭିଆଇପି ସଂସ୍କୃତି ଆଖ୍ୟା ଦେଇଛନ୍ତି।

**ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫**

# ୧୪୫ ବୁଝାମଣାପତ୍ର ସ୍ୱାକ୍ଷର

- **ଆସିବ ୧୩ ଲକ୍ଷ କୋଟିର ପୁଞ୍ଜି**
- **ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି ସୁଯୋଗ**
- **ଶିଳ୍ପ କାୟାକଳ୍ପ ପରିବର୍ତ୍ତନ ହେବ: ମୁଖ୍ୟମନ୍ତ୍ରୀ**
- **୩୧ ଯାଏ ବଢ଼ିଲା କନ୍‌କ୍ଲେଭ ପ୍ରଦର୍ଶନୀ**

**ଭୁବନେଶ୍ୱର,୨୯।୧(ଅନିଲ ଦାସ)**

ସ୍ଥାନୀୟ ଜନତା ମଇଦାନଠାରେ ଅନୁଷ୍ଠିତ ୨ ଦିନିଆ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ ସମୁଦାୟ ୧୪୫ଟି ବୁଝାମଣାପତ୍ର(ଏମ୍‌ଓୟୁ)ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ମାଧ୍ୟମରେ ୧୨ ଲକ୍ଷ ୮୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ କେମିକାଲ୍‌ସ, ପେଟ୍ରୋକେମିକାଲ୍‌ସ, ଟେକ୍ସଟାଇଲ୍‌ସ, ମାଇନିଂ ଓ ମେଟାଲର୍ଜି, ଅକ୍ଷୟ ଶକ୍ତି, ଆଇଟି, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ବିଭିନ୍ନ କ୍ଷେତ୍ରରୁ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏହାଦ୍ୱାରା ରାଜ୍ୟରେ ୮ ଲକ୍ଷ ୯୪ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହି ରାଜିନାମାଗୁଡ଼ିକ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ କରିବା ସହ ବିଶ୍ୱସ୍ତରୀୟ ଶିଳ୍ପସଂସ୍ଥାଗୁଡ଼ିକ ସହିତ ସହଭାଗିତାର ନୂଆ ଯୁଗ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବୁଧବାର ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହିତ ରାଜ୍ୟରେ ସମାବେଶୀ ଅଭିବୃଦ୍ଧି (ଇନ୍‌କ୍ଲୁସିଭ ଗ୍ରୋଥ୍) ହୋଇପାରିବ। ଏମ୍‌ଓୟୁ ସ୍ୱାକ୍ଷର ବ୍ୟତୀତ ଆହୁରି ୩.୮୪ ଲକ୍ଷ କୋଟି ଟଙ୍କାର ୪୪୮ ପୁଞ୍ଜିନିବେଶ ଅଭିପ୍ରାୟ (ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ରିସିଭ୍‌ଡ ଇନ୍‌ଫର୍ମସ) ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଗ୍ରହଣ କରାଯାଇଛି। ଏହାଦ୍ୱାରା ୩.୯୨ ଲକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଏହି କନ୍‌କ୍ଲେଭରେ ସମୁଦାୟ ୨୦ଟି ସେକ୍ଟରରେ ୫୯୩ ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ୧୨.୮୮ ଲକ୍ଷ ନିଯୁକ୍ତି ସମ୍ଭାବନା ☞ପୃଷ୍ଠା-୨



କନ୍‌କ୍ଲେଭ୍‌ରେ ସ୍ୱାକ୍ଷର ହୋଇଥିବା ୧୪୫ ବୁଝାମଣାପତ୍ର ସମ୍ପର୍କରେ ସୂଚନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।




## ମହିଳା ଉଦ୍ୟୋଗୀଙ୍କ ପାଇଁ ହେବ ଶିଳ୍ପ ପାର୍କ

**ଭୁବନେଶ୍ୱର,୨୯।୧ (ଅନିଲ ଦାସ)**

ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ ପ୍ରତିଷ୍ଠା ହେବ। ଏଥିସହିତ ଇପିକଲ୍‌ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସେଲ୍ ଖୋଲିବ। ସ୍ଥାନୀୟ ଜନତା ମଇଦାନରେ ଚାଲିଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ୨୦୨୫ର ଦ୍ୱିତୀୟ ଦିବସରେ ମହିଳା ଉଦ୍ୟୋଗୀମାନଙ୍କ ଆଲୋଚନାଚକ୍ରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ହେଉଛି ମହିଳା ସଶକ୍ତୀକରଣର ଚାବିକାଠି। ଆଗାମୀ ବର୍ଷଗୁଡ଼ିକରେ ମହିଳାମାନଙ୍କୁ ସଫଳ ଉଦ୍ୟୋଗୀରେ ପରିଣତ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଜ୍ଞାନ ପ୍ରଦାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ବିଶ୍ୱବିଦ୍ୟାଳୟ ଏବଂ ବ୍ୟବସାୟିକ ବିଦ୍ୟାଳୟ ସହିତ ସହଯୋଗ କରି ଶିକ୍ଷାଗତ ଏବଂ ବ୍ୟବହାରିକ ବ୍ୟବସାୟ ଅଭିଜ୍ଞତା ପ୍ରଦାନ କରୁଥିବା ଛାତ୍ରବୃତ୍ତି, ଇର୍ଣ୍ଟର୍ନଶିପ୍ ଏବଂ ନେତୃତ୍ୱ କାର୍ଯ୍ୟକ୍ରମ ପ୍ରଦାନ କରାଯିବ। ରାଜ୍ୟ ସରକାର ଏକ ଜେଣ୍ଡର-ବଜେଟିଂ ପ୍ରସ୍ତୁତ କରୁଛନ୍ତି। ଚଳିତ ବଜେଟରେ ରାଜ୍ୟର ମୋଟ ବଜେଟ ବ୍ୟବସ୍ଥା ମଧ୍ୟରୁ ୭୫ ହଜାର ୬୨୩ କୋଟି ଟଙ୍କା ଅର୍ଥାତ ମୋଟ ବଜେଟ ଖର୍ଚ୍ଚର ୨୮.୫ ପ୍ରତିଶତ କେବଳ ରାଜ୍ୟର ମହିଳାମାନଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ସ୍ଥିର ହୋଇଛି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ। ଏହା ସେମାନଙ୍କୁ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକ ପାଣ୍ଠି ସୁବିଧା ଯୋଗାଇଦେବ।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନରେ ମହିଳାମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମହିଳା ଉଦ୍ୟୋଗୀଙ୍କ ଅର୍ଥନୈତିକ ନେତୃତ୍ୱରେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ବାଗ୍‌ଦାଦ ଓ ବୌଦ୍ଧଧର୍ମ



DSPL - 370

ODISHA NEW OPPORTUNITIES | CII Confederation of Indian Industry

# MAKE IT SUCCESS

Thank you for joining us and contributing to the grand success of the Utkarsh Odisha – Make in Odisha Conclave 2025. The event has reinforced Odisha's position as a premier destination for industrial growth, innovation, partnerships, and skilling.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"Odisha is truly Outstanding, Odisha symbolises the Optimism and Originality of New India, Odisha is a land of Opportunities, and the people here have always shown a passion to Outperform."*




**₹ 16.73 Lakh Crore MoUs & Investments Intents Received**

**12.88 Lakh Direct and Indirect Employment Generated**

**593 Projects announced across 20 diversified sectors**

**Over 150 Speakers in 16 Business Sessions**

**Over 10,000 Industry Delegate Registrations**

## BECOME A PART OF THE "SAMRUDH ODISHA 2036" JOURNEY

# INVEST IN ODISHA, INVEST IN FUTURE

OIPR-14005/13/0047/2425

"ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ।-ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ
ପୂଜା ଓ ଉପବାସ, ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



# ବାଗ୍‌ଦାଦ ଓ ବୌଦ୍ଧଧର୍ମ



ଦେବଦତ୍ତ ପଟ୍ଟନାୟକ

ଆମେ ଇସ୍‌ଲାମ ଖଲିଫା ବିଷୟରେ ଶୁଣିଛୁ। ଅଷ୍ଟମ ଶତାବ୍ଦୀରେ ବାଗ୍‌ଦାଦରେ ଆବ୍ବାସିଦ ସାମ୍ରାଜ୍ୟ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ତ୍ରୟୋଦଶ ଶତାବ୍ଦୀରେ ଏହି ସାମ୍ରାଜ୍ୟ ପତନର କାରଣ ହୋଇଥିଲେ ମଙ୍ଗୋଲୀୟମାନେ। କିନ୍ତୁ ଇସ୍‌ଲାମ ସାମ୍ରାଜ୍ୟର କେନ୍ଦ୍ର ବାଗ୍‌ଦାଦରେ ଉଭୟ ଉତ୍ଥାନ କିମ୍ବା ପତନରେ ବୌଦ୍ଧଧର୍ମ କିଭଳି ପ୍ରମୁଖ ଭୂମିକା ନିଭାଇଥିଲା ତାହା ସମ୍ପର୍କରେ କମ୍ ଆଲୋଚନା ହୁଏ। ଏହି ବିଷୟକୁ ଏଡ଼ାଇ ଯିବାର କାରଣ ହେଉଛି, ଅନେକ ଐତିହାସିକ ଏହାକୁ ଗ୍ରହଣ କରିବାକୁ ଅନିଚ୍ଛୁକ । ସେମାନଙ୍କ ମତରେ ଇସ୍‌ଲାମ ଶାସନର ପ୍ରାରମ୍ଭିକ ସମୟରେ ସମସ୍ତେ ମୁସଲମାନ ଧର୍ମାନ୍ତରିତ ହୋଇନାହାନ୍ତି । ଧର୍ମାନ୍ତରୀକରଣ ଧୀରେ ଧୀରେ ହୋଇଥିଲା ଓ ଏହା ଅନେକ ଶତାବ୍ଦୀ ଧରି ଚାଲିଥିଲା। ପରେ ଲେଖାଯାଇଥିବା ଅଧିକ ଇତିହାସ ଗ୍ରହଣ କରେ ଯେ, ୭ମ ଶତାବ୍ଦୀରେ ପ୍ରୋଫେଟ ମହମ୍ମଦଙ୍କ ଆଗମନ ହେବା ପରେ ଆରବ ମିଲିଟାରି ଅଭିଯାନ ବିସ୍ତାର ଲାଭ କରିଥିଲା। ଏହି ସମୟରେ ବିଜୟ ଲାଭ କରିଥିବା ସବୁ ଅଞ୍ଚଳକୁ ତତ୍‌କ୍ଷଣାତ ଇସ୍‌ଲାମରେ ପରିବର୍ତ୍ତନ କରାଯାଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ଅସତ୍ୟ ମନେହୁଏ।

ଇସ୍‌ଲାମ ସାମ୍ରାଜ୍ୟ ବିସ୍ତାର ହେବାରୁ ଆରବର ମକ୍କାରୁ ପ୍ରଥମେ ଭୂମଧ୍ୟସାଗର ନିକଟସ୍ଥ ଡାମାସ୍କସକୁ ସ୍ଥାନାନ୍ତର ହୋଇଥିଲା। ତାହା ପରେ ଏବକାର ଇରାକର ରାଜଧାନୀ ବାଗ୍‌ଦାଦକୁ ଆସିଥିଲା। ଇସ୍‌ଲାମ ସାମ୍ରାଜ୍ୟର ପ୍ରାରମ୍ଭରେ ଏହାକୁ ପଶ୍ଚିମରେ ଖ୍ରୀଷ୍ଟିଆନ ଓ ପୂର୍ବରେ ବିଶେଷକରି ପାରସ୍ୟ(ଏବକାର ଇରାନ) ରେ ଜୋରାଷ୍ଟ୍ରିଆନ୍ ସହ ସଂଘର୍ଷ କରିବାକୁ ପଡ଼ିଥିଲା। ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ଦୀର୍ଘ ଇତିହାସ ଥିବା ପର୍ସିଆନ ବା ଇରାନୀୟଙ୍କଠାରେ ଶାସନର ଗଭୀର ଜ୍ଞାନ ରହିଥିଲା ଏବଂ ବାଗ୍‌ଦାଦର ଉତ୍ଥାନରେ ସେମାନଙ୍କର ପ୍ରମୁଖ ଭୂମିକା ଥିଲା। ତେବେ ସେମାନେ ମଧ୍ୟ ସେମାନଙ୍କର ପ୍ରାଚୀନ ପାର୍ସୀ ପରମ୍ପରାଗୁଡ଼ିକୁ ପରିବର୍ତ୍ତନ କରି ନୂଆ ଆରବୀୟ ପରମ୍ପରାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ବାଗ୍‌ଦାଦ ଶିକ୍ଷାର କେନ୍ଦ୍ର ପାଲଟିଥିଲା, ଯେଉଁଠାରେ ଗଣିତ, ବିଜ୍ଞାନ ଏବଂ ଭାଷାର ବିକାଶ ହୋଇଥିଲା। ଭାରତରୁ ୟୁରୋପକୁ ଜ୍ଞାନ ବିତରଣ କରିବାରେ ଏହି ସହର ପ୍ରମୁଖ ଭୂମିକା ନିଭାଇଥିଲା। ବାଗ୍‌ଦାଦରେ ଥିବା ପ୍ରତିଷ୍ଠିତ ହାଉସ ଅଫ୍ ୱିସ୍‌ଡମ୍ ବା ଗ୍ରାଣ୍ଡ ଲାଇବ୍ରେରି ସଂସ୍କୃତ ବହିକୁ ଆରବୀୟ ଭାଷାରେ ଅନୁବାଦ କରି ପାଶ୍ଚାତ୍ୟକୁ ଜ୍ଞାନ ବିତରଣ କରିବାରେ ସକ୍ଷମ ହୋଇ ଶେଷରେ ବିଜ୍ଞାନ ବିପ୍ଳବରେ ସହାୟକ ହୋଇଥିଲା।

ବାଗ୍‌ଦାଦର ଉତ୍ଥାନରେ ବାରମାକିଡ ପରିବାରର ଭୂମିକାକୁ ପ୍ରାୟତଃ ଆମେ ଅଣଦେଖା କରିଛୁ। ଇସ୍‌ଲାମ ଧର୍ମକୁ ଗ୍ରହଣ କରିଥିବା ବାରମାକିଡମାନେ ମୂଳରୁ ବୌଦ୍ଧ ଥିଲେ । ସେମାନେ ହେଉଛନ୍ତି କେନ୍ଦ୍ର ଏସିଆର ନବ ବିହାର ମଠର



ପୂର୍ବତନ ମୁଖ୍ୟ। ସେମାନେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ସେମାନେ ସେମାନଙ୍କ ସନ୍ନ୍ୟାସ ପୃଷ୍ଠଭୂମିରୁ ବ୍ୟାପକ ଜ୍ଞାନ ହାସଲ କରିଥିଲେ। ଏହାସହ ଔଷଧ, ଗଣିତ, ପ୍ରାଚୀନ ରସାୟନ ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ଜ୍ଞାନର ଅଧିକାରୀ ବି ଥିଲେ। ସେମାନଙ୍କର ଜ୍ଞାନ ପ୍ରତି ଯେଉଁ ନିରନ୍ତର ଉତ୍ସାହ ରହିଥିଲା ତାହା ଇସ୍‌ଲାମ ଧର୍ମ ଶାସ୍ତ୍ର ତୁଳନାରେ ଯଥେଷ୍ଟ ଆଗରେ ରହିଥିଲା। ଏହି ଜ୍ଞାନର ଧାରା ଏକ ସୁବର୍ଣ୍ଣ ଯୁଗକୁ ବାଟ କଢ଼ାଇ ନେଇଥିଲା, ଯାହା ବାଗ୍‌ଦାଦକୁ ଶିକ୍ଷା ଏବଂ ସଂସ୍କୃତିର ଏକ ବୈଶ୍ୱିକ କେନ୍ଦ୍ର ଭାବେ ଗଢ଼ି ତୋଳିଥିଲା। ଆମେ ଏହି ସୁବର୍ଣ୍ଣଯୁଗର କଥା ଆରବିଆନ୍ ନାଇଟ୍ସ ଲୋକକଥାରେ ଶୁଣିବାକୁ ପାଉ। ଡିସ୍‌ନେର ଆଲାଦ୍ଦିନ କାହାଣୀରେ ଖଳ ଚରିତ୍ର ଜାଫର୍‌ଙ୍କୁ ଅନେକେ ଜାଣିଥିବେ। କିନ୍ତୁ ଜାଫର୍ ମୂଳତଃ ଜଣେ ବୌଦ୍ଧ ପରିବାରର ସଦସ୍ୟ ବୋଲି ଖୁବ୍ କମ୍ ଜାଣନ୍ତି। ବାରମାକିଡ ପରିବାର ବାଗ୍‌ଦାଦକୁ ଏକ ଗୋଲାକାର ଶୈଳୀରେ ଗଢ଼ିବାକୁ ଶାସକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଡିଜାଇନ ବିଶେଷକରି କେନ୍ଦ୍ରରେ ଆଦି ବୁଦ୍ଧ ଓ ତାଙ୍କ ଚାରିପାଖରେ ଧ୍ୟାନୀ ବୁଦ୍ଧ ଏବଂ ବୋଧିସତ୍ତ୍ୱମାନେ ରହିଥିବା ବୌଦ୍ଧ ତାନ୍ତ୍ରିକ ମଣ୍ଡଳକୁ ଦୃଷ୍ଟିରେ ରଖି କରାଯାଇଥିଲା। ତେବେ ବାରମାକିଡ ପରିବାର ବା ବଂଶର ବୌଦ୍ଧଧର୍ମ ସହ ସମ୍ପର୍କ ଥିବା ଯୋଗୁ ସେମାନେ ହଠାତ ଏବଂ ନାଟକୀୟ ଭାବେ ରାଜକୀୟ କୃପାରୁ ବଞ୍ଚିତ ହୋଇଥିବା ଅନୁମାନ କରାଯାଏ।

ତ୍ରୟୋଦଶ ଶତାବ୍ଦୀରେ ଯେଉଁ ମଙ୍ଗୋଲୀୟମାନେ ବାଗଦାଦ୍‌କୁ ନଷ୍ଟ କରିଦେଇଥିଲେ ସେମାନେ ଥିଲେ ବଜ୍ରଯାନ ବୌଦ୍ଧ ଧର୍ମର ଅନୁଗାମୀ। ସେମାନେ ଅବଲୋକିତେଶ୍ୱରଙ୍କ ଭୟଙ୍କର ରୂପ ମହାକାଳ ଭୈରବଙ୍କ ଉପାସକ ଥିଲେ ଏବଂ ସେମାନେ ଏହି ଯୁଦ୍ଧ ଦେବୀଙ୍କ ଅଲୌକିକ ଶକ୍ତିକୁ ସେମାନଙ୍କ ଯୁଦ୍ଧ ଅଭିଯାନରେ ବ୍ୟବହାର କରୁଥିଲେ। ଏହା ଥିଲା ମହାକାଳଙ୍କ ଭୟ ସୃଷ୍ଟିକାରୀ ପ୍ରଭାବ, ଯାହା ବାଗଦାଦ୍‌କୁ ଅଧିକ ନଷ୍ଟ କରିଥିଲା ବୋଲି ସେମାନେ ବିଶ୍ୱାସ କରନ୍ତି। ତିବ୍ବତୀୟ ବୌଦ୍ଧଧର୍ମର ଯୁଦ୍ଧ ଅଲୌକିକତା ବା ଯାଦୁ ମଙ୍ଗୋଲୀୟଙ୍କୁ ବୌଦ୍ଧଧର୍ମ ପ୍ରତି ଆକର୍ଷିତ କରିଥିଲା। ସେମାନଙ୍କର ନିଜସ୍ୱ ଈଶ୍ୱର ଥିଲେ, କିନ୍ତୁ ଏହି ଅଲୌକିକ ଶକ୍ତି ସେମାନଙ୍କୁ ଆକୃଷ୍ଟ କରିଥିଲା। ଶେଷରେ ବୌଦ୍ଧଧର୍ମର ଦୟାଭାବକୁ ବ୍ୟବହାର କରି ମଞ୍ଚୁ ଶାସନ କାଳରେ ଚାଇନାର ସମ୍ରାଟମାନେ ହିଂସ୍ର ମଙ୍ଗୋଲୀୟଙ୍କୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଥିଲେ।

ତ୍ରୟୋଦଶ ଶତାବ୍ଦୀରେ ଇରାନର ମଙ୍ଗୋଲ ଶାସକ ହୁଲଗୁ ଖାନ୍‌ଙ୍କ ଶାସନ ସମୟରେ ବୌଦ୍ଧ ଓ ଜୋରୋଷ୍ଟ୍ରିଆନ ସାଙ୍କେତିକ ତତ୍ତ୍ୱଗୁଡ଼ିକ ଇସ୍‌ଲାମିକ କଳାକୁ ପ୍ରଭାବିତ କରିବାକୁ ଲାଗିଲା। ଉଦାହରଣ ସ୍ୱରୂପ, ଏହି ଶାସନ ସମୟର କେତେକ ପୁରାତନ ଇସ୍‌ଲାମିକ ପେଣ୍ଟିଂରେ ତାନ୍ତ୍ରିକ ବୌଦ୍ଧଧର୍ମ ଓ ଜୋରୋଷ୍ଟ୍ରିଆନ ଧର୍ମର ସଙ୍କେତ ଦେଖିବାକୁ ମିଳେ। ଏହି ସମୟରେ ଚାଇନାରେ ମୁଦ୍ରଣ ଛାପାଖାନା ଥିବାରୁ ସେଠାରୁ ପ୍ରଥମେ କାଗଜ ଇରାନକୁ ଆସିଥିଲା। ବାଗ୍‌ଦାଦ ଚାଇନାରୁ କାଗଜ ଆଣିବାକୁ ଚାହିଁଥିଲା କିନ୍ତୁ ପ୍ରିଣ୍ଟିଂ ପ୍ରେସ ନୁହେଁ। ଚମତ୍କାର ଭାବରେ ମନ୍ତ୍ରଗୁଡ଼ିକର ମୁଦ୍ରିତ ସିଟ୍( ଯନ୍ତ୍ର) ବ୍ୟବହାର କରିବାର ତିବ୍ବତୀୟ ପରମ୍ପରାରୁ ଇସ୍‌ଲାମର ତାବିଜ ସୃଷ୍ଟି ହୋଇଥିଲା।

ତେବେ ବୌଦ୍ଧଧର୍ମାବଲମ୍ବୀଙ୍କ ପୁନର୍ଜନ୍ମ ସିଦ୍ଧାନ୍ତ ବା ବିଚାର ବାଗ୍‌ଦାଦର ଖଲିଫାଙ୍କ ଉପରେ ମଙ୍ଗୋଲୀୟଙ୍କ ବିଜୟକୁ ଦର୍ଶାଇବାରେ ବ୍ୟବହାର କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ବୁଦ୍ଧ ଏବଂ ଆଦି ପ୍ରୋଫେଟଙ୍କ ପୁନର୍ଜନ୍ମ ଲାଭ କରିଥିଲେ ମଙ୍ଗୋଲୀୟମାନେ। ଏହି କାହାଣୀ ଇସଲାମ ପଥରୁ ଦୂରେଇ ଯାଇଥିବା ଏକ ଦୁର୍ନୀତିଗ୍ରସ୍ତ ଶାସନକୁ ତଡ଼ି ଦେବା ପାଇଁ ନୈତିକ ଅଧିକାର ଦେଇଥିଲା। ଯେତେବେଳେ ମଙ୍ଗୋଲଙ୍କ ସହ ତାନ୍ତ୍ରିକ ବୌଦ୍ଧ ଧର୍ମ ବାଗଦାଦ ପତନର କାରଣ ହୋଇଥିଲା, ସେତେବେଳେ ଖିଲଜିମାନେ ଭାରତକୁ ଶାସନ କରୁଥିଲେ। ଏକ କିମ୍ବଦନ୍ତୀ ଅନୁଯାୟୀ, ସେହି ସମୟରେ ହୁଲଗୁ ଖାନ୍‌ଙ୍କ ଜେଜ ଚେଙ୍ଗିଜ ଖାନ୍ ଏକ ଗଣ୍ଡା (ବୌଦ୍ଧ ସନ୍ନ୍ୟାସୀଙ୍କ ଏକାନ୍ତତାର ସଙ୍କେତ)କୁ ଦେଖିବା ପରେ ସେ ଭାରତରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ସମ୍ଭବତଃ ଏହା ବୌଦ୍ଧମାନଙ୍କ ଯୁଦ୍ଧ-ଯାଦୁ, ଯାହା ତାଙ୍କୁ ଫେରାଇଦେଇ ପଶ୍ଚିମ ଏସିଆରେ ତାଙ୍କ ଶକ୍ତି ଖଟାଇବାକୁ ବାଧ କରିଥିଲା। କିନ୍ତୁ ତାଙ୍କ ନାତି ଏହି ଯୁଦ୍ଧ ଯାଦୁ ବା ଅଲୌକିକତାକୁ ବ୍ୟବହାର କରି ପ୍ରତିଷ୍ଠା କରିଥିବା ଏକ ବିଶାଳ ସାମ୍ରାଜ୍ୟକୁ ବିଶ୍ୱ ସବୁବେଳେ ମନେରଖିଛି। କୁବ୍‌ଲାଇ ଖାନ୍ ଚାଇନାରେ ତାନ୍ତ୍ରିକ ବୌଦ୍ଧ ଧର୍ମକୁ ବ୍ୟବହାର କରିଥିବାବେଳେ ହୁଲଗୁ ପାରସ୍ୟରେ ସମାନ କାର୍ଯ୍ୟ କରିଥିଲେ । କିନ୍ତୁ ଅଧିକାଂଶ ଲୋକ କୁବଲାଇଙ୍କୁ ଜାଣନ୍ତି , ଅଳ୍ପ କିଛି ହୁଲଗୁ ସମ୍ପର୍କରେ ଆଲୋଚନା କରିଥାନ୍ତି। ଏହିପରି ବୌଦ୍ଧ ଧର୍ମକୁ ଅନେକ ସମୟରେ ସହନଶୀଳ ଓ ଅହିଂସକ ଧର୍ମ ଭାବେ ପ୍ରତିଫଳନ କରାଯାଉଥିବାବେଳେ ବିଶାଳ ମୁସଲିମ ସହର ବାଗ୍‌ଦାଦର ଉତ୍ଥାନ ଓ ପତନରେ ଏହାର ପ୍ରଭାବ ସହାୟକ ହୋଇଥିଲା।

-devduttofficial@gmail.com

# କାମନା ଓ ଦ୍ୱନ୍ଦ୍ୱ



ଅନୀତା ପଟ୍ଟନାୟକ

ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ଶ୍ରୀମନ୍ଦିର ଭିତରେ ଗରୁଡ଼ସ୍ତମ୍ଭର ବାମକୋଣରେ ଚୁପ୍‌କରି ବସିଗଲି। ଆଖି ଖୋଲା ଥିବା ସତ୍ତ୍ୱେ ଠାକୁରଙ୍କର ଦର୍ଶନ ହୋଇପାରୁ ନ ଥିଲା। ହୁଣ୍ଡିରେ ଲୋକମାନେ ପଇସା, ଧନରତ୍ନ ପକାଇ ଠାକୁରଙ୍କ ଦର୍ଶନ ପାଇଁ ଆଗକୁ ମାଡ଼ି ଚାଲୁଥିଲେ। ମନରେ ଆସିଲା ଶ୍ରୀଚୈତନ୍ୟ, ଦାସିଆ ବାଉରୀ, ସାଲବେଗ, ଜଗନ୍ନାଥ ଦାସ ପ୍ରଭୃତି ଶ୍ରୀମନ୍ଦିର ହୁଣ୍ଡିରେ କେତେ ପଇସା ଦେଇଥିବେ। ମନ କହିଲା ମୂର୍ଖ! ସେତେବେଳେ ହୁଣ୍ଡି ନ ଥିବ। କିଛି ସମୟ ଧ୍ୟାନ କରିବାରୁ ଜଗନ୍ନାଥଙ୍କ କୃପାରୁ ହୃଦୟଙ୍ଗମ କଲି ଭଗବାନ + କାମନା ହେଉଛି ମଣିଷ। ମଣିଷ - କାମନା ହେଉଛି ଭଗବାନ। ଭଗବାନ ଯେତେବେଳେ କାମନା, ବାସନାଶୂନ୍ୟ, ମୁଁ କାହିଁକି କାମନା କରୁଛି ବା ଆମେ କାହିଁକି କାମନା କରୁଛୁ। ତେଣୁ ଭଗବାନଙ୍କୁ କୁହାଯାଏ କାମନାବିହୀନ ଯୋଗୀ।

ଆଖି ବନ୍ଦକଲି। ଜଗନ୍ନାଥଙ୍କୁ ପଚାରିଲି, ମୋର ଏ କାମନା ଆସୁଛି କେଉଁଠାରୁ? ହୃଦୟରୁ ଉତ୍ତର ମିଳିଲା, ସାଂସାରିକ ବନ୍ଧନରୁ। ମୁଁ ଯେତେ ଯେତେ ସଂସାର ବନ୍ଧନରେ ବାନ୍ଧି ହେଉଛି, ମୋର ସେତେ ସେତେ କାମନା ବଢ଼ୁଛି। ଏବେ ବୁଝିପାରିଲି ଯେଉଁମାନଙ୍କର ପୃଥିବୀ ସହ ବନ୍ଧନ ନାହିଁ ସେହିମାନଙ୍କୁ ଯୋଗୀ, ଋଷି, ମହାପୁରୁଷ କୁହାଯାଏ। ପୃଥିବୀର ସୁଖ, ସ୍ୱାଚ୍ଛନ୍ଦ୍ୟ, ଆରାମ ସେମାନଙ୍କ ନିକଟରେ ନ ଥାଏ। ମୁଁ ଭାବିଲି, ଏ କୋଣରେ ବସି ଭଗବାନଙ୍କୁ ଦେଖିବାକୁ ଚାହୁଁଛି। କଥା ହେବାକୁ ଚାହୁଁଛି। ହୃଦୟଙ୍ଗମ କରିବାକୁ ଚାହୁଁଛି। ଭିତରୁ ଉତ୍ତର ମିଳିଲା,ଏସବୁ ମୂଲ୍ୟହୀନ। କିଛି ନ ଚାହିଁବା ହିଁ ଆଧ୍ୟାତ୍ମିକତା। ଜଗନ୍ନାଥ କହିଲେ, ମୁଁ କ୍ଷୁଦ୍ରଠାରୁ କ୍ଷୁଦ୍ର ବଡ଼ ଠାରୁ ମଧ୍ୟ ବଡ଼। ଅଣୁରୁ ଅଣୀୟାନ ମହତୋ ମହୀୟାନ ଏକ ନୀରବଦ୍ରଷ୍ଟା। ମୁଁ ଯେତେବେଳେ ସର୍ବତ୍ର ବିଦ୍ୟମାନ ମତେ ପାଇବାକୁ ଆଶା କରିବା ଏକ ବୃଥା ପ୍ରୟାସ ନୁହେଁ କି? ଭାବିଲି ମଣିଷ କାମନା ସେତେବେଳେ କରେ ଯେତେବେଳେ ତାହା ପାଖରେ ନ ଥାଏ। ଭଗବାନ କ'ଣ ଏକ ବସ୍ତୁ ଯାହାକୁ ପାଇବାକୁ ମୁଁ କାମନା କରିବି? ମୁଁ ଭଗବାନଙ୍କୁ ଚାହେଁ, ମୁଁ ତାଙ୍କ ଭିତରେ ରହିବାକୁ ଚାହେଁ। ଏସବୁ ବୃଥା ପ୍ରଯତ୍ନ। କାରଣ ସେ ସର୍ବତ୍ର ସବୁ ସମୟରେ ବିଦ୍ୟମାନ। ଜଗନ୍ନାଥଙ୍କୁ କହିଲି, ହଉ ଛାଡ଼। ଆଜିକାଲି ଏଠି ନୂଆ ନୂଆ କୋଠା ତିଆରି ହେଉଛି। ପେନ୍‌ସନ ଗଣ୍ଡାଏ ପାଉଛି। ଗୋଟିଏ ଭଲ ଘର ତୁମ ପାଖରେ ରହିବା ପାଇଁ କରିଦିଅନ୍ତି କି? ଜଗନ୍ନାଥ କହିଲେ, ପୁରୀରେ ତୋର ଘର ଅଛି ଆଉ ଗୋଟାଏ ଘର କରିବୁ କ'ଣ? ମୁଁ କହିଲି, ମୁଁ ତ ଦେଖିପାରୁନାହିଁ। ସେ କହିଲେ, ମୁଁ ତୋର ହୃଦୟକୋଠରିରେ ବିଦ୍ୟମାନ। ମୁଁ ପଚାରିଲି, ମୁଁ କ'ଣ କଲେ ତୁମକୁ ଉପଲବ୍ଧି କରିବି? ଜଗନ୍ନାଥ କହିଲେ, କିଛି ନ କଲେ। କରିବା ତୋର ଚିନ୍ତାରୁ ଉତ୍ପନ୍ନ ହେଉଛି। ମନ କେତେକ ଚିନ୍ତାର ସମଷ୍ଟି। ଚିନ୍ତାଶୂନ୍ୟ ମନ ହିଁ ଭଗବତ ଉପଲବ୍ଧିର ଉପାୟ। ଚିନ୍ତା ଶୂନ୍ୟ ମନ ହିଁ ସମାଧିସ୍ଥ ଅବସ୍ଥା। ମନ ସାଂସାରିକ ଜିନିଷକୁ ବର୍ଣ୍ଣନା କରିପାରେ। ମୁଁ ମନରୁ ଉର୍ଦ୍ଧ୍ୱ ଏବଂ ବର୍ଣ୍ଣନାତୀତ।

ଧର୍ମର ସଂଜ୍ଞା ହେଉଛି ଆଶ୍ୱସ୍ତତା। ଉଦ୍‌ବେଗ ସାଂସାରିକ କାମନା ବାସନାରୁ ଜାତ। ତେଣୁ କିଛି କାମନା କରିବା ଓ ଉଦ୍‌ବେଗ ଶୂନ୍ୟ ହେବା ହିଁ ଧର୍ମ। ଚିନ୍ତା ଶୂନ୍ୟତା ନାହିଁ ମଣିଷକୁ ଉଦ୍‌ବେଗଶୂନ୍ୟ ସ୍ଥିତିକୁ ନେଇପାରେ। ମନ ସାଂସାରିକ ଜିନିଷ ନେଇ ବିଚଳିତ କରାଏ। ଆମେ ଲୋକମାନଙ୍କୁ ଗମ୍ଭୀର ମୁହଁ, ରାଗ ମୁହଁ ଓ ଲମ୍ବ ମୁହଁ ଦେଖାଉ। ହସ ହସ ମୁହଁ ନ ଥାଏ। ଉଦ୍‌ବେଗରେ ହସ ମୁହଁ ଆସିବ କେଉଁଠୁ? ଜଗନ୍ନାଥ କହିଲେ, ମୁଁ ଆନନ୍ଦ ହିଁ ଆନନ୍ଦ। ତୁମେ କେବେ ଶୁଣିଛ ଜଗନ୍ନାଥ ଦୁଃଖ ହିଁ ଦୁଃଖ। ତୁମେ ଆନନ୍ଦିତ ଅବସ୍ଥାରେ ରୁହ। ମୁଁ ପଚାରିଲି, ମୋର କାମନା ବାସନା ଆସୁଛି କେଉଁଠୁ? ଜଗନ୍ନାଥ କହିଲେ, ତୋର ଚିନ୍ତାରୁ ଉତ୍ପତ୍ତିସ୍ଥଳ ଖୋଜି ବାହାର କର। ଦେଖିବୁ ଚିନ୍ତା ଅପସରିଯିବ।

ଜଗନ୍ନାଥ କହିଲେ, କ୍ଷମତା ଓ ପ୍ରତିପତ୍ତି ତୋର ଗର୍ବରୁ ଜାତ। ଏହା ଏକ ଦ୍ୱୀପ ସଦୃଶ ଯାହାକି ଭଗବାନଙ୍କଠାରୁ ତତେ ଅଲଗା ରଖେ। ସବୁବେଳେ କହ, ମୁଁ ଆସିଛି ଭଗବାନଙ୍କର ସେବା କରିବା ପାଇଁ ସେବା ନେବା ପାଇଁ ନୁହେଁ। ସମ୍ପତ୍ତି ଠୁଳ କରିବାକୁ ନୁହେଁ। ପ୍ରେମର ବନ୍ଧନରେ ବାନ୍ଧିହେବା ପାଇଁ ମୁଁ ଆସିଛି। ମୁଁ ପ୍ରସିଦ୍ଧି ଲାଭ କରିବା ପାଇଁ, ନାମ, ଯଶ, କୀର୍ତ୍ତି ସ୍ଥାପନ କରିବା ପାଇଁ ଆସିନାହିଁ। ମୁଁ ଆସିଛି ହୃଦୟ ମନ୍ଦିରରେ ତୁମକୁ ଉପଲବ୍ଧି କରିବା ପାଇଁ ଅନ୍ୟ ସହ ପ୍ରତିଯୋଗିତା ପାଇଁ ନୁହେଁ। ଆଖି ଖୋଲିଲି, ମୁଁ ଘରେ ବସିଛି ଏହା ଥିଲା ମୋର କଳ୍ପନା ମାତ୍ର।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ
ମୋ: ୯୬୯୨୯୮୦୦୨୬

## ଏଇ ଭାରତରେ

ପେସାରେ ଶିକ୍ଷୟିତ୍ରୀ । ହେଲେ ଫୁଲ ଚାଷ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। କେରଳ ଥ୍ରିଶୁର ଜିଲା ବାସିନ୍ଦା ଲତିକା ସୁତାନ ବଗିଚାରେ ପଦ୍ମ ଓ କଇଁ ଫୁଲ ଚାଷ କରି ମାସକୁ ୪୦ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାସହ ଘରେ କିଭଳି ବିଭିନ୍ନ ବିଦେଶୀ ଫୁଲ ଚାଷ କରାଯାଇପାରିବ ସେ ସମ୍ପର୍କରେ ଅନ୍ୟମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସୁଦ୍ଧା ଲତିକା ୧୦୦ କିସମର ପଦ୍ମ ଫୁଲ ଏବଂ ୮୦ ପ୍ରକାରର କଇଁଫୁଲ ଚାଷ କରୁଛନ୍ତି। ଏଗୁଡ଼ିକୁ ସେ ଥାଇଲାଣ୍ଡ, ଜାପାନ, ଭିଏଟନାମ ଆଦି ଦେଶରୁ ଆମଦାନୀ କରିଛନ୍ତି। ଫୁଲ ଚାଷ ଅଭ୍ୟାସ ଲତିକାଙ୍କର ପିଲାଦିନରୁ ରହିଥିଲା। ସେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେବା ପରେ ମଧ୍ୟ ଏଥିରୁ ଓହରି ନ ଥିଲେ। ଏବେ ତାଙ୍କ ବୟସ ୫୧। ୨୦୧୮ରୁ ସେ ପଦ୍ମ ଓ କଇଁ ଚାଷର ବ୍ୟବସାୟୀକରଣ ଆରମ୍ଭ କରିଥିଲେ। ଲତିକା ଫୁଲ ବିକ୍ରି କରିବା ସହ ପ୍ରତିମାସରେ ୧୫୦ରୁ ଅଧିକ ପଦ୍ମଫୁଲ ଚାରା ଏବଂ ୧୦୦ରୁ ଉର୍ଦ୍ଧ୍ୱ କଇଁ ଚାରା ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩୦ ଜାନୁଆରୀ ୧୯୭୬

- ତିରୁପତି ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୯ ମହିଳା ଓ ଶିଶୁଙ୍କ ସମେତ ୧୧ ଜଣଙ୍କର ମୃତ୍ୟୁ।
- ସହରାଞ୍ଚଳ ଭୂ-ସମ୍ପତ୍ତିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଏବଂ ସେହି ଜମି ଉପରେ କୋଠାଘର ନିର୍ମାଣ ସଂକ୍ରାନ୍ତ ନୀତିନିୟମ ପ୍ରଣୟନ ବା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ବହୁପ୍ରତିକ୍ଷିତ ବିଲ୍ ଲୋକସଭାରେ ଆଗତ କରାଯାଇଛି।
- ପୂର୍ବତନ ସ୍ପେନ ଅଧିକୃତ ସାହାରା ଅଞ୍ଚଳରେ ଆଲଜେରିଆ ଓ ମରକ୍କୋର ସମସ୍ତ ବାହିନୀ ମଧ୍ୟରେ ପୁନରାୟ ପ୍ରବଳ ଯୁଦ୍ଧର ସୂତ୍ରପାତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | | |
| | 2 | | | | | | | 4 |
| 5 | | | | | 6 | | | 1 |
| | | 6 | 8 | | 4 | 1 | | |
| | | | 5 | | 1 | | 3 | |
| 8 | | 5 | | 6 | 2 | | | |
| | 6 | 4 | | 3 | | | | |
| 3 | | | | | | | 9 | |
| | 8 | | 1 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 8 | 9 | 7 | 2 | 3 | 4 |
| 9 | 3 | 2 | 1 | 5 | 4 | 6 | 7 | 8 |
| 8 | 7 | 4 | 2 | 3 | 6 | 5 | 1 | 9 |
| 3 | 5 | 9 | 4 | 7 | 2 | 8 | 6 | 1 |
| 6 | 2 | 8 | 9 | 1 | 3 | 7 | 4 | 5 |
| 4 | 1 | 7 | 5 | 6 | 8 | 9 | 2 | 3 |
| 1 | 4 | 5 | 7 | 2 | 9 | 3 | 8 | 6 |
| 2 | 9 | 6 | 3 | 8 | 1 | 4 | 5 | 7 |
| 7 | 8 | 3 | 6 | 4 | 5 | 1 | 9 | 2 |

ଗତକାଲିର ଉତ୍ତର

# ଇତିହାସ ବଦଳିବ ନାହିଁ



ବିଚିତ୍ର ବିଶ୍ୱାଳ

ଗାନ୍ଧୀଙ୍କୁ ଗୁଳିରେ ମାରି ହୁଏନି କି ମୂର୍ତ୍ତି ତିଆରି କରି ନାଥୁରାମକୁ ମହାନ୍ କରି ହୁଏନି। ବର୍ତ୍ତମାନକୁ ହୁଏତ ରଙ୍ଗ ମାଖି ଲୁଚାଇ ଦିଆଯାଇପାରେ, କିନ୍ତୁ ନିଷ୍ଠୁର ଇତିହାସ ସମସ୍ତଙ୍କ ମୁଖା ଖୋଲିଦିଏ। ଇତିହାସ ଗାନ୍ଧୀ ଓ ନାଥୁରାମଙ୍କୁ ନିଜ ନିଜ ସ୍ଥାନରେ ରଖିଦେଇଛି ଓ ଯୁଗ ଯୁଗ ଯାଏ ରଖିଥିବ ମଧ୍ୟ। ଇତିହାସକୁ କିଛି କ୍ଷଣ ପାଇଁ ବିକୃତ କରାଯାଇପାରେ କିନ୍ତୁ ଇତିହାସକୁ ବଦଳା ଯାଇପାରିବ ନାହିଁ। ଇତିହାସକୁ ବିକୃତ କରିବାର ଧାରା ସଂପ୍ରତି ଖୁବ୍ ଯୋଜନାବଦ୍ଧ ଭାବେ କରାଯାଉଛି। କିନ୍ତୁ ଏହା କହିବା ନିଷ୍ପ୍ରୟୋଜନ ଯେ, ଏହା କେବଳ ଏକ ନିଷ୍ଫଳ ପ୍ରୟାସ ହୋଇ ହିଁ ରହିଯିବ।

ଦୁଇ ବର୍ଷ ତଳେ ପଶ୍ଚିମବଙ୍ଗର ଏକ ଦୁର୍ଗାପୂଜାରେ ମହିଷାସୁରର ଚେହେରାକୁ ଏପରି ତିଆରି କରାଯାଇଥିଲା ଯେ ତାହା ମହାତ୍ମା ଗାନ୍ଧୀଙ୍କ ଚେହେରା ସହିତ ପ୍ରାୟ ମିଶୁଥିଲା। ମୋଟାମୋଟି ଭାବେ କହିଲେ ସେହି ଦୁର୍ଗାପୂଜାରେ ଦେବୀ ଦୁର୍ଗାଙ୍କ ଦ୍ୱାରା ଗାନ୍ଧୀଙ୍କୁ ହତ୍ୟା କରାଯାଉଥିବା ଦେଖାଯାଇଥିଲା। ମହିଷାସୁରର ଚେହେରାକୁ ଗାନ୍ଧୀଙ୍କ ଭଳି ତିଆରି କରି ଆୟୋଜକମାନେ କେବଳ ଦେବୀଙ୍କୁ ଅପମାନିତ କରିନାହାନ୍ତି, ମହିଷାସୁରକୁ ମାନବୀୟ ରୂପ ପ୍ରଦାନ କରି ନିଜ ସ୍ଖଳିତ ନୀତି ଓ ଆଦର୍ଶର ଖୋଲା ପରିଚୟ ଦେଇଛନ୍ତି। ସାରା ଦେଶରେ ଏପରି କାମର ବିରୋଧ ହେବାରୁ ଶେଷରେ ଆୟୋଜକମାନେ ଗାନ୍ଧୀଙ୍କ ଭଳି ଦିଶୁଥିବା ମହିଷାସୁର ମୂର୍ତ୍ତିରେ ଚୁଟି, ଦାଢ଼ି ଓ ନିଶ ଲଗାଇ ନିଜ ଦୋଷ ଲୁଚେଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆୟୋଜକମାନଙ୍କ କୁତ୍ସିତ ଉଦ୍ଦେଶ୍ୟ ଲୁଚି ନ ଥିଲା। କେବଳ ସେହି ଦୁର୍ଗାପୂଜାର ଆୟୋଜକ ନୁହନ୍ତି, ପୂର୍ବରୁ ଆହୁରି କେତେ ଲୋକ ଗାନ୍ଧୀଙ୍କ ଫଟୋ ଉପରେ ଗୁଳି ଚଳାଇଛନ୍ତି, ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମର ମହିମାଗାନ କରିଛନ୍ତି। କିନ୍ତୁ ଏହା ସତ୍ୟ ଯେ, ଯେତେ ଯେତେ ଗାନ୍ଧୀଙ୍କୁ ମାରିବାର ପ୍ରୟାସ କରାଯାଇଛି, ସେତେ ସେତେ ଗାନ୍ଧୀଙ୍କ ବିଚାର କୋଇଲା ଭିତରେ ହୀରା ପରି ଅଧିକ ଚକ୍‌ଚକ୍ କରିଛି।

ଏଠାରେ ପ୍ରଶ୍ନ ଉଠୁଛି, ଦେବୀ ଦୁର୍ଗାଙ୍କ ଦ୍ୱାରା ଗାନ୍ଧୀଙ୍କୁ ହତ୍ୟା କରାଯାଉଥିବା ଦେଖାଯିବାର କାରଣ କ'ଣ? ଗାନ୍ଧୀ ତାଙ୍କ ଜୀବନ ସାରା ସତ୍ୟ, ଅହିଂସା ଓ ସର୍ବଧର୍ମ ସମନ୍ୱୟର କଥା କହିଛନ୍ତି, ସେଇ କ'ଣ ତାଙ୍କର ଅପରାଧ! ଅସଲ କଥା ହେଉଛି, କିଛି ଲୋକଙ୍କ ପାଇଁ ତଥା କିଛି ସଂଗଠନ ଲାଗି ସତ୍ୟ, ଅହିଂସା ଓ ସର୍ବଧର୍ମ ସମନ୍ୱୟ ହଜମ ହେଉନାହିଁ। କାରଣ ସେମାନେ ଘୃଣାର ସୌଦାଗର ଓ ଧର୍ମକୁ ଘୃଣା ବନେଇବା ପାଇଁ ବ୍ୟବହାର କରି ଆସୁଛନ୍ତି। ଗାନ୍ଧୀଙ୍କ ହତ୍ୟାର ଦଶଦିନ ପୂର୍ବରୁ ଜାନୁଆରୀ ୨୦ ତାରିଖ ଦିନ ଗାନ୍ଧୀଙ୍କ ପ୍ରାର୍ଥନା ସଭା ଉପରକୁ ବମ୍ ପକାଯାଇଥିଲା। ଲୋକମାନେ ଦୌଡ଼ ଆରମ୍ଭ କରିଦେବା ଯୋଗୁ ସେତେବେଳେ ଗାନ୍ଧୀ କହିଥିଲେ, ନାହିଁ ଡର ନାହିଁ। ନାଥୁରାମର ତିନୋଟି ଗୁଳିକୁ ଛାତିରେ ଧରିବା ପରେ ତାଙ୍କ ମୁହଁରୁ ବାହାରିଥିଲା, ହେ ରାମ। ଯେଉଁ ବ୍ୟକ୍ତି ବମ୍ ପଡ଼ିବା



ପରେ ନ ଡରିବା ପାଇଁ ଆହ୍ୱାନ କରନ୍ତି, ଛାତିରେ ଗୁଳି ଖାଇବା ପରେ ବି ହେ ରାମ କହିପାରନ୍ତି, ତାଙ୍କୁ ଡରେଇବା ବା ମାରିବା ଏତେ ସହଜ ନୁହେଁ। ଗାନ୍ଧୀଙ୍କ ଜୀବନ କାଳରେ ତାଙ୍କୁ ମାରିବା ପାଇଁ ସମୁଦାୟ ପାଞ୍ଚ ଥର ପ୍ରୟାସ ହୋଇଛି। ପାକିସ୍ତାନକୁ ୫୫ କୋଟି ଟଙ୍କା ଦେବା କଥାରେ ଗାନ୍ଧୀ ରାଜି ହୋଇଯିବା ଯୋଗୁ ତାଙ୍କୁ ମାରିବା ପାଇଁ ନାଥୁରାମ ନିଷ୍ପତ୍ତି ନେଲା ବୋଲି ଯାହା କୁହାଯାଉଛି, ତାହା କେବଳ ଏକ ବାହାନା। କାରଣ ଯେତେବେଳେ ଜମାରୁ ବି ୫୫ କୋଟି ଟଙ୍କାର ପ୍ରସଙ୍ଗ ଆସି ନ ଥିଲା, ସେତେବେଳେ ବି ତାଙ୍କୁ ମାରିବାକୁ ପ୍ରୟାସ କରାଯାଇଛି। ମୁଖ୍ୟ କଥା ହେଉଛି, ଗାନ୍ଧୀ ମାନବିକତାର କଥା କହୁଥିଲେ, ଅହିଂସା ଓ ଭିନ୍ନ ଭିନ୍ନ ଧର୍ମ ଭିତରେ ଭାଇଚାରାର କଥା କହୁଥିଲେ। ଗାନ୍ଧୀ ବଞ୍ଚି ରହିଥିଲେ ଧର୍ମ ନାମରେ ଘୃଣାକୁ ବଞ୍ଚେଇବାର ସେମାନଙ୍କ ରାଜନୀତି ସଫଳ ହୋଇ ନ ଥାନ୍ତା। ତେଣୁ ସେମାନେ ଗାନ୍ଧୀଙ୍କୁ ମାରିବାର ସହଜ ରାସ୍ତା ବାଛିଲେ ଓ ଇତିହାସ ସେମାନଙ୍କୁ ସେମାନଙ୍କ ସ୍ଥାନରେ ରଖିଦେଲା। ଗାନ୍ଧୀଙ୍କୁ ମାରିବା ଏତେ ସହଜ ନୁହେଁ। ଯେତେ ଦିନ ଯାଏ, ସତ୍ୟ ଓ ପ୍ରେମର ମୂଲ୍ୟବୋଧ ଘୃଣା ଓ ହିଂସାଠାରୁ ଉପରେ ରହିଥିବ, ସେତେଦିନ ଯାଏ ଗାନ୍ଧୀ ଏକ ଉଜ୍ଜ୍ୱଳ ନକ୍ଷତ୍ର ପରି ସାରା ଦୁନିଆର ଆକାଶରେ ଚକ୍‌ଚକ୍ କରୁଥିବେ। ଯେତେଦିନ ଯାଏ ମଣିଷ ଭିତରେ ମଣିଷପଣିଆ ଟିକେ ଥିବ, ସେତେଦିନ ଯାଏ ଗାନ୍ଧୀ ଓ ନାଥୁରାମର ଫରକ ବାରିହୋଇପଡ଼ିବ। କିଛି ଲୋକ ନାଥୁରାମକୁ ଦେଶପ୍ରେମୀ ବୋଲି ବୃଥା ଆସ୍ଫାଳନ କରନ୍ତି। ଗାନ୍ଧୀ ନ ମରିଥିଲେ ସେମାନଙ୍କର ଧର୍ମ ନାମରେ ରାଜନୀତି କରିବା ସମ୍ଭବ ହୋଇ ନ ଥାନ୍ତା। ଆଜି ଧର୍ମ ନାମରେ ଯେପରି ରାଜନୀତି ଚାଲୁଛି ଗାନ୍ଧୀ ଆଉ କିଛି ଦିନ ବଞ୍ଚିଥିଲେ ହୁଏତ ସମ୍ଭବପର ହୋଇ ନ ଥାନ୍ତା।

ଗାନ୍ଧୀ କହୁଥିଲେ, ଯିଏ ଅସଲ ହିନ୍ଦୁର ଅର୍ଥ ବୁଝିଯିବ, ଯିଏ ଗୀତାର ମହତ୍ତ୍ୱକୁ ବୁଝିଯିବ, ସେ ଆଉ କେବଳ ହିନ୍ଦୁ ହୋଇ ରହିବ ନାହିଁ। ସେ ମଣିଷ ହୋଇଯିବ। ସେମିତି ଯିଏ ମୁସଲମାନର ଅର୍ଥ ବୁଝିଯିବ, ଯିଏ କୋରାନର ତତ୍ତ୍ୱକୁ ହୃଦୟଙ୍ଗମ କରିଯିବ, ସେ ଆଉ କେବଳ ମୁସଲମାନ ହୋଇ ରହିବ ନାହିଁ। ସେ ମଣିଷ ହୋଇଯିବ। କିନ୍ତୁ ଯେଉଁମାନଙ୍କ ମୁଣ୍ଡରେ ସାଂପ୍ରଦାୟିକତା ବସା ବାନ୍ଧିଛି ଓ ଦେଶକୁ ସାଂପ୍ରଦାୟିକତାର ବିଷ ବଳୟରେ ଘାଣ୍ଟିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ସଚ୍ଚା ହିନ୍ଦୁ ଓ ସଚ୍ଚା ମୁସଲମାନ ଉଭୟ ଅଡୁଆ। କାରଣ ସେମାନଙ୍କ ରୁଗ୍‌ଣ ମାନସିକତା ରାସ୍ତାରେ ସତ୍ୟ, ଅହିଂସା ଓ ସର୍ବଧର୍ମ ସମାନତା ଏକ ସକାରାତ୍ମକ ପ୍ରତିବାଦ, ଯାହା ଗାନ୍ଧୀ କରୁଥିଲେ। ଗାନ୍ଧୀଙ୍କ ହତ୍ୟା ପରେ ଆମ ଦେଶରେ ସେହି ଘୃଣା ସୃଷ୍ଟିକାରୀ ଗୋଷ୍ଠୀଙ୍କ କୁତ୍ସିତ ଉଦ୍ଦେଶ୍ୟ ଏଯାଏ ସାଧିତ ହୋଇପାରିନାହିଁ। କିନ୍ତୁ ସେମାନେ ଅତ୍ୟନ୍ତ ନିଷ୍ଠାର ସହିତ ନିଜ ପ୍ରୟାସ ଜାରି ରଖିଛନ୍ତି। ଆମକୁ ବୁଝିବା ଦରକାର , ବ୍ରିଟିଶ ବିରୋଧରେ ସଂଗ୍ରାମ କରି ଗାନ୍ଧୀ ପ୍ରାଣ ହରେଇ ନାହାନ୍ତି। ଗାନ୍ଧୀ ପ୍ରାଣ ହରାଇଛନ୍ତି, ମାନବିକତାର ଜୟଗାନ କରିବାର ଅପରାଧରେ। ଗାନ୍ଧୀ ଗୁଳି ଖାଇଛନ୍ତି ଘୃଣା ପରିହାର କରି ସର୍ବଧର୍ମ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବାର ପ୍ରୟାସରେ। ଆଜିର ସମାଜ ନିଶ୍ଚୟ ବିଚାର କରିବ, ଘୃଣା ଜରୁରୀ ନା ପ୍ରେମ! ଧର୍ମ ନାମରେ ସାଂପ୍ରଦାୟିକତାବାଦ ଦରକାର ନା ସର୍ବଧର୍ମ ସମନ୍ୱୟର ଭାବନା ଦରକାର!

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷା ପୂର୍ବରୁ ଚାପ ଦୂର କରନ୍ତୁ

ମହାଶୟ,

ଏବେ ପରୀକ୍ଷା ନିକଟତର ହୋଇ ଆସିଲାଣି। ଏଣୁ ପରୀକ୍ଷାର ଷ୍ଟ୍ରେସ୍ ବା ଚିନ୍ତା ହ୍ରାସ କରିବା ଜରୁରୀ। ପ୍ରଥମେ ପରୀକ୍ଷା ପ୍ରତି ମନରେ ଆସୁଥିବା ଭୟ ଦୂର କରନ୍ତୁ। ପରୀକ୍ଷା ସମୟର ଚିନ୍ତା ପିଲାଙ୍କ ପାଇଁ ଘାତକ ସଦୃଶ ହୋଇପାରେ। କାରଣ ପିଲାମାନେ ମନେରଖିଥିବା ପାଠ ଭୁଲି ଯାଇପାରନ୍ତି। ପରୀକ୍ଷା ଭୟ କାରଣରୁ ସେମାନଙ୍କର ଚେଷ୍ଟା ଓ ପ୍ରସ୍ତୁତି ନଷ୍ଟ ହୋଇପାରେ। ପ୍ରଥମରୁ ପ୍ରସ୍ତୁତି ପରୀକ୍ଷାର ବହୁ ପୂର୍ବରୁ ହିଁ ଆରମ୍ଭ କରି ଦିଅନ୍ତୁ । ଯେବେ ଆପଣ ପୂର୍ବରୁ ପ୍ରସ୍ତୁତି କରିବେ ତ ରିଭିଜନ କରିବାକୁ ଅଧିକ ସମୟ ମିଳିବ। ଅଧିକ କଠିନ ବିଷୟ ବା ଟପିକ୍‌କୁ ଛୋଟ ଛୋଟ ଭାଗ କରି ଏବଂ ସେଗୁଡ଼ିକୁ ନିୟମିତ ଭାବେ ମନେରଖନ୍ତୁ। ଯେବେ ଆପଣଙ୍କର ପ୍ରସ୍ତୁତି ପୂରା ହୋଇଯିବ ସେତେବେଳେ ପରୀକ୍ଷା ସମୟରେ ଅଧିକ ଆତ୍ମବିଶ୍ୱାସ ଆସିବ ଓ ନିଜକୁ ସକ୍ଷମ ବୋଲି ଅନୁଭବ କରିବେ । ଏତା ସହ ପରୀକ୍ଷାର ଭୟ ଆଉ ରହିବ ନାହିଁ। ମନେରଖନ୍ତୁ, ପରୀକ୍ଷା ପାଇଁ ଏକ ସମୟର ସାରଣୀ ବା ଟାଇମ୍‌ଟେବଲ ସେଟ୍ କରନ୍ତୁ । ନିଜର ଶକ୍ତି ଓ ଦୁର୍ବଳତାଗୁଡ଼ିକୁ ଧ୍ୟାନରେ ରଖି ପ୍ରତି ଟପିକ୍ ପାଇଁ ଟାଇମ ସ୍ଲଟ ସେଟ୍ କରନ୍ତୁ। ଆବଶ୍ୟକ ପଡ଼ିଲେ ଏହାକୁ ବଦଳାଇ ପାରିବେ। ପଢ଼ିବା ପାଇଁ ଯୋଜନା କରନ୍ତୁ । ଯୋଜନା ଅନୁସାରେ ପ୍ରସ୍ତୁତ ହେବା ବହୁତ ଜରୁରୀ । ଯଦି ପରୀକ୍ଷା ସମୟରେ ବା ପ୍ରସ୍ତୁତି ବେଳେ ବହୁତ ଭୟଭୀତ ହେଉଛନ୍ତି କିମ୍ବା ମାନସିକ ଅସୁସ୍ଥତାର ଲକ୍ଷଣ ଅନୁଭବ କରୁଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

-ପ୍ରଦେଶ ପ୍ରତ୍ୟୁଷ, କୁରୁମଟାଙ୍ଗର, ମହୁଲପଡ଼ା, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁଡାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଅ ଉକତ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବର୍ତ୍ତମାନ ସମୟ ହିଁ ଉଚିତ ସମୟ



**ମୋହନ ଚରଣ ମାଝୀ**

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ କରକମଳରେ ଉଦ୍‌ଘାଟିତ 'ଉତ୍କର୍ଷ ଓଡ଼ିଶା' କନକ୍ଲେଭ ଅତ୍ୟନ୍ତ ସଫଳତାର ସହିତ ସମାପ୍ତ ହୋଇଯାଇଛି। ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବା ସହ ନିବେଶକଙ୍କୁ ସେ ଗ୍ୟାରେଣ୍ଟି ଦେଇଛନ୍ତି। ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶା ଏଭଳି ଏକ ଉଦାହରଣ ହେବ ଯାହା କେହି କଳ୍ପନା କରି ନ ଥିବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବା ସହ ଓଡ଼ିଶା ନୂଆ ଆକାଂକ୍ଷା, ସୁଯୋଗ ଓ ସମ୍ଭାବନାର ଭୂମି ହେବ ବୋଲି କହିଛନ୍ତି। ଏଠାରେ ନିବେଶ କଲେ ସମସ୍ତ ନିବେଶକ ଓ ଉଦ୍ୟୋଗପତି ସଫଳତାର ଶିଖର ପର୍ଯ୍ୟନ୍ତ ପହଞ୍ଚିବେ ବୋଲି ଆଶ୍ୱସ୍ତ କରାଇଛନ୍ତି।

ମୋଦିଜୀ 'ଉତ୍କର୍ଷ ଓଡ଼ିଶା' ସମାବେଶକୁ ବୁଲି ଦେଖିଲା ପରେ ଏଭଳି ସୁବ୍ୟବସ୍ଥିତ ତଥା ଭବ୍ୟ ଆୟୋଜନ ପାଇଁ ପ୍ରଶଂସା କରିବା ସହ ରାଜ୍ୟରେ ପୂର୍ବରୁ ଅନୁଷ୍ଠିତ ତିନୋଟି ମେକ୍ ଇନ୍ ଓଡ଼ିଶା କନକ୍ଲେଭ ତୁଳନାରେ ଚଳିତଥର ୫-୬ଗୁଣ ଅଧିକ ନିବେଶକ ସାମିଲ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପୂର୍ବ-ଭାରତକୁ ଦେଶର ବିକାଶର ଅଭିବୃଦ୍ଧି ଇଞ୍ଜିନ ଭାବେ ଅଭିହିତ କରିଆସିଛନ୍ତି ମୋଦିଜୀ। ତାଙ୍କର ବିଶ୍ୱାସ ଯେ ଏଥିରେ ଓଡ଼ିଶାର ଏକ ବଡ଼ ଭୂମିକା ରହିଛି। ଏକଦା ଦକ୍ଷିଣ-ପୂର୍ବ ଏସିଆର ବାଣିଜ୍ୟ କାରବାର ମୁଖ୍ୟସ୍ଥଳୀ ଥିଲା ଏବଂ ଓଡ଼ିଶା ହିଁ ଭାରତର ପ୍ରବେଶ ଦ୍ୱାର ଭାବେ ପରିଗଣିତ ହେଉଥିଲା। ସେଥିପାଇଁ ଆଜି ବି ଓଡ଼ିଶାରେ ପ୍ରତିବର୍ଷ ବାଲିଯାତ୍ରା ଏକ ଐତିହାସିକ ମହୋତ୍ସବ ଭାବେ ପାଳନ କରାଯାଏ। ସମସ୍ତ ନିବେଶକାରୀ ଓ ଶିଳ୍ପପତିଙ୍କ ଦୃଷ୍ଟିଆକର୍ଷଣ କରି ସେ କହିଥିଲେ ଯେ, ଓଡ଼ିଶାର ଏହି ବିକାଶ ଯାତ୍ରାରେ ପୁଞ୍ଜିନିବେଶ ହିଁ ଆପଣମାନଙ୍କୁ ସଫଳତାର ନୂଆ ଶିଖରରେ ପହଞ୍ଚାଇବ। ଏକବିଂଶ ଶତାବ୍ଦୀର ଓଡ଼ିଶା ନିଜର ଗୌରବମୟ ପରମ୍ପରାକୁ ପୁଣିଥରେ ପୁନରୁଦ୍ଧାର କରିବାରେ ଲାଗିଛି। ଏହା ହିଁ ଓଡ଼ିଶାର ବିରାସତ୍ ବା ଐତିହ୍ୟ। ସିଙ୍ଗାପୁର ରାଷ୍ଟ୍ରପତି ମଧ୍ୟ ଓଡ଼ିଶା ସହ ସମ୍ପର୍କ ବୃଦ୍ଧି ପାଇଁ ଉତ୍ସାହ ପ୍ରଦାନ କରିଛନ୍ତି। ଆସିୟାନ ରାଷ୍ଟ୍ରଗୁଡ଼ିକ ମଧ୍ୟ ଓଡ଼ିଶା ସହ ବ୍ୟବସାୟ ପାଇଁ ଇଚ୍ଛୁକ। ଏବେ ଓଡ଼ିଶାରେ ସବୁ କ୍ଷେତ୍ରରେ ଏତେ ସମ୍ଭାବନାର ଦ୍ୱାର ଖୋଲିଯାଇଛି, ଯାହାକି ସ୍ୱାଧୀନତା ପରେ କେବେ ହୋଇ ନ ଥିଲା ବୋଲି ମୋଦିଜୀ କହିବା ତାତ୍ପର୍ଯ୍ୟପୂର୍ଣ୍ଣ।

ଶିଳ୍ପପତିଙ୍କୁ ସ୍ୱାଗତ କଲାବେଳେ ମୋ ବକ୍ତବ୍ୟର ଗୋଟିଏ ବାକ୍ୟ ଥିଲା 'ନିବେଶ ପାଇଁ ବର୍ତ୍ତମାନର ସମୟ ହିଁ ଉଚିତ ସମୟ'। ଏହି କଥାଟି ତାଙ୍କର ମନକୁ ଖୁବ୍ ପାଇଥିଲା। ସେ ନିଜ ବକ୍ତବ୍ୟରେ ଏହା ପ୍ରକାଶ କରି କହିଥିଲେ ଯେ, ବିପୁଳ ସମ୍ଭାବନାର କ୍ଷେତ୍ର ଓଡ଼ିଶା ପୁଞ୍ଜିନିବେଶ ପାଇଁ ଏକ ଉପଯୁକ୍ତ ସ୍ଥାନ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟବାସୀ ନେଇଥିବା ସଂକଳ୍ପକୁ ସଫଳ କରିବା ଲାଗି କେନ୍ଦ୍ର ସରକାରଙ୍କ ସହଯୋଗ ରହିବ। ପ୍ରଧାନମନ୍ତ୍ରୀ ଭାବେ ଗତ ୧୦ବର୍ଷ ମଧ୍ୟରେ ସେ ପ୍ରାୟ ୩୦ଥର ଓଡ଼ିଶା ଆସିସାରିଲେଣି, ଯାହାକି ପୂର୍ବତନ ପ୍ରଧାନମନ୍ତ୍ରୀମାନେ ହୁଏତ ଏତେଥର ଓଡ଼ିଶାକୁ ଆସି ନ ଥିବେ ବୋଲି ପ୍ରକାଶ କରି, ଓଡ଼ିଶାକୁ ସେ ଭଲ ପାଉଥିବା ଭଳି ଶିଳ୍ପପତିମାନେ ବି ଭଲ ପାଆନ୍ତୁ ବୋଲି କହିବା ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ।

ମୋ ସରକାର ଲୋକଙ୍କ ସରକାର। ବିକଶିତ ଓଡ଼ିଶା ଗଠନ ପାଇଁ ଲୋକମାନେ ଆମକୁ କ୍ଷମତାକୁ ଆଣିଛନ୍ତି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ ହେବାର ଶତବାର୍ଷିକୀ ଉତ୍ସବ ପାଳନ କରିବା ପୂର୍ବରୁ ଆମେ ବିକଶିତ ଓଡ଼ିଶା ପାଇଁ ପଣ କରିଛୁ। ଏଥିପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ପୁଞ୍ଜି ଆବଶ୍ୟକ ହେବ। ସେଇଥିପାଇଁ ତ ଉତ୍କର୍ଷ ଓଡ଼ିଶାର ଆୟୋଜନ। ପୁଞ୍ଜିନିବେଶକମାନେ ଗୋଟିଏ ପାହୁଣ୍ଡ ଚାଲିଲେ, ମୋ ସରକାର ୩ପାଦ ଚାଲିବାକୁ ପ୍ରସ୍ତୁତ ହୋଇ ରହିଛି। ସେମାନଙ୍କ ସୁବିଧା ପାଇଁ ଆମ ଡବଲ ଇଞ୍ଜିନ ସରକାର ସବୁପ୍ରକାରର ସୁବିଧା ଓ ସହଜ ବାତାବରଣ ସୃଷ୍ଟି କରିଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ସମର୍ଥନକୁ ପାଥେୟ କରି ଆମେ ୨୦୩୬ ସୁଦ୍ଧା ଓଡ଼ିଶାକୁ ନିଶ୍ଚୟ ସମୃଦ୍ଧ କରିବୁ। ଓଡ଼ିଶାର ଶିଳ୍ପକ୍ଷେତ୍ରରେ ବିକାଶ ହେଲେ କେବଳ ଆମ ରାଜ୍ୟ ପାଇଁ ନୁହେଁ ସମଗ୍ର ଭାରତ ପାଇଁ ପ୍ରଗତି ଓ ବିକାଶର ଇଞ୍ଜିନ ଭାବେ କାର୍ଯ୍ୟ କରିବ। ଓଡ଼ିଶାରେ ନିବେଶ କରିବା ପାଇଁ ଏହା ହିଁ ଉଚିତ ସମୟ।

ଆମେ ଦୁଇଦିନ ଧରି ଶତାଧିକ କମ୍ପାନୀର ମୁଖ୍ୟମାନଙ୍କ ସହ ସ୍ୱତନ୍ତ୍ର ଭାବେ ବୈଠକ କରିଥିଲୁ। ନିବେଶକଙ୍କ ପାଇଁ ଆମେ କିଭଳି ଅନୁକୂଳ ପରିବେଶ ବା ଇକୋସିଷ୍ଟମ ପ୍ରସ୍ତୁତ କରିଛୁ ତାହା ଅବଗତ କରି, ସେମାନଙ୍କ ଆବଶ୍ୟକତା ମଧ୍ୟ ବୁଝିଥିଲୁ। ଭୁଲ୍ ବୁଝାମଣା ଓ ଆନ୍ତରିକତା ଅଭାବ ହିଁ ଶିଳ୍ପାୟନ ରାସ୍ତାରେ ବଡ଼ ବାଧକ ବୋଲି ସମସ୍ତେ ଜାଣନ୍ତି; ଯେଉଁ କାରଣରୁ ଶିଳ୍ପପତି ଓ ନିବେଶକାରୀମାନେ ପରବର୍ତ୍ତୀ କାଳରେ ପ୍ରକଳ୍ପରୁ ଓହରି ଯାଇଥାଆନ୍ତି। ବିଭିନ୍ନ ରାଜ୍ୟ ସରକାର ନିଜ ନିଜ ରାଜ୍ୟରେ ଶିଳ୍ପାୟନ ପାଇଁ ପ୍ରତିଯୋଗିତା କରୁଥିଲାବେଳେ, ଆମ ରାଜ୍ୟବାସୀଙ୍କ ଶିଳ୍ପମନସ୍କତା, ରାଜ୍ୟର ଶିଳ୍ପନୀତି, ସରକାରୀ କଳ ପକ୍ଷରୁ ଆନ୍ତରିକ ସହଯୋଗ, ଅନୁକୂଳ ଇକୋସିଷ୍ଟମ, ସରଳ ଓ ସୁବିଧାରେ ବ୍ୟବସାୟ ଆରମ୍ଭ କରିବା ପାଇଁ ବ୍ୟବସ୍ଥା ତଥା ସ୍ଥାନୀୟ ଲୋକଙ୍କ ଭାଗୀଦାରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସବୁ ବ୍ୟବସ୍ଥା ନ କରି କେବଳ ଏମ୍‌ଓୟୁ କଲେ ବିକାଶ ହୋଇପାରେନା, ଏହା ରାଜ୍ୟବାସୀ ଅତୀତ ଅଭିଜ୍ଞତାରୁ ଜାଣନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନ କରି ଆମେ ୫ଲକ୍ଷ କୋଟି ଟଙ୍କାର ନିବେଶ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ। କିନ୍ତୁ ସମାବେଶ କାଳରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ପ୍ରତ୍ୟେକ ଶବ୍ଦ ଓ ବାକ୍ୟରେ ଥିବା କର୍ତ୍ତବ୍ୟନିଷ୍ଠା ଓ ପ୍ରତିବଦ୍ଧତା, ତାଙ୍କର ଓଡ଼ିଶା ପ୍ରତି ଶ୍ରଦ୍ଧା ଏବଂ ଆନ୍ତରିକତା ଏବଂ ଡବଲ ଇଞ୍ଜିନ ସରକାର ପ୍ରତି ଆସ୍ଥା ଓ ବିଶ୍ୱାସ ସହିତ ଏଭଳି ପରିବେଶ ସୃଷ୍ଟିକଲା; ଯାହା ଫଳରେ ନିବେଶ ପରିମାଣ ବଢ଼ିଗଲା।

ଏସବୁ ନିବେଶ ପ୍ରତିଶ୍ରୁତି କେବଳ ଖଣିଜ ଆଧାରିତ ଶିଳ୍ପ ନୁହେଁ, ବରଂ ଜଳଜାହାଜ ତିଆରି ଓ ମରାମତି, ପେଟ୍ରୋ କେମିକାଲ, ଅକ୍ଷୟ ଶକ୍ତି, ସବୁଜ ଉଦ୍‌ଜାନ ଇନ୍ଧନ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଆଧାରିତ ଶିଳ୍ପ, ଶିଳ୍ପ ପାର୍କ ପ୍ରତିଷ୍ଠା ଭଳି ଅନେକ ଆନୁଷଙ୍ଗିକ ଶିଳ୍ପକ୍ଷେତ୍ର ପାଇଁ ବରଦାନ। ଓଡ଼ିଶାରେ ପ୍ରକୃତିଦତ୍ତ ଧାତବ ଖଣିଜ ଓ କୋଇଲା ଗଚ୍ଛିତ ରହିଥିବାରୁ ଇସ୍ପାତ, ସିମେଣ୍ଟ, ଆଲୁମିନା, ସ୍ମେଲ୍‌ଟର, ଶକ୍ତି କ୍ଷେତ୍ରରେ ନିବେଶ ଆସିବା ଏକ ସ୍ୱାଭାବିକ କଥା। କିନ୍ତୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପୂରଣ ପାଇଁ ଅଣପାରମ୍ପରିକ ନବସୃଜନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଶିଳ୍ପ ସଂସ୍ଥା ଆଗେଇ ଆସିବା ନିଶ୍ଚୟ ଉତ୍ସାହପ୍ରଦ। ଓଡ଼ିଶାରେ ଉଚ୍ଚ ଗୁଣମାନର, ରପ୍ତାନିଯୋଗ୍ୟ ତଥା ମୂଲ୍ୟଯୁକ୍ତ ଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରୁଥିବା କଳକାରଖାନା ସ୍ଥାପିତ ହେଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ହେବା ନିଶ୍ଚିତ। କିନ୍ତୁ ସବୁଠୁ ବଡ଼କଥା ହେଲା, ଆମ ରାଜ୍ୟର ଯୁବବର୍ଗଙ୍କୁ ନିଯୁକ୍ତି ମିଳିବା ସହିତ, ସେମାନେ ନିଯୁକ୍ତିଦାତା ଭାବେ ରୂପାନ୍ତରିତ ହେବା ସମ୍ଭବ ହେବ। ଆମ ରାଜ୍ୟର ରାଜକୋଷ ସମୃଦ୍ଧ ହେବା ସହିତ ରାଜ୍ୟବାସୀଙ୍କ ପକେଟକୁ ଅଧିକ ରୋଜଗାର ଆସିବ। ଆମ ରାଜ୍ୟର ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ନ ଯାଇ ଓଡ଼ିଶାରେ କାମ କରିବେ। ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆଉ ଗରିବ ହୋଇ ରହିବ ନାହିଁ, ଏହା ମୋର ସଂକଳ୍ପ। ଆମେ ଏହି ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ କରି ଚାଲିଛୁ ଏବଂ କରିବୁ ମଧ୍ୟ।

ପୂର୍ବରୁ ଥିବା ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ଉଦ୍ୟମ ଓ କେନ୍ଦ୍ର ସହଯୋଗ ସତ୍ତ୍ୱେ ଯେତେ ସଂଖ୍ୟକ ବୃହତ୍ ଶିଳ୍ପ ପ୍ରତିଷ୍ଠାକୁ ଅନୁମୋଦନ ମିଳୁଥିଲା ସେଥିରୁ ୨୦ ପ୍ରତିଶତ ବି ପ୍ରତିଷ୍ଠା ହୋଇପାରୁ ନ ଥିଲା। କେଉଁଠି ସ୍ଥାନୀୟ ଲୋକଙ୍କ ବିରୋଧ ହେଉଥିଲା ତ, ବିଭିନ୍ନ ପ୍ରକାର ଅନୁମତି ଏ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ସାଜୁଥିଲା। ରାଜ୍ୟରେ କିଭଳି ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରାଯାଇ ଲୋକଙ୍କ ହାତକୁ କାମ ଯୋଗାଇ ଦିଆଯିବ ସେଥିପାଇଁ ଏକକ ବାତାୟନ ବ୍ୟବସ୍ଥାରେ ପୁଞ୍ଜିନିବେଶକୁ ମଞ୍ଜୁରୀ ପ୍ରଦାନ କରୁଛୁ ଏବଂ ଆଗକୁ ଏହାର ଗତି ବଢ଼ିବାର ସୂଚନା ଦେଇଛି ଉତ୍କର୍ଷ ଓଡ଼ିଶାରେ ଯୋଗଦେଇଥିବା ନିବେଶକଙ୍କ ଆଗ୍ରହ। ଆମେ କିନ୍ତୁ ସେଗୁଡ଼ିକ ମଧ୍ୟରୁ ଖାଦ୍ୟ ପ୍ରକ୍ରିୟାକରଣ, କୃଷିଭିତ୍ତିକ ଶିଳ୍ପ, ଅକ୍ଷୟ ଶକ୍ତି, କାଗଜ ଉତ୍ପାଦନ, ବୟନ ଶିଳ୍ପ, ପୋଷାକ ପ୍ରସ୍ତୁତି, ପେଟ୍ରୋ କେମିକାଲ୍ସ, କାଠ ଶିଳ୍ପ, ବିମାନ ଶିଳ୍ପ, ଔଷଧ, ପର୍ଯ୍ୟଟନ, ସିମେଣ୍ଟ ଓ ପ୍ଲାଷ୍ଟିକ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଯାଉଛୁ।

ସବୁଠାରୁ ନୈରାଶ୍ୟଜନକ ସ୍ଥିତିରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରରେ ସର୍ବାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇପାରିବ। ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଓଡ଼ିଶାର ସାମୁଦ୍ରିକ ବେଳାଭୂମି, ଜଙ୍ଗଲ, ପାହାଡ଼ ପର୍ବତ, କଳା ଓ ସଂସ୍କୃତିକୁ ଆଧାର କରି ପର୍ଯ୍ୟଟନ ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି। ଆମେ, ଏହି ଦିଗରେ ମଧ୍ୟ ଅଧିକ ଆଗ୍ରହ ପ୍ରଦର୍ଶନ କରିବୁ। ଗୁଜରାଟରେ ଥିବା ବୟନ ଶିଳ୍ପ କ୍ଷେତ୍ରରେ ତଥା ରତ୍ନ ପଥର ଶିଳ୍ପରେ ପ୍ରାୟ ସାତ ଲକ୍ଷ ପ୍ରବାସୀ କୌଶଳୀ ଓଡ଼ିଆ ଶ୍ରମିକ କାମ କରୁଛନ୍ତି। ରତ୍ନଗର୍ଭା ଓଡ଼ିଶାର ମାଟି ତଳେ ରହିଛି ବିଭିନ୍ନ ପ୍ରକାର ମୂଲ୍ୟବାନ ରତ୍ନପଥର। ଓଡ଼ିଶାରେ ସୂତା କଳ ଓ ଲୁଗାକଳ ପ୍ରତିଷ୍ଠା ହେଲେ କପାଚାଷୀ ଲାଭବାନ ହେବେ ଓ ଓଡ଼ିଆ ପୁଅ ଓଡ଼ିଶାରେ ରହି କାମ କରିବ। ସେହିପରି ଆଖୁ ଓ ଝୋଟ ଚାଷ ସହିତ ଚିନିକଳ ଓ ଝୋଟକଳ ପ୍ରତିଷ୍ଠାକୁ ଆମେ ଗମ୍ଭୀରତାର ସହିତ ଗ୍ରହଣ କରିଛୁ। ଆମ ରାଜ୍ୟ ଓ ଦେଶର ଶିଳ୍ପପତିଙ୍କ ସହଯୋଗରେ ଆଗାମୀ ଦିନରେ ଏଭଳି ଅନେକ କୃଷି ଆଧାରିତ ଶିଳ୍ପ ଉଦ୍ୟୋଗ ସ୍ଥାପନ କରିବାକୁ ଆମେ ସଂକଳ୍ପ ନେଇଛୁ। ରାଜ୍ୟବାସୀଙ୍କ ନିରନ୍ତର ସହଯୋଗ ପାଇଲେ, ଏକ ସମତୁଲ ଶିଳ୍ପ ବିକାଶର ନୀଳନକ୍ସା କାର୍ଯ୍ୟକାରୀ ହୋଇପାରିବ। ଏହି ଅବସରରେ, ମୁଁ ନିମନ୍ତ୍ରିତ ଅତିଥି, ଗଣମାଧ୍ୟମ, ଯୁବ ଉଦ୍ୟୋଗୀ ଓ ଶିଳ୍ପ ସଂଗଠନ ପ୍ରତିନିଧିମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଉଛି। ବନ୍ଦେ ଉତ୍କଳ ଜନନୀ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା।**

# ଗୀତିକାର, ନିର୍ଦ୍ଦେଶକ ବୃନ୍ଦାବନ ଜେନାଙ୍କ ପରଲୋକ

କଟକ,୨୯।୧(କାର୍ତ୍ତିକ ସାହୁ)



ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଗୀତିକାର, ସଂଳାପକାର, ଚିତ୍ରନାଟ୍ୟ ଲେଖକ ତଥା ନିର୍ଦ୍ଦେଶକ ବୃନ୍ଦାବନ ଜେନା(୮୧)ଙ୍କର ବୁଧବାର ପରଲୋକ ହୋଇଯାଇଛି। ୫ ମାସ ତଳେ ବାଥ୍‌ରୁମରେ ପଡ଼ିଯିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ମେଡିକାଲ ନିଆଯିବା ପରେ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଜଣାପଡ଼ିଥିଲା। ସେବେଠାରୁ ବିଭିନ୍ନ ମେଡିକାଲରେ ପର୍ଯ୍ୟାୟକ୍ରମେ ଚିକିତ୍ସିତ ହେବା ପରେ ଘରକୁ ଆଣି ଚିକିତ୍ସା କରାଯାଉଥିଲା। ଗତ ୨୦ ଦିନ ହେବ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲ ନୂଆ ମେଡିସିନ ୱାର୍ଡ ପ୍ରଥମ ମହଲା ଆଇସିୟୁର ୧୩ ନମ୍ବର ବେଡ୍‌ରେ ଚିକିତ୍ସାଧୀନ ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ପ୍ରଜ୍ଞା ପାରମିତା ଜେନା ଥିଲେ। ତାଙ୍କର ଏକମାତ୍ର ଝିଅ ସ୍ୱାତୀ ସାତଶୁଭ୍ରା ବାଙ୍ଗାଲୋରରେ ଚାକିରି କରୁଛନ୍ତି। ସେ ଗୁରୁବାର କଟକରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି।

ଗୋରୀ ଦେଖିଲି କାଳୀ ଦେଖିଲି ଦେଖିଲି ଝିଅ ପଣେ ତୋରି ପରି ଏଡ଼େ ସୁନ୍ଦରୀ ନାହିଁ ତ କେହି ଜଣେ..., ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ଆଦି ଗୀତ ତାଙ୍କୁ ବେଶ୍ ଲୋକପ୍ରିୟ କରିପାରିଥିଲା। ୧୯୪୪ ଜାନୁଆରୀ ୧୫ ତାରିଖରେ ଜନ୍ମିତ ବୃନ୍ଦାବନ କଟକ ସିଡିଏ ସେକ୍ଟର-୬ର ସ୍ଥାୟୀ ବାସିନ୍ଦା। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ। ୧୯୬୫ ମସିହାରୁ ଆକାଶବାଣୀ ତଥା ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି ଭାବେ ମାନ୍ୟତାପ୍ରାପ୍ତ। ୧୯୭୨ରୁ ଓଡ଼ିଆ ଚଳଚ୍ଚିତ୍ରରେ ଜଣେ ଗୀତିକାର, ଚିତ୍ରନାଟ୍ୟ, ସଂଳାପ ଲେଖକ ଓ ନିର୍ଦ୍ଦେଶକ ଭାବେ ପ୍ରତିଷ୍ଠିତ ହୋଇପାରିଥିଲେ। କେନ୍ଦ୍ର ସରକାରଙ୍କ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟରୁ ଜଣେ ବରିଷ୍ଠ ପଦାଧିକାରୀ ଭାବେ ୨୦୦୪ ମସିହାରେ ଅବସର ଗ୍ରହଣ କରିଥିଲେ।

ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଭାବେ ବାଟ ଅବାଟ, ଶାସ୍ତି, ଦ୍ୱିଭାଷୀ ଚଳଚ୍ଚିତ୍ର ହରପାର୍ବତୀ ତାଙ୍କୁ ସଫଳତା ଆଣିଦେଇଥିଲା। କାହ୍ନୁଚରଣ ମହାନ୍ତିଙ୍କ ବଳିଷ୍ଠ ଉପନ୍ୟାସ ଶାସ୍ତିର ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଥିବାବେଳେ ଚଳଚ୍ଚିତ୍ରଟି ଜାତୀୟ କାର୍ଯ୍ୟକ୍ରମରେ ବହୁବାର ପ୍ରସାରିତ ଓ ସମ୍ମାନିତ ହୋଇଛି। ତେବେ ଗୀତିକାର ଭାବେ ଧରିତ୍ରୀ, ଘର ସଂସାର, ଅଶାନ୍ତ ଗ୍ରହ, ଅମର ପ୍ରେମ, ବନ୍ଧୁ ମହାନ୍ତି, ଅଲିଭା ଦାଗ, ସିନ୍ଦୂର ବିନ୍ଦୁ, କୁଳଚନ୍ଦ୍ରମା, ପତିପତ୍ନୀ, ଜନ୍ମଦାତା, ବାଟ ଅବାଟ, ଶାସ୍ତି, ଦେବକୀ, ହରପାର୍ବତୀ ଭଳି ପ୍ରାୟ ୨୫ଟି ଚଳଚ୍ଚିତ୍ରରେ ସେ କାମ କରିଛନ୍ତି। ସେହିପରି ଜଣେ ସଂଳାପକାର ଭାବେ ଘର ସଂସାର, ଅମର ପ୍ରେମ, କୁଳଚନ୍ଦ୍ରମା, ପତିପତ୍ନୀ, ବାଟ ଅବାଟ, ଦେବକୀ, ଶାସ୍ତି, ଶୁଭକାମନା, ହରପାର୍ବତୀ, ଭାଇ ଭାଇ ଆଦି ଚଳଚ୍ଚିତ୍ର ଉଲ୍ଲେଖନୀୟ। ଦୂରଦର୍ଶନ ଧାରାବାହିକ ଅଖ ବୁଲୁଥିଲେ ଚକ ବୁଲୁଥାଇ, ଗୀତି ଧାରାବାହିକ ବର୍ଣ୍ଣାଳୀର ଚିତ୍ରନାଟ୍ୟ, ସଂଳାପ, ଗୀତିକାର ଏବଂ ନିର୍ଦ୍ଦେଶକ ଭାବେ ସେ କାମ କରିଛନ୍ତି। ମଞ୍ଚ ନାଟ୍ୟକାର ତଥା ନିର୍ଦ୍ଦେଶକ ଭାବେ ପୋଷାବାଘ, ରାଜସାକ୍ଷୀ, ଅଥ ବିବାହ ସଂବାଦମ୍, ସେ ଆସିବ ବୋଲି, ପାରିଧି, ଶ୍ୱାନ ଉପାଖ୍ୟାନ, ଶାହାଜାହାନ, ଏକବିଂଶ ଶତାବ୍ଦୀ ଗବେଷଣାଗାର ଆଦିରେ ସେ ନିଜ ଦକ୍ଷତାର ପରାକାଷ୍ଠା ଦେଖାଇଛନ୍ତି। ତାଙ୍କର ଉଲ୍ଲେଖନୀୟ କୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ରାଜ୍ୟ ଚଳଚ୍ଚିତ୍ର ନିଗମ ସମେତ ସରକାରୀ ତଥା ବେସରକାରୀ ସ୍ତରରେ ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

**ସରିଲା ଶୀତ, ଆସିଲାଣି ଖରା**




# ୬୩ କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ

**କାପା ମଡ୍ୟୁଲରେ ଆକାଉଣ୍ଟ ପରିଚାଳନା ନ କରିବା ମହଙ୍ଗା ପଡ଼ିଲା**

ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

କାପା ମଡ୍ୟୁଲରେ କଲେଜ ଆକାଉଣ୍ଟ ପରିଚାଳନା ଓ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ରହିଛି। ଉଚ୍ଚଶିକ୍ଷା ବିଭାଗ ବାରମ୍ବାର ଅବଗତ କରିବା ସହ ତାଗିଦା କରୁଥିଲେ ମଧ୍ୟ ଏହାକୁ ବହୁ କଲେଜ କର୍ତ୍ତୃପକ୍ଷ ମାନୁନାହାନ୍ତି। ଫଳରେ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ନିର୍ଦ୍ଦେଶ ଉଲ୍ଲଂଘନ କରିଥିବା ୬୩ ଅଣଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ କରାଯାଇଛି। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀ ଜୁମର କୁମାର ମାଝୀ ସଂପୃକ୍ତ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସରକାରୀ ଅର୍ଥର ହିସାବ ଠିକଣା କରିବାକୁ ବାରମ୍ବାର ଅବଗତ କରାଯାଉଥିବା ସତ୍ତ୍ୱେ ହିସାବ ଦିଆଯାଉନାହିଁ। କାପା ମଡ୍ୟୁଲରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କଲେଜର ଆକାଉଣ୍ଟ ଅପ୍‌ଡେଟ କରୁ ନ ଥିବାରୁ ଅଧ୍ୟକ୍ଷଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଯେ ପର୍ଯ୍ୟନ୍ତ କାପା ମଡ୍ୟୁଲ ହିସାବ ଠିକ୍ ଭାବେ ପ୍ରଦାନ କରିନାହାନ୍ତି, ଚଳିତମାସଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯିବ ନାହିଁ।

ଏହି ଦରମା ବନ୍ଦ ତାଲିକାରେ ଯାଜପୁରର ସର୍ବାଧିକ ୧୧ଟି ମହାବିଦ୍ୟାଳୟ ରହିଥିବାବେଳେ ଖୋର୍ଦ୍ଧାର ୮, ଗଞ୍ଜାମର ୭, ଜଗତ୍‌ସିଂହପୁରର ୫, କଟକ ଓ ବାଲେଶ୍ୱରର ୪ ଲେଖାଏ, ପୁରୀ ଓ କଳାହାଣ୍ଡିର ୩ ଲେଖାଏ, କେନ୍ଦ୍ରାପଡ଼ା, ନୟାଗଡ଼, ସୁନ୍ଦରଗଡ଼ ଓ ବରଗଡ଼ର ୨ ଲେଖାଏ କଲେଜ ରହିଛି। ସେହିପରି ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର, ସମ୍ବଲପୁର, ସୁବର୍ଣ୍ଣପୁର, ଭଦ୍ରକର ଗୋଟିଏ ଲେଖାଏ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦରମା ବନ୍ଦ ପାଇଁ ସରକାର ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି।

# ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ

ଭୁବନେଶ୍ୱର,୨୯।୧(ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ଗୁରୁବାରଠାରୁ ୫ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ସୂଚନା ଭବନଠାରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ଆର୍‌ଏସ୍‌ଏସ୍‌ର ପୂର୍ବତନ ପ୍ରାନ୍ତ ସଂଘଚାଳକ ସ୍ୱର୍ଗତ ଶିବରାମ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ସେ ଯୋଗଦେବେ। ଶୁକ୍ରବାର ଠାରୁ ୩ ତାରିଖ ପର୍ଯ୍ୟନ୍ତ ଉତ୍କଳ ବିପନ୍ନ ସହାୟତା ସମିତିରେ ଅନୁଷ୍ଠିତ ହେବାକୁ ଥିବା ସଙ୍ଗଠନର ସାଙ୍ଗଠନିକ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡିଛି।




# ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ବହିଷ୍କୃତ



ଦେବଗଡ଼,୨୯।୧ (ଶଶାଙ୍କ ଶେଖର ଝାଙ୍କର)

ଅନିୟମିତତା ଅଭିଯୋଗ ଆଧାରରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କୁ ସରକାର ବହିଷ୍କୃତ କରିଛନ୍ତି। ଏନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ସରକାର ନୋଟିସ ଜାରୀ କରିଥିଲେ। ଗତ ନଭେମ୍ବର ୧୧ରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୋଟିସ ଜାରି ହୋଇଥିଲା। ଏଥିସହ ପୌର ପରିଷଦ ଅଧ୍ୟକ୍ଷା ଜାଣିଶୁଣି ନୀତି ନିୟମ ଏବଂ ଆଇନ ଉଲ୍ଲଂଘନ କରିଥିବା ନେଇ ଜିଲାପାଳଙ୍କ ତଦନ୍ତ ରିପୋର୍ଟରୁ ରାଜ୍ୟ ସରକାର ଅନୁଭବ କରିଥିଲେ। ଫଳରେ ତାଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ୪ ସପ୍ତାହରେ ଶୁଣାଣି ଶେଷ କର: ସୁପ୍ରିମକୋର୍ଟ

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ପାଟଣାଗଡ଼,୨୯।୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିଚାର ପ୍ରକ୍ରିୟା ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଏହି ମାମଲା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ହୃଷୀକେଶ ରାଏ ଓ ଏସ୍‌ବିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ୨ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିବା ସରକାରୀ ଓକିଲ ଆଶିଷ ଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉକ୍ତ ମାମଲାରେ ଆଉ ୨ ଜଣ ସାକ୍ଷୀଙ୍କର ବୟାନ ରେକର୍ଡ ହୋଇ ନ ଥିବା ସରକାରୀ ଓକିଲ ଦର୍ଶାଇଛନ୍ତି। ପୂର୍ବରୁ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଥିଲେ। ପୁଞ୍ଜିଲାଲ ବିଭିନ୍ନ କାରଣ ଦର୍ଶାଇ ଜାମିନ ଆବେଦନ କରିଥିଲେ। ହେଲେ ହାଇକୋର୍ଟ ତାଙ୍କୁ ଜାମିନ ଦେଇ ନ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। ପାଟଣାଗଡ଼ସ୍ଥିତ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବା ବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହାଛଡ଼ା ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହି ଆସୁଛନ୍ତି।

## ସଂକ୍ଷେପରେ

### ରାଧାକୃଷ୍ଣ ମନ୍ଦିରରୁ ଚୋରି ଉଦ୍ୟମ

ଟାଙ୍ଗୀ–ଖୋର୍ଦ୍ଧା,୨୯।୧(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ଉଜ୍ଜଳା ଗୋପୀନାଥପୁର ଗ୍ରାମରେ ଥିବା ଶ୍ରୀ ରାଧାକୃଷ୍ଣ ଦେବ ମନ୍ଦିରମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତ ଚୋରି ପାଇଁ ଆସି ତାଲା ଭାଙ୍ଗିବା ବେଳେ କୁକୁର ଭୁକିବାରୁ ସେମାନେ ପଳାଇ ଯାଇଥିଲେ। ସକାଳୁ ପୂଜକ ପହଞ୍ଚି ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବେଗୁନିଆ,୨୯।୧(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବାମଡିହ ଛକଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାମଡିହ ଗ୍ରାମର ଜୟନ୍ତ ପ୍ରଧାନ(୨୫)। ସେ ଗ୍ରାମକୁ ଫେରୁଥିବାବେଳେ ବିପରୀତ ଦିଗରୁ ଏକ ଗାଡ଼ି ସହ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଯୁବତୀଙ୍କ ମୃତଦେହ ଜବତ

ବେଗୁନିଆ,୨୯।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋ ଫାଣ୍ଡି ଅଧୀନ ଛିମା ଗ୍ରାମର ଜଣେ ବ୍ୟକ୍ତି ରାମ ନାଟକରେ ଅଭିନୟ କରିବାକୁ ଜଣେ ଯୁବତୀ କଳାକାରଙ୍କୁ ଆଣି ସ୍ଥାନୀୟ ସିକୋ ବଜାରରେ ଭଡ଼ା ଘରେ ରଖିଥିଲେ। ମଙ୍ଗଳବାର ରାତିରେ ସେଠାରେ ଏକ ଭୋଜିଭାତର ଆୟୋଜନ ହୋଇଥିଲା। ଅନ୍ୟପଟେ ରଣପୁର ଥାନା ଅଧୀନ ବାଲିଆ ଗ୍ରାମର ସୁରେଶ ସ୍ୱାଇଁଙ୍କ ସାନ ଝିଅ ବୈଶାଖୀ (୨୨)ଙ୍କୁ କୌଣସି କାରଣରୁ ନେଇ ଛିମା ଗ୍ରାମର ସମ୍ପୃକ୍ତ ବ୍ୟକ୍ତି ମାରି ଅନ୍ୟ ଏକ ଘରେ ଫ୍ୟାନରେ ଝୁଲାଇ ଦେଇଥିବା ବଡ଼ବାପା କିଶୋର ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ଗିତମ୍ବରା କର ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ଜବତ କରି ଏକ କେସ୍ ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ମା' ରତ୍ନମାଳୀ ପୀଠରେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ

ଟାଙ୍ଗୀ–ଖୋର୍ଦ୍ଧା,୨୯।୧(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମର ଆରାଧ୍ୟା ଦେବୀ ମା' ରତ୍ନମାଳୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଅଙ୍କୁରାରୋପଣ କାର୍ଯ୍ୟ ଆରମ୍ଭ ହୋଇ ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଧେନୁପୂଜା, ଦେବତା ଅର୍ଚ୍ଚନ ବିଧିପୂର୍ବକ ରୀତିନୀତି ଅନୁଯାୟୀ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଯଜ୍ଞାନୁଷ୍ଠାନ କମିଟି, ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଚଣ୍ଡୀ ମହାଯଜ୍ଞ ଶେଷ ହୋଇଥିଲା।

### ଚୋରି ଘଟଣାରେ ୨ ଗିରଫ

ଜଟଣୀ,୨୯।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋଲିସ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅଧୀନ ଗାନ୍ଧୀନଗର ଅଞ୍ଚଳର ସୁକାନ୍ତ ନାଏକ(୨୭) ଏବଂ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହିର ରଘୁନାଥ ଦଳେଇ ଓରଫ ସନ(୩୪)। ସେମାନଙ୍କ ନିକଟରୁ ପୋଲିସ ଚୋରି ଗହଣା ଜବତ କରି ୧୩/୨୫ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ଷଣ୍ଢପୁର ଅଞ୍ଚଳର ଅଭିଯୋଗକାରୀ ସତ୍ୟନାରାୟଣ ସୁବୁଦ୍ଧି ଗତ ୯ ତାରିଖରେ ଘରେ ନ ଥିବା ସୁଯୋଗରେ ଅଭିଯୁକ୍ତ ଦ୍ୱୟ ଘରେ ପଶି ଘରେ ଆଲମିରା ତାଲା ଭାଙ୍ଗି ସୁନା ରୁପା ଚୋରି କରି ନେଇଥିଲେ। ସତ୍ୟନାରାୟଣ ଘଟଣା ସମ୍ପର୍କରେ ଜାଣି ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରି ୨ ଅଭିଯୁକ୍ତଙ୍କୁ ସେମାନଙ୍କ ଘରୁ ଗିରଫ କରିଛି। ପଚରାଉଚରାବେଳେ ଅଭିଯୁକ୍ତ ଦ୍ୱୟ ନିଜ ଦୋଷ ସ୍ୱୀକାର କରିଥିଲେ। ତୃତୀୟ ଅଭିଯୁକ୍ତ ତ୍ରୈଲୋକ୍ୟ ହାଡ଼ ଅନ୍ୟ ଏକ ମାମଲାରେ ପୂର୍ବରୁ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡ଼ିଛି।

# ଟାପଙ୍ଗ ଦଳବେହେରାଙ୍କ ବଳିଦାନ ଅତୁଳନୀୟ

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)



ସ୍ମୃତିପୀଠ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ବିଭିନ୍ନ ବେଶରେ ସଜ୍ଜିତ ପିଲାଙ୍କ ସହ ଅତିଥି ଏବଂ ଅନ୍ୟମାନେ।

ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହର ସ୍ଥାନ ସ୍ୱତନ୍ତ୍ର। ଦେଶମାତୃକାର ରାଷ୍ଟ୍ରଯଜ୍ଞରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ପାଇକ ବୀରଙ୍କ ବଳିଦାନ ଓ ତ୍ୟାଗ ଅତୁଳନୀୟ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ ଦୀର୍ଘ ୮ବର୍ଷ ଧରି ସଶସ୍ତ୍ର ସଂଗ୍ରାମ କରିଥିଲେ। ପାଇକ ବିଦ୍ରୋହର ୧୦ ବର୍ଷ ପରେ ପୁଣି ଜଣେ ଦୁର୍ଦ୍ଧର୍ଷ ପାଇକ ବୀର ମାଧବ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ପରାକ୍ରମ ଓ ଶୌର୍ଯ୍ୟ ଦେଖାଇଥିଲେ ବୋଲି ମତ ପ୍ରକାଶ ପାଇଛି।

ଟାପଙ୍ଗଗଡ଼ ଦଳବେହେରା ସାମନ୍ତ ମାଧବ ଚନ୍ଦ୍ର ରାଉତରାୟଙ୍କ ୧୮୫ତମ ବାର୍ଷିକ ଶ୍ରାଦ୍ଧୋତ୍ସବ ସମାରୋହ ଶହୀଦ ସ୍ମୃତିପୀଠରେ ଟାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଏବଂ କଳିଙ୍ଗ ପାଇକ ସଙ୍ଗଠନ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପରିଷଦ ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମକେଶରୀ ଜଗଦ୍ଦେବଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ କଳିଙ୍ଗ ପାଇକ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରମଜାନ ଖାଁ, ମୁଖ୍ୟବକ୍ତା ଭାବେ ପ୍ରଫେସର ରମେଶ ଚନ୍ଦ୍ର ପାତାଳସିଂହ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କେଦାର ଚରଣ ଦାଶ, ପ୍ରଶାନ୍ତ କୁମାର ମହାରଥୀ, ନିମାଇଁ ଚରଣ ଶ୍ରୀଚନ୍ଦନ, ଶିକ୍ଷାବିତ ବିଭୁଦତ୍ତ ସଂଗ୍ରାମ ସିଂ, ସୁଧାକର ପରିଡ଼ା, ଶହୀଦ ରଘୁଦିବାକର ସ୍ମୃତି ସଂସଦ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ବିପ୍ଳବୀ କବି କସ୍ତୁରୀ ଚରଣ ଦାଶ, ଶିକ୍ଷାବିତ ଗତିକୃଷ୍ଣ ସେଠୀ, ମୁଖ୍ୟବକ୍ତା ଭାବେ ପଣ୍ଡିତ ହାଡ଼ିବନ୍ଧୁ ପଣ୍ଡା ଯୋଗଦେଇ ଦଳବେହେରାଙ୍କ ସଂଗ୍ରାମର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଟାପଙ୍ଗ ନିକଟ କାଣ୍ଡଗୋଦା ପଡ଼ିଆରେ ସେ ସପ୍ତାହେବ୍ୟାପୀ ଇଂରେଜ ବିରୋଧରେ ସମ୍ମୁଖ ଯୁଦ୍ଧ କରିଥିଲେ, ଯାହା ଟାପଙ୍ଗ ଯୁଦ୍ଧ ଭାବେ ପରିଚିତ। ପରବର୍ତ୍ତୀ ସମୟରେ ଦଳବେହେରାଙ୍କ ଶୌର୍ଯ୍ୟ ଆଗରେ ଇଂରେଜ ପଛଘୁଞ୍ଚା

## ସ୍ମୃତିପୀଠ, ଗଡ଼, ଚଉପାଢ଼ୀ ପୁନରୁଦ୍ଧାର ଦାବି

ଦେଇଥିଲେ ମଧ୍ୟ ତାଙ୍କୁ ଧରାଇଦେଲେ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲେ। ତେବେ ବ୍ରିଟିଶ ଆଗରେ ମଥାନତକରି ନ ଥିବା ଦଳବେହେରା ଜଣେ କୈବର୍ତ୍ତଙ୍କୁ ଆର୍ଥିକ ସହାୟତା କରାଇବା ଉଦ୍ଦେଶ୍ୟରେ ନିଜକୁ ବ୍ରିଟିଶ ପାଖରେ ଧରାଦେଇଥିଲେ। ତେବେ ସେହି ଦଳବେହେରାଙ୍କ ଟାପଙ୍ଗଗଡ଼, ଯେଉଁଠି ବସି ସେ ବିଚାର କରୁଥିଲେ ସେ ଗଡ଼ ଚଉପାଢ଼ୀ ଆଜି ଜରାଜୀର୍ଣ୍ଣ ହୋଇପଡ଼ିଥିବାବେଳେ ଶହୀଦ ସ୍ମୃତିପୀଠ ଭଗ୍ନାବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର ପାଇଁ ସ୍ମୃତି ପରିଷଦ ପକ୍ଷରୁ ଦାବି କରାଯାଇଛି। ଯୁଦ୍ଧ ପଡିଆକୁ ଐତିହାସିକ ପଡିଆ ମାନ୍ୟତା ଦେବା ପାଇଁ ଦାବି ହୋଇଛି। କାର୍ଯ୍ୟକ୍ରମରେ ସ୍ମୃତିପୀଠରେ ଅତିଥିମାନେ ଦଳବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମା' ହସ୍ତେଶ୍ୱରୀ ଦଳବେହେରା ପାଇକ ସମର ଶିକ୍ଷାର୍ଥୀ ବାହିନୀ ଓ ସ୍ଥାନୀୟ ବିନାୟକ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ଗ୍ରାମ ପରିକ୍ରମାକରି ପାଇକ ସମରକଳା ପ୍ରଦର୍ଶନ କରିଥିଲେ। ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ପ୍ରାଣନାଥ ସାହୁ, ପଣ୍ଡିତ ହାଡ଼ିବନ୍ଧୁ ପଣ୍ଡା, ପାଇକଗୁରୁ କେଦାର ଚରଣ ଦାଶ, କାବ୍ୟଗୁରୁ ବୈରାଗୀ ନାୟକଙ୍କ ସମେତ ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, କନିଷ୍ଠ କିରାଣି ଚାକିରିରୁ ନିଲମ୍ବିତ

## ସରକାରୀ କାଗଜପତ୍ରରେ ହେରଫେର ଅଭିଯୋଗ

ବାଣପୁର, ୨୯।୧(ଦିଲୀପ କୁମାର ସ୍ୱାଇଁ)

ସରକାରୀ କାଗଜପତ୍ରରେ ହେରଫେର କରିବା ଅଭିଯୋଗରେ ବାଣପୁର ମଣ୍ଡଳ ଅନ୍ତର୍ଗତ ମାଣିକପୁରସ୍ଥିତ ଶାଳିଆ ବିଦ୍ୟା ନିକେତନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଏବଂ କନିଷ୍ଠ କିରାଣି ଅଶ୍ୱିନୀ ବେହେରାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଉଭୟଙ୍କୁ ନିଲମ୍ବନ କରିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁ ଏବଂ କନିଷ୍ଠ କିରାଣି ବେହେରାଙ୍କ ବିରୋଧରେ ସରକାରୀ କାଗଜପତ୍ରରେ ହେରଫେର କରିବା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଜ୍ଞାତରେ ଜଣେ ଛାତ୍ରୀଙ୍କ ଜନ୍ମ ତାରିଖ ବଦଳାଇବା ପ୍ରଭୃତି ଅଭିଯୋଗ ହୋଇଥିଲା। ଏନେଇ ବାଣପୁର ବିଚାର ବିଭାଗୀୟ ଅଦାଲତରେ ଏକ ମକଦ୍ଦମା ବିଚାରାଧୀନ ରହିଛି। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ବାଣପୁର ଥାନା ଅଧିକାରୀ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ସହ ଅଭିଯୋଗର ତଦନ୍ତ କରିଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତଦନ୍ତ ରିପୋର୍ଟରେ ଅଭିଯୋଗ ପ୍ରମାଣିତ ହୋଇଥିବା ଦର୍ଶାଯାଇଥିଲା। ଏହାପରେ ଉଭୟଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାହୁ ମୁଖ୍ୟ କାର୍ଯ୍ୟାଳୟ ଗୋଦାବରୀଶ ବିଦ୍ୟାପୀଠରେ ଏବଂ କିରାଣି ବେହେରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସାହୁଙ୍କ ନିଲମ୍ବନ ପରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦ ଖାଲିପଡ଼ିଥିବାରୁ ଦୈନନ୍ଦିନ ପରିଚାଳନାରେ ସମସ୍ୟା ଉପୁଜୁଛି। ତୁରନ୍ତ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ଶହୀଦ ରହିମତୁଲ୍ଲା ଖାଁଙ୍କୁ ଶ୍ରଦ୍ଧାଞ୍ଜଳି



ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

କେରଙ୍ଗ ଅହମଦୀୟା ମୁସଲିମ ଗ୍ରାମର ପୂର୍ବତନ ସେନା ଅଧିକାରୀ ଶହୀଦ ରହିମତୁଲ୍ଲା ଖାଁଙ୍କୁ ବୁଧବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୋଲିସ ଆସୋସିଏଶନ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍‌ର ଉଚ୍ଚ ପଦସ୍ଥ ଅଧିକାରୀ ବି.ବି. ସେଠୀ ଏବଂ ରୂପେଶ କୁମାର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେରଙ୍ଗ ସରପଞ୍ଚ ମବରୁର ହୁସେନ, ଶଫିକତୁଲ୍ଲା ଖାଁ, ସେକ କରିମ, ସଲିମୁଦ୍ଦିନ ଖାଁ, ଫାରୁକ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସରକାରୀ ଅଧିକାରୀ ଓ ସେନା ଯବାନଙ୍କ ସହ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରହିମତୁଲ୍ଲା ଦେଶ ମାତୃକାର ସେବା କରିବା ସମୟରେ ୧୯୮୭ରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଯାଇଥିଲେ।

# ମା', ମାଟି, ମାତୃଭାଷାକୁ ଭଲପାଅ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ବୋଲଗଡ଼,୨୯।୧(ଦେବବ୍ରତ ହୋତା)

ବୋଲଗଡ଼ ନନ୍ଦିଘୋଷ ଭବନ ପରିସରରେ ସ୍ଥାନୀୟ ପୂଜ୍ୟପୂଜା ସଂସଦ ତଥା ଅନ୍ୟାନ୍ୟ ଅନେକ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ଉତ୍ସବ ଓ ବୋଲଗଡ଼ ଇତିହାସ ପୁସ୍ତକର ତୃତୀୟ ସଂସ୍କରଣ ଲୋକାର୍ପଣ ହୋଇଯାଇଛି। ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ୮୦ତମ ଜନ୍ମୋତ୍ସବ ଅବସରରେ ସାମାଜିକ କର୍ମୀ ଗୋପୀନାଥ ଖାଡ଼ଙ୍ଗାଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଞ୍ଚଗଡ଼ ରତ୍ନ ତଥା ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ମୁଖ୍ୟବକ୍ତା ଭାବେ ରଙ୍କନିଧି ବଳିୟାରସିଂହ ଓ ଅତିଥି ଭାବେ ହରିବନ୍ଧୁ ସାହୁ ଓ ଡା. ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ 'ଇତିହାସ ଆଇନାରେ ବୋଲଗଡ଼ ଓ ବେଗୁନିଆ' ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗୋପୀନାଥ ଖାଡ଼ଙ୍ଗାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଐତିହାସିକ ପରିଡ଼ାଙ୍କ ଜନ୍ମୋତ୍ସବ ଉଦ୍‌ଘାଟନ କରି ମା', ମାଟି ଓ ମାତୃଭାଷାକୁ ସମସ୍ତେ ଭଲପାଇବାକୁ କହିଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ଡ. ଗଣେଶ୍ୱର ସ୍ୱାଇଁ, ଡ. ଜନ୍ମେଜୟ ଚୌଧୁରୀ, ହରିବନ୍ଧୁ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଖାଡ଼ଙ୍ଗା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବୋଲଗଡ଼ ଇତିହାସର ତୃତୀୟ ସଂସ୍କରଣ ପୁସ୍ତକ ଲୋକାର୍ପଣ ହୋଇଥିଲା। ଏଥିସହ ଗରିବ ଅସହାୟ ଆଦିବାସୀ ମହିଳାଙ୍କୁ କମ୍ବଳ ବଣ୍ଟା ଯାଇଥିଲା। ପରେ ବୋଲଗଡ଼ ଅଞ୍ଚଳର ଖବରଦାତା ନିରଞ୍ଜନ ନାୟକ, ଶିକ୍ଷକ ଭାସ୍କରଚନ୍ଦ୍ର ମଙ୍ଗରାଜ, ଶିକ୍ଷୟିତ୍ରୀ ତଥା କଣ୍ଠଶିଳ୍ପୀ ସଞ୍ଜୁଲତା ପରିଡ଼ା, ସାମାଜିକ କର୍ମୀ ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସୁଲେଖକ ରାଜକିଶୋର ବ୍ରହ୍ମା, ବ୍ୟଙ୍ଗକବି ବ୍ରଜବନ୍ଧୁ ସାମନ୍ତରାୟ, ପ୍ରବଚିକା ଡ. ପ୍ରଭାତୀ ରଥ ଓ ଆଦର୍ଶ ଶିକ୍ଷକ ମନମୋହନ କହଲସିଂହ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଇଗଲ କ୍ରିକେଟ କ୍ଲବ୍ ବିଜୟୀ

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ବୁଧବାର ସପ୍ତମ ଦିବସ ଖେଳରେ ଇଗଲ କ୍ରିକେଟ ଦଳ ଜଟଣୀ କ୍ରିକେଟ ଏକାଡେମୀକୁ ୮ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ଜଟଣୀ ଦଳ ପ୍ରଥମେ ବ୍ୟାଟିଂକରି ୨୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ କରିଥିଲା। ଦଳ ପକ୍ଷରୁ ଶୁଭମ୍ ପ୍ରଧାନ ସର୍ବାଧିକ ୪୩ ରନ୍ କରିଥିଲେ। ଇଗଲ ଦଳ ତରଫରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ଉଇକେଟ୍ ଏବଂ ତୀର୍ଥଙ୍କର ଓ ଦୀପ୍ତାଂଶୁ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଗଲ ଦଳ ୧୦.୩ ଓଭରରେ ୨ଉଇକେଟ୍ ହରାଇ ୯୯ ରନ ସଂଗ୍ରହକରି ମ୍ୟାଚ ଜିତିଥିଲା। ତୀର୍ଥଙ୍କର ସାହୁ ୩୬ ବଲରୁ ୯ ଚଉକା ଓ ୩ ଛକା ସହାୟତାରେ ୬୮ ରନ୍ ସଂଗ୍ରହ କରିଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିଲେ। ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଭାବେ ଓ ବ୍ରିଜେଶ ପ୍ରଧାନ ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ଗୁରୁବାର ମ୍ୟାଚ କେ.ଟି. ଗ୍ଲୋବାଲ କ୍ଲବ୍ ବନାମ ବ୍ଲୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ମଧ୍ୟରେ ହେବ ବୋଲି ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ଚଣ୍ଡିଆପଲ୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବେଗୁନିଆ,୨୯।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଆପଲା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉତ୍ସବରେ ସରପଞ୍ଚ ବିଜୟଲକ୍ଷ୍ମୀ ବେହେରା ମୁଖ୍ୟଅତିଥି, ସିଆର୍‌ସିସି ସନ୍ଧ୍ୟାରାଣୀ ରଥ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାଙ୍କନିଧି ବେହେରା, ଶିକ୍ଷକ ମାନସ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଆଶିଷ କୁମାର ସୁବୁଦ୍ଧି ପ୍ରାଥମିକ ଶିକ୍ଷାରେ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଲକ କୁମାର ସାହୁ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ କଳ୍ପନାମୟୀ ବେହେରା ଓ ତନୁଜାପଣ୍ଡା ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଶୌଚାଳୟ ବନ୍ଦ, ପରିସ୍ରାଗାରରେ ତାଲା

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଲୋକଙ୍କ ପାଇଁ ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ ହୋଇଛି, ହେଲେ ସେଥିରେ ତାଲା ଝୁଲୁଛି। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ ପାଉଥିଲେ ମଧ୍ୟ ପୌର ପ୍ରଶାସନ ଦୃଷ୍ଟି ଦେଉନାହିଁ। ସୂଚନା ଅନୁଯାୟୀ, ପୁରୁଣା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟ ଏବଂ ନୂଆ ବସ୍‌ଷ୍ଟାଣ୍ଡଠାରେ ଦୁଇଟି ପବ୍ଲିକ ଟଏଲେଟ୍ ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଏହାର ପୁନରୁଦ୍ଧାର ପରେ ଗତବର୍ଷ ଅଗଷ୍ଟ ୩୧ରେ ଶୌଚାଳୟ ଉଦ୍‌ଘାଟନ କରାଯାଇଥିଲା। ତେବେ ଏହା କାମରେ ଲାଗୁନାହିଁ। ଯାତ୍ରୀମାନେ ହଇରାଣ ହେଉଛନ୍ତି। ବିଶେଷକରି ମହିଳାମାନେ ଅଧିକ ସମସ୍ୟା ଭୋଗୁଛନ୍ତି। ଗତ ୨ ବର୍ଷ ମଧ୍ୟରେ ସହରରେ ପ୍ରାୟ ୨୫ଟି ପରିସ୍ରାଗାର ନିର୍ମାଣ କରାଯାଇଛି। ତେବେ ଅଧିକାଂଶ ଶୌଚାଳୟ ଅପରିଷ୍କାର ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ପୌର ପ୍ରଶାସନ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଥିବାବେଳେ ଯାତ୍ରୀଙ୍କୁ ଶୌଚାଳୟ ସୁବିଧା ଯୋଗାଇଦେଇପାରୁନାହିଁ। ଏ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ସହରର ସ୍ୱଚ୍ଛତା ରକ୍ଷା ସହ ଶୌଚାଳୟ ଖୋଲିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି।

### କାୟାକଳ୍ପ ପ୍ରତିନିଧି ଦଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଟାଙ୍ଗୀ–ଖୋର୍ଦ୍ଧା,୨୯।୧(ରଘୁନାଥ ସାହୁ)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରାଧିକୃତ କୟାକଳ୍ପ ଟିମ୍ ରାଜ୍ୟର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛି। କାୟାକଳ୍ପର ଏକ ପ୍ରତିନିଧି ଦଳ ବୁଧବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ନିଦାନ କେନ୍ଦ୍ର, ରୋଗୀ ବିଶ୍ରାମ ଗୃହ, ଅପରେଶନ ଥିଏଟର, ଶିଶୁ ଓ ମାତୃ ଚିକିତ୍ସା ଗୃହ ଆଦି ପରିଦର୍ଶନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆବର୍ଜନା ପରିଚାଳନା ବ୍ୟବସ୍ଥାକୁ ପରଖିଥିଲେ। ଏହି ପ୍ରତିନିଧିମଣ୍ଡଳୀ ବ୍ୟବସ୍ଥା ଯାଞ୍ଚ କରିବା ପରେ ସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ଟିମ୍‌ରେ ଡା. ଅଶୋକ ପାଇକରାୟ, ଡା. ଚନ୍ଦ୍ରନେଶ ମିଶ୍ର, ଡା. ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସତ୍ୟରଞ୍ଜନ ନନ୍ଦ, ବିପିଏମ୍ ତପନ ମଣ୍ଟୁ, କ୍ଷେତ୍ର ଅଧିକାରୀ ଝୁମାରାଣୀ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଅବସରରେ ଅଧିକାରୀଙ୍କ ସହ କାୟାକଳ୍ପ ଟିମ୍ ଆଲୋଚନା କରୁଛନ୍ତି।

# ହାର୍ଡ ହିଟର, ୟଙ୍ଗ୍ ଷ୍ଟାର ଚାମ୍ପିୟନ

## ଲଣ୍ଡୁ ମେମୋରିଆଲ, କୁଦିଆରୀ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜଟଣୀ,୨୯।୧(ରବୀନ୍ଦ୍ରନାଥ ମହାକୁଡ଼)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ସ୍ଥାନୀୟ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମ କେସିସି ଖେଳପଡିଆଠାରେ ଲଣ୍ଡୁ ମେମୋରିଆଲ କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ସହିତ କୁଦିଆରୀ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାର ପ୍ରଥମ ଫାଇନାଲରେ ଆରୁଷ କ୍ରିକେଟ କ୍ଲବ ଲୋକକଲୋନୀକୁ ହରାଇ ହାର୍ଡ ହିଟର କ୍ରିକେଟ କ୍ଲବ ଜାମୁକୋଳି ଚାମ୍ପିୟନ ହୋଇଛି। ପ୍ରଥମେ ଆରୁଷ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ଅଲ୍ ଆଉଟ୍ ହୋଇ ୮୬ ରନ୍ କରିଥିଲା। ଜବାବରେ ହାର୍ଡ ହିଟର ୬ ଉଇକେଟ ହରାଇ ୮୮ ରନ୍ କରି ଚାମ୍ପିୟନ ହୋଇଛି। ହାର୍ଡ ହିଟରର ଦିପୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହେଇଥିଲେ। ଦ୍ୱିତୀୟାର୍ଦ୍ଧରେ କେ. ପି. ଏଲ୍ ସିରିଜ–୨ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ଲଳନ ଫାଇଟର କ୍ଲବ କୁଦିଆରୀକୁ ହରାଇ ୟଙ୍ଗ୍ ଷ୍ଟାର ମହତାବ ନଗର ଚାମ୍ପିୟନ ହୋଇଥିଲା। ପ୍ରଥମେ ଲଳନ ଫାଇଟର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ୍ କରିଥିଲା। ୟଙ୍ଗ ଷ୍ଟାର ୭ ଉଇକେଟ ହରାଇ ୧୧୦ ରନ୍ କରି ବିଜୟୀ ହୋଇଥିଲା। ଦେବାଶିଷ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ରାକେଶ ଶର୍ମା ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ୍ ଡି ମହାନ୍ତି ପୁରସ୍କାର ବିତରଣ ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ ଚାମ୍ପିୟନ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଅତିଥି ଭାବେ କଂଗ୍ରେସ ନେତା ବିଶ୍ୱରଂଜନ ମହାନ୍ତି, କାଉନସିଲର ଶଶାଙ୍କ ରାୟ, ଅମିତା ଦାସ, ଲୁସେନ ରାୟ, ବାଲାଜୀ ଶପିଂମଲ୍‌ର ପ୍ରୋପ୍ରାଇଟର ଜଗଦୀଶ ଅଗ୍ରୱାଲ, ପ୍ରମୋଦ ସାହାଣୀ, ଏମ୍ ଜି କେ ରାଓ, ଅକ୍ଷୟ ପ୍ରଧାନ ଯୋଗ ଦେଇଥିଲେ। କୁଦିଆରୀ କ୍ରିକେଟ କ୍ଲବର ସଂପାଦକ ଅନ୍ତର୍ଯାମୀ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟୁର୍ନାମେଣ୍ଟକୁ ହିମାଂଶୁ ଶେଖର ରାୟ, ପ୍ରୀତମ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ବିକାଶ ପଟ୍ଟନାୟକ, ରୁପନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ଜମି ଜବରଦଖଲର ତଦନ୍ତ ଆରମ୍ଭ

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମି ଉପରେ ଜମିମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ଅଞ୍ଚଳ ତଥା ତାଳବଣିଆ ମୌଜା ଖାତା ନମ୍ବର ୭୯୧ର ୬ଟି ପ୍ଲଟରେ ପ୍ରାୟ ୫୦ ଡିସିମିଲରୁ ଊର୍ଦ୍ଧ୍ୱ ଜମିକୁ ତାରବାଡ଼ ବୁଲାଇ ଦଖଲ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯିବା ସହ ତଦନ୍ତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ଜମିକୁ ବେଆଇନ ଭାବେ ଦଖଲ ନେଇ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ, ଶ୍ରୀମନ୍ଦିର ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ବିରଞ୍ଚି ସାମନ୍ତରାୟ କହିଛନ୍ତି, ମହାପ୍ରଭୁଙ୍କ ଜମି ଦଖଲ କରିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ଭିତ୍ତିହୀନ ଓ ମିଥ୍ୟା। ଉକ୍ତ ଜମି ନେବଳ ଦାସ ମଠର। ୧୯୬୩ରେ ନେବଳ ଦାସ ମଠ ଠାରୁ ଏହାକୁ ତାଙ୍କ ପୂର୍ବପୁରୁଷ ଖରିଦ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟରେ ସିଦ୍ଧବକୁଳ ମଠ କେସ୍ ମାମଲାର ରାୟ ଅନୁଯାୟୀ ସମସ୍ତ ମଠ ସମ୍ପତ୍ତି ଶ୍ରୀମନ୍ଦିର ପ୍ରଶାସନ ହାତରେ ରହିଛି। ଏହା ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଉକ୍ତ ଜମିକୁ କିଣିବା ପାଇଁ ଆବେଦନ କରାଯାଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ ଅମିନ ଆସି ଜାଗା ମାପଚୁପ କରି ତାଙ୍କ ଜାଗା ଦେଖାଇଛନ୍ତି। ସେଟଲମେଣ୍ଟ ମଧ ଦଖଲ ନୋଟ୍ ଦେଇଛି। ମଠର ଚିରସ୍ଥାୟୀ ପଟ୍ଟା ମିଳିଛି ଓ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରାଯାଇଛି। ତେଣୁ ଉକ୍ତ ଜମିକୁ ଅସାମାଜିକ ବ୍ୟକ୍ତିଙ୍କଠାରୁ ରକ୍ଷା କରିବା ପାଇଁ ବାଡ଼ ପକାଇ ଆବଦ୍ଧ କରିଛି।

### ସାହିତ୍ୟିକ ଜଗତ ଚନ୍ଦ୍ର ଦାସଙ୍କ ୨ କବିତା ପୁସ୍ତକ ଉନ୍ମୋଚିତ

ପୁରୁଣା ଭୁବନେଶ୍ୱର,୨୯।୧(ସୁବାସ ଚନ୍ଦ୍ର ପ୍ରଧାନ)

କେଦାରନାଥ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ସାହିତ୍ୟିକ ଜଗତ ଚନ୍ଦ୍ର ଦାସଙ୍କ ଦୁଇଟି କବିତା ପୁସ୍ତକ 'ବିହଙ୍ଗମ ଓ ଶୃଙ୍ଗାର ତିଳକମ୍' ଏବଂ 'ରସିକାଷ୍ଟମ' ଲୋକାର୍ପିତ ହୋଇଯାଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ, ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ପ୍ରଫେସର ଶରତ ଚନ୍ଦ୍ର ରଥ ମୁଖ୍ୟ ବକ୍ତା, ରମେଶ ଚନ୍ଦ୍ର ପାଣି, ବିବେକାନନ୍ଦ ପାଣିଗ୍ରାହୀ ଏବଂ ଦେବାଶିଷ ମହପାତ୍ର ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। ଶର୍ମିଷ୍ଠା ମହାପାତ୍ରଙ୍କ ଉପସ୍ଥାପନାରେ ଆୟୋଜିତ ଉତ୍ସବରେ ପ୍ରଶାନ୍ତ ମହାନ୍ତି, ଅଞ୍ଜଳି ଦାଶ, ସୁଚେତା ରାଉତ, ବାସନ୍ତୀ ଦାଶ, ତନୟା ଦାସ ଗୋସ୍ୱାମୀ, ଅଲେଖ ନନ୍ଦୀ, ସୁଶାନ୍ତ ସ୍ୱାଇଁ, ଭୀଷ୍ମନାରାୟଣ ନାୟକ, ପିଙ୍କିନା ଖଟୁଆ ଏବଂ ଗାୟତ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୁସ୍ତକ ପ୍ରକାଶକ ତଥା ଲେଖକ ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ୭ ଦିନରେ ମଶା ହଟ୍‌ସ୍ପଟ୍ ଚିହ୍ନଟ ନିର୍ଦ୍ଦେଶ

**ମନ୍ତ୍ରୀଙ୍କୁ ମଶା ଚିନ୍ତା**

- ଆଣ୍ଟି ଲାର୍ଭା ୱାର୍କର ସଂଖ୍ୟା ଦୁଇଗୁଣ ବଢ଼ିବ
- ପ୍ରତି ସପ୍ତାହରେ ଦୟାୱେଷ୍ଟ କେନାଲରେ ପଡ଼ିବ ମଶାମରା ତେଲ



ସମୀକ୍ଷା ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ଭୁବନେଶ୍ୱର,୨୯।୧ (ଅନୁରାଧା ମହାରଣା)

ଭୁବନେଶ୍ୱରବାସୀଙ୍କୁ କଲବଲ କରୁଛି ମଶା। ଦିନ ହେଉ କି ରାତି, ଘରେ ବାହାରେ କେଉଁଠି ବସିହେଉନି କି ଶୋଇହେଉନି। ରାଜଧାନୀରେ ମଶା ଉପଦ୍ରବ ଖୋଦ୍ ନଗର ଉନ୍ନୟନ ମନ୍ତ୍ରୀଙ୍କ ଚିନ୍ତା ବଢ଼ାଇଦେଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ମଶାବଂଶ ଲୋପ୍ ପାଇଁ ନିଆଯାଉଥିବା ପଦକ୍ଷେପର ସେ ସମୀକ୍ଷା କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଇଛି। ୨ ଦିନ ମଧ୍ୟରେ ମଶା ଦମନ ପାଇଁ ପଦକ୍ଷେପ ନେବା ସହ ୭ ଦିନ ମଧ୍ୟରେ ମଶାପ୍ରବଣ ସ୍ଥାନ(ହଟ୍‌ସ୍ପଟ୍)ଗୁଡ଼ିକୁ ଚିହ୍ନଟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ମଶା ଦମନ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଲେ, ବିଏମ୍‌ସି ପାଖରେ ୨୦ଟି ଅଟୋ ମାଉଣ୍ଟେଡ୍ ଫଗିଙ୍ଗ୍ ମେସିନ, ୩୦ଟି ଛୋଟ ହ୍ୟାଣ୍ଡ ଫଗିଙ୍ଗ୍ ମେସିନ୍ ଏବଂ ୨ଟି ଟ୍ରାକ୍ଟର ମାଉଣ୍ଟେଡ୍ ମେସିନ ରହିଛି। ବିଭିନ୍ନ ୱାର୍ଡରେ ନିୟମିତ ମଶାମରା ତେଲ ସିଞ୍ଚନ ସହ ମଶାଧୂଆଁ ଦିଆଯାଉଛି। ମାତ୍ର ଏହା ଯଥେଷ୍ଟ ହୋଇପାରୁ ନ ଥିବାରୁ ଆଉ ୪ଟି ଟ୍ରାକ୍ଟର ମାଉଣ୍ଟେଡ୍ ମେସିନ ତୁରନ୍ତ କ୍ରୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟା ସମୟରେ ଏକକାଳୀନ ଫଗିଙ୍ଗ ନ କଲେ ମଶାମାନେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଚାଲିଯାଉଛନ୍ତି। ତେଣୁ ଏକକାଳୀନ ଫଗିଙ୍ଗ୍ ପାଇଁ ଉଭୟ ମେସିନ ଓ ମାନବ ସମ୍ବଳର ଆବଶ୍ୟକତା ରହିଛି। ତୁରନ୍ତ ଏଥିପାଇଁ ମାନବ ସମ୍ବଳ ବୃଦ୍ଧି ଲାଗି ମଧ ମନ୍ତ୍ରୀ କହିଛନ୍ତି। ଏଥିସହ ଯେତିକି ଆଣ୍ଟି ଲାର୍ଭା ୱାର୍କର ଅଛନ୍ତି, ତାହାକୁ ଦୈନିକ ପ୍ରାପ୍ୟ ଭିତ୍ତିରେ ଦ୍ୱିଗୁଣିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦୟା ୱେଷ୍ଟ କେନାଲ ମଶାବଂଶ ବୃଦ୍ଧିର ପ୍ରମୁଖ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ତେଣୁ ପ୍ରତି ସପ୍ତାହରେ ଦୟା ୱେଷ୍ଟ କେନାଲରେ ମଶା ତେଲ ସିଞ୍ଚନ କରାଯିବ। ଏହାବ୍ୟତୀତ ବରିଷ୍ଠ ଅଧିକାରୀମାନେ ହଟ୍‌ସ୍ପଟ୍ ଚିହ୍ନଟ ଏବଂ ଫଗିଙ୍ଗ୍ ଓ ମଶାତେଲ ସିଞ୍ଚନ କାର୍ଯ୍ୟ ଯାଞ୍ଚ କରିବେ। ବ୍ରସ୍ କଟିଂ, ଗମ୍ବୁସିଆ ମାଛ ଛାଡ଼ିବା, ଜନସଚେତନତା ସୃଷ୍ଟି ଆଦି କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାସ, କର୍ପୋରେଟର ଅପରୂପ ନାରାୟଣ ରାଉତ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ କୁମାର ବିଶୋଇ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଲିଭେଟେଡ୍ ଆପ୍ରୋଚ ଆଣ୍ଡ ଏକ୍‌ଜିଟ୍ ରୋଡ୍ ପାଇଁ ଅନୁମତି ଦେଲା ବିଡିଏ

ଭୁବନେଶ୍ୱର,୨୯।୧(ଅନୁରାଧା ମହାରଣା)

**ଭୁବନେଶ୍ୱର ରେଲଷ୍ଟେଶନ ପୁନର୍ବିକାଶ ପ୍ରକଳ୍ପ**

ଭୁବନେଶ୍ୱର ରେଳ ଷ୍ଟେଶନର ପୁନର୍ବିକାଶ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଇତିମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆବଣ୍ଟିତ ଜମିରେ ଏଲିଭେଟେଡ୍ ଆପ୍ରୋଚ ଆଣ୍ଡ୍ ଏକ୍‌ଜିଟ୍ ରୋଡ଼ ନିର୍ମାଣ ପାଇଁ ଅନୁମତି ମିଳିଛି। ଷ୍ଟେଶନ ପୁନର୍ବିକାଶର ଏକ ଅଂଶ ଭାବରେ ଷ୍ଟେଶନ ପରିସରରେ ପାର୍କିଂ କ୍ଷେତ୍ର ଏବଂ ବାଣିଜ୍ୟିକ ସ୍ଥାନଗୁଡ଼ିକର ବିକାଶ ବିଡିଏ ପରାମର୍ଶରେ ନିର୍ମାଣ କରାଯିବ। ଉକ୍ତ ଜମିରେ ବାଣିଜ୍ୟିକ କ୍ଷେତ୍ର ବିକାଶ କରିବାକୁ ମଧ ବିଡିଏ ଯୋଜନା କରୁଛି। ଏହି ବିକାଶ ଭୁବନେଶ୍ୱର ଷ୍ଟେଶନ ପୁନଃବିକାଶ ଏବଂ ଆଧୁନିକୀକରଣ ପ୍ରକଳ୍ପର ସମାପ୍ତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଏଲିଭେଟେଡ୍ ଡ୍ରାଇଭ୍‌ୱେର ଭିତ୍ତିଭୂମି ସହିତ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ଭାରତୀୟ ରେଳପଥ ଏହି ପୁନଃବିକାଶ ପ୍ରକଳ୍ପରେ ୪୧୯ କୋଟି ନିବେଶ କରୁଛି। ଏଥିରେ ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ଏକ ଆଧୁନିକ କୋଠା, ବିମାନବନ୍ଦର ଟର୍ମିନାଲ ଭଳି ଡିଜାଇନ ହୋଇଥିବା ଯାତ୍ରୀ ଚଳପ୍ରଚଳ କ୍ଷେତ୍ର, ପୃଥକ୍ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ, ସମସ୍ତ ପ୍ଲାଟ୍‌ଫର୍ମକୁ ସଂଯୋଗ କରୁଥିବା ଏୟାର କନ୍‌କୋର୍ସ, ଲିଫ୍ଟ, ଏସ୍କାଲେଟର, ବ୍ୟାଗେଜ ସୁରକ୍ଷା ଯାଞ୍ଚ କ୍ଷେତ୍ର, ସୂଚନା କେନ୍ଦ୍ର, ଫୁଡ୍ ପ୍ଲାଜା, ପ୍ରତୀକ୍ଷା ଅଞ୍ଚଳ ଆଦି ରହିଛି।

# ଗିରଫ ପରେ ଜେଲ ଗଲେ ଅଭିଯୁକ୍ତ

ଭୁବନେଶ୍ୱର,୨୯।୧ (ସତ୍ୟଜିତ୍ ରାଉତ)

**ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଉଦ୍ୟମ ଘଟଣା**

- ୫ଦିନ ତଳେ ଜେଲରୁ ଆସିଥିଲେ
- ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ପାଉନି ପୋଲିସ



ଗିରଫ ଅଭିଯୁକ୍ତ ପି. ରାଓ।

କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ୍‌ସ୍ଥିତ ଏନ୍ ୨/୨୫ ଘରୁ ଚୋରି ଉଦ୍ୟମ ଘଟଣାରେ ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ରହୁଥିବା ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବେଲଗୁଣ୍ଠା ଗ୍ରାମର ପି. ରାଓ (୪୦)। ପୋଲିସ ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ପି. ରାଓଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ରାତିରେ ନିରଞ୍ଜନଙ୍କ ଏନ୍ ୨/୨୫ ଘରୁ ଝରକା ବାଟେ ଚୋରି ଉଦ୍ୟମ ବେଳେ ଅଭିଯୁକ୍ତ ଜଣଙ୍କ ସୁରକ୍ଷାକର୍ମୀ ଓ ପରିବାର ସଦସ୍ୟଙ୍କ ହାତରେ ଧରାପଡ଼ିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଅଭିଯୁକ୍ତ ପି. ରାଓଙ୍କ ନାଁରେ ନୟାପଲ୍ଲୀ ଓ ମୈତ୍ରୀ ବିହାର ଥାନାରେ ୮ଟି ବିଭିନ୍ନ ଆପରାଧିକ ମାମଲା ରହିଛି। ୫ଦିନ ତଳେ ସେ ଝାରପଡ଼ା ଜେଲରୁ ଜାମିନରେ ମୁକୁଳି ବାହାରକୁ ଆସିଥିଲେ। ତେବେ ନିରଞ୍ଜନଙ୍କ ଏନ୍ ୨/୨୯ ଘରୁ ଶନିବାର-ରବିବାର ବିଳମ୍ବିତ ରାତିରେ ହୋଇଥିବା ଚୋରି ଘଟଣାରେ ପୋଲିସ ଏଯାଏ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଏହାକୁ ନେଇ ପୋଲିସର ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, ଅଭିଯୁକ୍ତ ପି. ରାଓ ନିଶା ପାଇଁ ଚୋରି କରେ ବୋଲି ତଦନ୍ତରୁ ଜଣାପଡ଼ିଛି। ଆଇଆର୍‌ସି ଭିଲେଜସ୍ଥିତ ନିରଞ୍ଜନଙ୍କ ଏନ୍ ୨/୨୯ ଘରୁ ହୋଇଥିବା ଚୋରିରେ ପି. ରାଓଙ୍କ ଲିଙ୍କ୍ ନ ଥିବା ଜଣାପଡିଛି। ଚୋରି ଘଟଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଥିବା ବେଳେ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଚାଲିଥିବା କମିଶନର କହିଛନ୍ତି।

# 'ଗାନ୍ଧୀ ହତ୍ୟାର ଅନ୍ତରାଳେ' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

ସିପିଆଇଏମ୍ ନେତା ଜନାର୍ଦ୍ଦନ ପତିଙ୍କ ଦ୍ୱାରା ଲିଖିତ 'ଗାନ୍ଧୀ ହତ୍ୟାର ଅନ୍ତରାଳେ' ପୁସ୍ତକ ବୁଧବାର ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏହାକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରହଲ୍ଲାଦ ସିହ୍ନା ଯୋଗଦେଇ କହିଲେ, ଯେଉଁ ହିନ୍ଦୁ ମହାସଭା ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ରୂପକାର ସଭରକରଙ୍କ ପ୍ରରୋଚନାରେ ନାଥୁରାମ ଗଡ୍‌ସେ ୧୯୪୮ ଜାନୁଆରୀ ୩୦ ଅପରାହ୍ନ ୫ଟା ୧୭ରେ ଗାନ୍ଧିଜୀଙ୍କୁ ହତ୍ୟା କରିଥିଲେ। ମାତ୍ର ଗାନ୍ଧିବାଦୀ ଦିନକୁ ଦିନ ବିଶେଷ ପ୍ରାସଙ୍ଗିକ ହୋଇପଡୁଛି ବୋଲି ସେ କହିଥିଲେ। ବ୍ରାହ୍ମଣବାଦୀ ଏବଂ ହିନ୍ଦୁତ୍ୱବାଦୀ ଶାସନ ବ୍ୟବସ୍ଥା କିପରି ଗାନ୍ଧୀବାଦ୍ ଏବଂ ବୁଦ୍ଧଧର୍ମକୁ ଭାରତରୁ ଧ୍ୱଂସ କରିଚାଲିଛି ସେ ସମ୍ପର୍କରେ ଜନାର୍ଦ୍ଦନ କହିଥିଲେ। ଲେଖକ ବସନ୍ତ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସିପିଆଇଏମ୍ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ଐତିହାସିକ ଡ. ଅମିୟ କୁମାର ମହାନ୍ତି ବକ୍ତବ୍ୟ ରଖିଥିଲେ।

### ବ୍ରାହ୍ମଣବାଦୀ ଆଜି ବି ଗାନ୍ଧୀ ଦର୍ଶନକୁ ହତ୍ୟାକରି ଚାଲିଛନ୍ତି

ଭୁବନେଶ୍ୱର,୨୯।୧(ସୌମ୍ୟରଞ୍ଜନ ରାଉତ)

ଗାନ୍ଧିଜୀଙ୍କ ତିରୋଧାନ ଦିବସର ଅବ୍ୟବହିତ ପୂର୍ବରୁ ସଂଭାବନା ପକ୍ଷରୁ ଗାନ୍ଧୀ ଚର୍ଚ୍ଚା ବୁଧବାର ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଲେଖକ ତଥା ମାର୍କ୍ସବାଦୀ ନେତା ଜନାର୍ଦ୍ଦନ ପତି ଅତିଥି ଭାବେ ଯୋଗଦେଇ କହିଲେ, ଯେଉଁମାନେ ବୁଦ୍ଧ ଦର୍ଶନକୁ ହତ୍ୟା କରିଥିଲେ ସେହିମାନେ ହିଁ ଗାନ୍ଧିଜୀଙ୍କୁ ହତ୍ୟା କଲେ। କାରଣ ଗାନ୍ଧୀ ନୈଷ୍ଠିକ ହିନ୍ଦୁ ଥିଲେ, ମାତ୍ର ମନୁବାଦର ବିରୋଧୀ ଥିଲେ। ବ୍ରାହ୍ମଣବାଦୀମାନେ ଦିନେ ଭାରତରୁ ବୌଦ୍ଧ ଧର୍ମ ଓ ଦର୍ଶନକୁ ଲୋପ୍ କରିବାରେ ସମର୍ଥ ହୋଇଥିଲେ। ସେହିମାନେ ହିଁ ଗାନ୍ଧୀ ଦର୍ଶନକୁ ହତ୍ୟାକରି ନିଜକୁ ସୁରକ୍ଷିତ ରଖିବା ପାଇଁ ଆଜି ମଧ ଉଦ୍ୟମରତ। ସଂଭାବନାର ସମ୍ପାଦକ ଦେବପ୍ରସାଦ ପରିଜା ସଂଯୋଜନା କରିଥିବାବେଳେ ଡ. ଦେବାଶିଷ ମହାପାତ୍ର, ସଂଯୁକ୍ତା ସ୍ୱାଇଁ, ସୌଦାମିନୀ ସାମଲ ଗାନ୍ଧିଜୀଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିଲେ।



ଓଡିଶା ଆୟକର ବିଭାଗର ସୂଚନା ଓ ଆପରାଧିକ ଅନ୍ୱେଷଣ ନିର୍ଦ୍ଦେଶାଳୟ ପକ୍ଷରୁ କୁଆଖାଇ ନଦୀପଠାରେ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମ।

# କୁଆଖାଇ ନଦୀପଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡର ସ୍ୱଚ୍ଛତା କାର୍ଯ୍ୟକ୍ରମ ଯୋଜନା ଅନୁସାରେ ଓଡିଶା ଆୟକର ବିଭାଗର ସୂଚନା ଓ ଆପରାଧିକ ଅନ୍ୱେଷଣ ନିର୍ଦ୍ଦେଶାଳୟ ପକ୍ଷରୁ କୁଆଖାଇ ନଦୀପଠାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ନିର୍ଦ୍ଦେଶାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କୁଆଖାଇ ନଦୀର ନହରକଣ୍ଟା ପଟେ ଥିବା ପଠାରେ ବର୍ଷ ବର୍ଷ ଧରି ପଡିଥିବା ପଲିଥିନ, ଜରି, କାଗଜ ଥାଳି, ଥର୍ମୋକୋଲ ଥାଳି ଓ ବୋତଲ, ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ଗ୍ଲାସ, କାଚ ବୋତଲ, ପୁରୁଣା ଲୁଗା, ପରିତ୍ୟକ୍ତ ପୂଜା ସାମଗ୍ରୀ ଆଦିକୁ ନିଜ ହାତରେ ସଫା କରିଥିଲେ। ଏହି ଅବସରରେ ସେମାନେ ଏଭଳି ବର୍ଜ୍ୟବସ୍ତୁ ବ୍ୟବହାରଠାରୁ ଦୂରେଇ ରହିବା ସହିତ ଉପଯୁକ୍ତ ପରିଚାଳନା କରିବେ ବୋଲି ଶପଥ ନେଇଥିଲେ। ଅନ୍ୟପକ୍ଷରେ ଆୟକର ବିଭାଗର ସୂଚନା ଓ ଅପରାଧିକ ଅନ୍ୱେଷଣ ନିର୍ଦ୍ଦେଶାଳୟ ଅଧୀନ କାର୍ଯ୍ୟାଳୟଗୁଡିକରେ ଏପରି ସାମଗ୍ରୀକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଆୟକର ନିର୍ଦ୍ଦେଶକ(ସୂଚନା ଓ ଅପରାଧିକ ଅନ୍ୱେଷଣ) ଭୁବନେଶ୍ୱରର ସଞ୍ଜୟ କୁମାର ଏବଂ ଆୟକର ସଂଯୁକ୍ତ ନିର୍ଦ୍ଦେଶକ(ସୂଚନା ଓ ଅପରାଧିକ ଅନ୍ୱେଷଣ) ଭୁବନେଶ୍ୱରର ବିମଳେନ୍ଦୁ ଟୁଡୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ଇନ୍‌ସ୍ୟୁର ଟେକ୍ ହବ୍ ପ୍ରତିଷ୍ଠା ପାଇଁ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୯।୧ (ଅନୁରାଧା ମହାରଣା)

ଭୁବନେଶ୍ୱରରେ ଇନ୍‌ସ୍ୟୁର ଟେକ ହବ୍ ପ୍ରତିଷ୍ଠା ପାଇଁ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇ ଭୁବନେଶ୍ୱରରେ ଇନ୍‌ସ୍ୟୁର ଟେକ ହବ୍‌ର ପ୍ରତିଷ୍ଠା ନିମନ୍ତେ ଓଡିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଲ୍‌ଆଇସି ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି ସିଦ୍ଧାର୍ଥ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣରେ ଏହି ବୀମା ଏବଂ ପ୍ରଯୁକ୍ତି ହବ୍‌ର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ଓଡିଶା ରାଜ୍ୟ ଗଠନର ଶତବର୍ଷିକୀ ପାଳନ ଅବସରରେ ୨୦୩୬ ସୁଦ୍ଧା ସମସ୍ତ ଓଡିଶାବାସୀଙ୍କୁ ବୀମାଭୁକ୍ତ କରିବା ନେଇ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହାସଲ ଦିଗରେ ଏହା କିପରି ସହାୟକ ହେବ ଉଲ୍ଲେଖ କରିଥିଲେ। ପ୍ରଜ୍ଞାସ୍ମିତା ସାହୁ, ବିସିଜି ଏମଡି ପ୍ରଣୟ ମେହରୋତ୍ରା, ଇଣ୍ଡିଆ ଇନ୍‌ସ୍ୟୁର ଟେକ୍ ଆସୋସିଏଶନର ସହ ପ୍ରତିଷ୍ଠାତା ପ୍ରିଭେକ ସେଠୀ, ଆଇଆଇଆଇର ସାଧାରଣ ସଚିବ ବିଷ୍ଣୁ ଚରଣ ପଟ୍ଟନାୟକ, ଜିଏଫ୍‌ଟିଏନ୍ ସିଇଓ ସ୍ୱପ୍ନେନ୍ଦୁ ମହାନ୍ତି ଏବଂ ଏଲଆଇସିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚ୍‌ଆର୍‌ଡିଓଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଲିଲ ବିଶ୍ୱନାଥ ଧନ୍ୟବାଦ ଦେଇଥିଲେ।




ସମୀକ୍ଷା ବୈଠକରେ ଏଲ୍‌ଆଇସି ସିଇଓ ସିଦ୍ଧାର୍ଥ ମହାନ୍ତି (ମଝି)ଙ୍କ ସହ ଅନ୍ୟମାନେ।

# ଏକାଠି ହେଲେ ୧୬ ବିଶ୍ୱବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

**ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା**

ବାରଙ୍ଗ/ତ୍ରିଶୂଳିଆ, ୨୯।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା 'ବୀରୋଦୟ' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ମହାକୁମ୍ଭରେ ସ୍ଥାନୀୟ ଅଞ୍ଚଳର ୧୬ରୁ ଅଧିକ ଉଚ୍ଚ ଶିକ୍ଷାନୁଷ୍ଠାନ ଏକାଠି ହୋଇଥିଲେ। ଟୁର୍ନାମେଣ୍ଟରେ ବାସ୍କେଟବଲ, ଫୁଟ୍‌ବଲ, କ୍ରିକେଟ, ଭଲିବଲ, କବାଡ଼ି ଓ ବ୍ୟାଡମିଣ୍ଟନ ସମେତ ବିଭିନ୍ନ କ୍ରୀଡ଼ାରେ ଆଥ୍‌ଲେଟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି, ଉନ୍ନତମାନର ଉପକରଣ, କ୍ରୀଡ଼ାବିତ୍ ଏବଂ ଅଧିକାରୀଙ୍କ ପାଇଁ ଆରାମଦାୟକ ରହଣି, ସମସ୍ତଙ୍କ ପାଇଁ ଖାଦ୍ୟ ଷ୍ଟଲ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ହୋଇଥିଲା। ଏଥିରେ ପ୍ରାୟ ୫୦୦ରୁ ଅଧିକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। କବାଡ଼ି (ପୁରୁଷ) ଏବଂ କ୍ରିକେଟରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବାବେଳେ ଭଲିବଲ(ପୁରୁଷ)ରେ ତ୍ରିମ୍ବ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ଫୁଟ୍‌ବଲରେ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ସଫଳତା ମିଳିଥିଲା। କବାଡ଼ି (ମହିଳା) ଏବଂ ବାସ୍କେଟବଲ (ପୁରୁଷ) ବିଭାଗରେ ଆୟୋଜକ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ୨ଟି ମେଡାଲ ହାସଲ କରିଛି। ଭଲିବଲ (ମହିଳା)ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏବଂ ବାସ୍କେଟବଲ (ମହିଳା)ରେ ରମାଦେବୀ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ମୁଖ୍ୟ ଡ. ବିଜୟଲକ୍ଷ୍ମୀ ମହାନ୍ତି, ଛାତ୍ର କଲ୍ୟାଣ ଡିନ୍ ଜୟପ୍ରକାଶ ଭଞ୍ଜ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳପତି ଡ. ତେଜପ୍ରତାପ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତଭିତ୍ତିକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ରୀଡ଼ା ବର୍ଗର ବିଜେତା ଓ ଉପବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରାଯାଇଥିଲା। ବିଜେତା ଦଳ ଏବଂ ବ୍ୟକ୍ତିଗତ କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କ କୃତିତ୍ୱ ନିମନ୍ତେ ଟ୍ରଫି, ପଦକ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




ଚାମ୍ପିୟନ ଟିମ୍‌ର ସଦସ୍ୟମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ରାଜ୍ୟରେ କାର୍ଯ୍ୟକ୍ଷମ ହେବ ୨୩ ଟ୍ରକ୍ ଟର୍ମିନାଲ

**ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ଏମ୍‌ଓୟୁ ସ୍ୱାକ୍ଷରିତ**

- ରାଜପଥରେ ବେଆଇନ ପାର୍କିଂ ସମସ୍ୟାର ସୁଧାର ଆସିବ
- ଟ୍ରକ୍ ଚାଳକଙ୍କୁ ମିଳିବ ବିଶ୍ରାମ ସୁବିଧା

କଟକ,୨୯।୧(କାର୍ତ୍ତିକ ସାହୁ)

ରାଜପଥରେ ବେଆଇନ ପାର୍କିଂ ସମସ୍ୟାରେ ସୁଧାର ଆସିବା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ୨୩ଟି ଟ୍ରକ୍ ଟର୍ମିନାଲ। ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଲିମିଟେଡ୍ (ଏନ୍‌ଏଚ୍‌ଏଲ୍‌ଏମ୍‌ଏଲ୍) ସଂସ୍ଥା ସହ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଏ ସଂକ୍ରାନ୍ତରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏବଂ ଏନ୍‌ଏଚ୍‌ଏଲ୍‌ଏମ୍ ସିଇଓ ପ୍ରକାଶ ଗର୍ଗ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୮ ଜିଲାରେ ଏହା କାର୍ଯ୍ୟକାରୀ ହେବ। ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ଜିଲାର ଗୁରୁତ୍ୱପୂର୍ଣ୍ଣ ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଟ୍ରକ୍ ଟର୍ମିନାଲ ସ୍ଥାପନ ହେବ।



ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଏମ୍‌ଓୟୁ ସ୍ୱାକ୍ଷରିତ।

ପ୍ରକାଶ ଯେ, ବିକଶିତ ଓଡ଼ିଶା ଗଠନ ଦିଗରେ ସଡ଼କ ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତାରେ ରହିଛି। ସଡ଼କ ଦୁର୍ଘଟଣା ହ୍ରାସ ଲକ୍ଷ୍ୟ ହାସଲ ନିମନ୍ତେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ହାତକୁ ନିଆଯାଉଛି। ଟ୍ରକ୍ ଟର୍ମିନାଲ ଏ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ରାଜପଥରେ ବେଆଇନ ପାର୍କିଂ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ ମୃତ୍ୟୁ ଘଟୁଛି। ଦୁର୍ଘଟଣା ହାର ହ୍ରାସ ପାଇଁ ସରକାରଙ୍କ ପକ୍ଷରୁ ଟ୍ରକ୍ ଟର୍ମିନାଲ ସ୍ଥାପନ କରାଯାଉଛି। ଏହା ରାଜପଥକୁ ସୁରକ୍ଷିତ କରିବା ସହ ଚାଳକଙ୍କ ପାଇଁ ମଧ୍ୟ ବିଶ୍ରାମର ସୁଯୋଗ ସୃଷ୍ଟି କରିବ। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ମାଲକାନଗିରି, ବାଲେଶ୍ୱର, ସୁନ୍ଦରଗଡ଼, ଖୋର୍ଦ୍ଧା, ଦେବଗଡ଼, କଳାହାଣ୍ଡି, ମୟୂରଭଞ୍ଜ, ବୌଦ୍ଧ, ଗଞ୍ଜାମ, ନୂଆପଡ଼ା, ବରଗଡ଼, କଟକ, ଯାଜପୁର, ଜଗତସିଂହପୁର ଜିଲାର ୨୩ଟି ସ୍ଥାନରେ ଏହାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନ ଏନ୍‌ଏଚ୍‌ଏଲ୍‌ଏମ୍‌ଏଲ୍ ସଂସ୍ଥା ଏହାର ପରିଚାଳନା କରିବାକୁ ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ଅଧିକରୁ ଅଧିକରୁ ଜୀବନ ରକ୍ଷା କରିବା ବାଣିଜ୍ୟ ଓ ପରିବହନ ବିଭାଗର ଲକ୍ଷ୍ୟ। ଏହା ବେଆଇନ ପାର୍କିଂ ସମସ୍ୟା ହ୍ରାସ କରିବ। ସଡ଼କରେ ଲମ୍ବା ଯାତ୍ରା କରୁଥିବା ଚାଳକଙ୍କ ପାଇଁ ବିଶ୍ରାମ ସୁବିଧା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ, ଏନ୍‌ଏଚ୍‌ଏଲ୍‌ଏମ୍‌ଏଲ୍‌ର ପ୍ରକଳ୍ପ ନିର୍ଦ୍ଦେଶିକା ପୂଜା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କଟକ,୨୯।୧(କାର୍ତ୍ତିକ ସାହୁ)

କଟକ ମାରୱାଡ଼ି କ୍ଲବ ପରିସରରେ ବୁଧବାର ୪୫ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଅଶୋକ କୁମାର ଶର୍ମା ଓ ବିଭୂତି ଭୂଷଣ ଜେଠିଙ୍କ ସ୍ମୃତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଲ୍‌ଓଡ଼ିଶା ବାହୁକୁସ୍ତି ସଂଘ ସଭାପତି ବିଜୟ କୁମାର ଶର୍ମା, ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ହୁକୁମ ସିଂ, ରାଜ କିଶୋର ସାହୁ, ଶିବ ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ୫୦, ୫୫, ୬୦, ୬୫, ୭୦, ୭୫, ୮୦, ୮୫, ୯୦, ୯୫ ଓ ୧୦୦ କେଜି ବର୍ଗରେ ଅନୁଷ୍ଠିତ ହୋଇଥିଲା।

## ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘର ତୀର୍ଥଭ୍ରମଣ



କଟକ,୨୯।୧(କାର୍ତ୍ତିକ ସାହୁ)

ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ତୀର୍ଥଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଭ୍ୟମାନେ ସପରିବାର ତୀର୍ଥ ଭ୍ରମଣରେ ସାମିଲ ହୋଇଥିଲେ। ସେମାନେ ବାଲେଶ୍ୱର ଜିଲାର ପଞ୍ଚଲିଙ୍ଗେଶ୍ୱର, କ୍ଷୀରଚୋରା ଗୋପୀନାଥ, ଇମାମି ଜଗନ୍ନାଥ ମନ୍ଦିର ଓ ଚାନ୍ଦିପୁର ବେଳାଭୂମି ଆଦି ବୁଲିଥିଲେ। ରଙ୍ଗାଧର ନାଥ, ଦୟାନିଧି ନାଥ, ବିଜୟ ବେହେରା, ବ୍ରହ୍ମାନନ୍ଦ ପରିଡ଼ା, ମଧୁ ରାଏ, ଗଗନ ପରିଡ଼ା, ଧୀରେନ୍ ପରିଡ଼ା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

ତ୍ରିଶୂଳିଆ,୨୯।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ମଣ୍ଡଳ ଶିକ୍ଷା ଅଧୀନ ମୁଣ୍ଡମୁହାଣ ସର୍କଲ ଅନ୍ତର୍ଗତ ମୁଣ୍ଡମୁହାଣ ସେବାଶ୍ରମରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ବିଦ୍ୟାଳୟରୁ ୧୦ଜଣ ଭାବେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବାବୁଲି ଚନ୍ଦ୍ର ଜେନାଙ୍କ ଆହ୍ୱାନକ୍ରମେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଳକାରାଣୀ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁହ୍ନେଇପଡ଼ା ସରପଞ୍ଚ ରୀତାଞ୍ଜଳି ସାମଲ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ପ୍ରାଚୀନା ଦାସ, ମୁଣ୍ଡମୁହାଣ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗୁଲୁବାଳା ସାହୁ, ବ୍ଲକର ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ରଥ, ଯମୁନାମଣି ହେମ୍ବ୍ରମ, ନିଖିଳ ଓଡ଼ିଶା ଶିକ୍ଷକ ସଂଘ ସଂଯୋଜକ ମନୋଜ ସ୍ୱାଇଁ, ଖବରଦାତା ରୁଦ୍ର ନାରାୟଣ ଷଡ଼ଙ୍ଗୀ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା ଯୋଗଦେଇ ପିଲାଙ୍କୁ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ ପିଲା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସମିମା ରେହେମାନ ଧନ୍ୟବାଦ ଦେଇଥିଲେ।

## 'ସଂସ୍କୃତ ସାହିତ୍ୟରେ ପ୍ରକୃତିକୁ ଗୁରୁତ୍ୱ ଦିଆଯାଇଛି'



ରେଭେନ୍‌ଶାରେ ଅନୁଷ୍ଠିତ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୨୯।୧(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ଇଂଲିଶ ବିଭାଗ ପକ୍ଷରୁ ୩ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରକୃତିର ବିବର୍ତ୍ତନ ପ୍ରକ୍ରିୟାରେ ମଣିଷ ଓ ଜୀବଜଗତ: ପରିବେଶ ସନ୍ତୁଳନ ପରିପ୍ରେକ୍ଷୀରେ ବିଶ୍ୱସାହିତ୍ୟ ଶୀର୍ଷକ ଉକ୍ତ ସମ୍ମିଳନୀକୁ ମୁଖ୍ୟ ଅତିଥି ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭାରତୀୟ ବିଶ୍ୱାସ ବ୍ୟବସ୍ଥା ଅନୁସାରେ ପ୍ରକୃତି ମାନବଜାତି ପାଇଁ ମଙ୍ଗଳକାରୀ। ସଂସ୍କୃତ ସାହିତ୍ୟରେ ପ୍ରକୃତିକୁ ଗୁରୁତ୍ୱ ଦିଆଯାଇଛି। ବିଶ୍ୱ ସାହିତ୍ୟରେ ମଣିଷ, ପ୍ରାଣୀ ଏବଂ ପ୍ରକୃତି ମଧ୍ୟରେ ବିକଶିତ ସମ୍ପର୍କ ଅତ୍ୟନ୍ତ ନିବିଡ଼ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଆମେରିକାର ମଧ୍ୟ ଟେନେସି ଷ୍ଟେଟ୍ ୟୁନିଭର୍ସିଟିର ଆସୋସିଏଟ୍ ଡିନ୍ ପ୍ରଫେସର ଫିଲିପ୍ ଏଡ୍‌ୱାର୍ଡ ଫିଲିପସ୍ ପରିବେଶ-କାବ୍ୟ ବିଜ୍ଞାନ ତଥା ଏଡଗର ଆଲାନ ପୋ ଏବଂ ରବର୍ଟ ଫ୍ରଷ୍ଟଙ୍କ କୃତିରେ ପ୍ରାଣୀଙ୍କ ପ୍ରତିନିଧିତ୍ୱ ପ୍ରସଙ୍ଗରେ ବକ୍ତୃତା ପ୍ରଦାନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ନାୟକ ଆନ୍ତଃବିଭାଗୀୟ ଗବେଷଣା ଏବଂ ବିଶ୍ୱ ଶିକ୍ଷାଗତ ସହଯୋଗ ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀ ନିର୍ଦ୍ଦେଶକ ଡକ୍ଟର ଖଗେନ୍ଦ୍ର ସେଠୀ ସ୍ୱାଗତ ଭାଷଣ, ରେଭେନ୍‌ଶା ଇଂଲିଶ ସଂଘର ସଭାପତି ପ୍ରଦୋଷ ମହାନ୍ତି ସମାବେଶକୁ ସମ୍ବୋଧିତ କରିଥିଲେ। ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ନୂତନ ଶିକ୍ଷାନୀତିର ବିବିଧତା ବିଷୟରେ କହିଥିଲେ। ସମ୍ମିଳନୀ ସଂଯୋଜକ ପ୍ରଫେସର ସମ୍ବିତ ପାଣିଗ୍ରାହୀ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ, କାଳିଦାସ ମିଶ୍ର, ହୀମାଦ୍ରି ଲାହିରୀ, ନିର୍ମଳ ସେଲଭାମନି, ବଳିରାମ ଗାୟକୱାଡ ଓ ପ୍ରଫେସର ମହେଶ ଦେ ପ୍ରମୁଖ ସମ୍ମିଳନୀର ବିଭିନ୍ନ ଅଧିବେଶନକୁ ପରିଚାଳନା କରିଥିଲେ। ସମ୍ମିଳନୀ ଆୟୋଜନ କମିଟିର ସଦସ୍ୟ ଡ. ଉର୍ମିଶ୍ରୀ ବେଦମାତା, ଡ. ଗୁରୁଦେବ ମେହେର, ଡ. ଦୀପ୍ତିରଞ୍ଜନ ମହାରଣା, ଡ. କୃଷ୍ଣପ୍ରଦା ଦାଶ, ଜୟଦେବ ମାଇତି, ନିଖିଲେଖ ଦାଶ, ସୁଶ୍ରୀ ଆର୍ଯ୍ୟପ୍ରଭା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିମ୍ବଗଛ ଉପୁଡ଼ି ପଡ଼ି ଆଜ୍‌ବେଷ୍ଟସ୍ ଭାଙ୍ଗିଲା

ବାରଙ୍ଗ,୨୯।୧(ଲିଙ୍ଗରାଜ ରାଉତ)

ନରାଜ ମାର୍ଥାପୁର ପଞ୍ଚାୟତର ନରାଜ ଗ୍ରାମରେ ଏକ ନିମ୍ବଗଛ ଉପୁଡ଼ି ପଡ଼ି ଆଜ୍‌ବେଷ୍ଟସ ଘର ଉପରେ ପଡ଼ିବାରୁ ଏକ ବଖରା ଘର ଭାଙ୍ଗିଯାଇଛି। ଘଟଣା ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବାବେଳେ ସୌଭାଗ୍ୟ ବଶତଃ ପରିବାର ଲୋକେ ସୁରକ୍ଷିତ ଅଛନ୍ତି। ପ୍ରକାଶ ଯେ, ନରାଜ କୈବର୍ତ୍ତ ସାହିର ଭଗବାନ ଦଳାଇ ତାଙ୍କ ପିଲାଛୁଆଙ୍କୁ ଧରି ମଙ୍ଗଳବାର ରାତିରେ ଆଜ୍‌ବେଷ୍ଟସ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଘର ଆଗରେ ଥିବା ଏକ ବିରାଟ ନିମ୍ବଗଛ ଉପୁଡ଼ି ଆଜ୍‌ବେଷ୍ଟସ ଉପରେ ପଡ଼ିଥିଲା। ଶବ୍ଦ ଶୁଣି ପରିବାର ଲୋକ ଘରୁ ବାହାରି ଆସିଥିବାରୁ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗଛଟି ପାଖର ଏକ କୋଠାଘର ଛାତ ଓ ତା' ପାଖକୁ ଲାଗିଥିବା ଆଜ୍‌ବେଷ୍ଟସ ଉପରେ ପଡ଼ିଥିଲା। ଆଜ୍‌ବେଷ୍ଟସ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ କୋଠାଘର ଆଂଶିକ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବାରଙ୍ଗରୁ ଏକ ଦମକଳ ବାହିନୀ ଆସି ଉକ୍ତ ନିମ୍ବଗଛଟିକୁ କାଟି ସଫା କରିଥିଲା।


କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ନାଟକ ଏକାଡେମୀ ଏବଂ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ ମଞ୍ଚସ୍ଥ ନାଟକ 'ଫୁଲ୍ ଟେନ୍‌ସନ୍'ର ଏକ ଦୃଶ୍ୟ।

## ଗ୍ରାମୀଣ ଅଭିବୃଦ୍ଧି ଦ୍ୱାରା ଦେଶର ବିକାଶ ସମ୍ଭବ

**ଖଦି ମହୋତ୍ସବ ଉଦ୍‌ଘାଟିତ**

କଟକ,୨୯।୧(କାର୍ତ୍ତିକ ସାହୁ)

ଗ୍ରାମୀଣ ଅଭିବୃଦ୍ଧି ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ। ଦେଶର କୋଟି କୋଟି ଗ୍ରାମୀଣ ଜନସାଧାରଣଙ୍କ ଜୀବନକୁ ଉନ୍ନତ କରିବା ତଥା ରୋଜଗାର ବୃଦ୍ଧି କରିବା ଦ୍ୱାରା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରାଯାଇପାରିବ। କେନ୍ଦ୍ର ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ମନ୍ତ୍ରଣାଳୟ ଅଧୀନ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଆନୁକୂଲ୍ୟରେ କଟକ ଖ୍ରୀଷ୍ଟିଆନ ପଡ଼ିଆଠାରେ ବୁଧବାର ରାଜ୍ୟସ୍ତରୀୟ ଖଦି ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ମନୋଜ କୁମାର, ଆୟୋଗର ପୂର୍ବାଞ୍ଚଳ ଜୋନ୍ ସଦସ୍ୟ ମନୋଜ କୁମାର ସିଂହ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କେଭିଆଇସିର ନିର୍ଦ୍ଦେଶକ ସୁବାସ ଛେତ୍ରୀ, ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଚିବ ସଞ୍ଜୟ କୁମାର ମିଶ୍ର, ପୂର୍ବାଞ୍ଚଳ ଜୋନ୍‌ର ଡେପୁଟି ଚିଫ୍ ଏକ୍ଜିକ୍ୟୁଟିଭ ଅଫିସର ଆଇ. ଜବାହାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ବିଭିନ୍ନ ରାଜ୍ୟର ୧୦୦ରୁ ଅଧିକ ଷ୍ଟଲ ସ୍ଥାନ ପାଇଛି। ଖଦି, ଗ୍ରାମୋଦ୍ୟୋଗ ଏବଂ ହସ୍ତତନ୍ତ ସାମଗ୍ରୀ ଷ୍ଟଲଗୁଡ଼ିକରେ ପ୍ରଦର୍ଶିତ ହେଉଛି। ଏହି ପ୍ରଦର୍ଶନୀ ୧୦ ଦିନ ଧରି ଚାଲିବ। ଏହି ଅବସରରେ ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧୀନରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୬୦୦ରୁ ଅଧିକ କାରିଗରଙ୍କୁ ବୈଦ୍ୟୁତିକ କୁମ୍ଭାର ଚକ, ମହୁ ସଂଗ୍ରହ ଉପକରଣ, ତୈଳବୀଜରୁ ତେଲ ପ୍ରସ୍ତୁତି ମେଶିନ, କାଗଜ ପ୍ଲେଟ ଓ ଦନା ତିଆରି ମେଶିନ, ସବାଇ ଘାସରୁ ଦଉଡ଼ି ତିଆରି ମେଶିନ, ମସଲା ପ୍ରସ୍ତୁତି ମେଶିନ ଆଦି ବଣ୍ଟନ କରାଯାଇଥିଲା।



ଖ୍ରୀଷ୍ଟିଆନ ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଶିଶୁଭବନରେ ଏମ୍‌ଆର୍‌ଆଇ, ସିଟିସ୍କାନ୍ ବ୍ୟବସ୍ଥା ନାହିଁ

**ଏସ୍‌ସିବି ପଠାଉଛନ୍ତି କର୍ତ୍ତୃପକ୍ଷ**

କଟକ,୨୯।୧(ଶିଲ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ସହ ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ହେଲେ ରାଜ୍ୟର ବୃହତ୍ ଶିଶୁ ଚିକିତ୍ସା ଅନୁଷ୍ଠାନ ଶିଶୁଭବନରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରତିଦିନ ଏଠାକୁ ଶତାଧିକ ଶିଶୁରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ଏଠାରେ ସେମାନଙ୍କ ପାଇଁ ସିଟିସ୍କାନ୍ ଓ ଏମ୍‌ଆର୍‌ଆଇ ସେବା ଉପଲବ୍ଧ ନାହିଁ। ଲୋକମାନେ ପିଲାଙ୍କୁ ଆଣି ଶିଶୁଭବନରେ ଡାକ୍ତର ଦେଖାଉଛନ୍ତି। ଏମ୍‌ଆର୍‌ଆଇ କିମ୍ବା ସିଟିସ୍କାନ ଆବଶ୍ୟକ ପଡିଲେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ପ୍ରେସ୍କ୍ରିପ୍‌ସନରେ ଦସ୍ତଖତ କରି ଶିଶୁରୋଗୀଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇ ଦେଉଛନ୍ତି। ଫଳରେ ଶିଶୁରୋଗୀ ଓ ତାଙ୍କ ସମ୍ପର୍କୀୟ ଗୋଟିଏ ମେଡିକାଲରୁ ଅନ୍ୟ ମେଡିକାଲ ଧାଇଁ ନାକେଦମ୍ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏସ୍‌ସିବିରେ ପ୍ରତିଦିନ ସିଟିସ୍କାନ୍ ପାଇଁ ଶତାଧିକ ରୋଗୀ ଅପେକ୍ଷା କରୁଥିବାବେଳେ ଶିଶୁଭବନ ଓ ସିଟି ହସ୍ପିଟାଲର ରୋଗୀଙ୍କ ଭାର ଦ୍ୱିଗୁଣା ବଢ଼ାଇ ଦେଉଛି। ଏସ୍‌ସିବିରେ ରୋଗୀ ଭାର ବଢିବାରୁ ଅଧିକାଂଶ ସମୟରେ ସିଟିସ୍କାନ୍ ମେଶିନ ଅଚଳ ହୋଇଯାଉଥିବା ନଜିର ରହିଛି।



ଶିଶୁଭବନର ଅବ୍ୟବସ୍ଥା ନେଇ ଶିଶୁରୋଗୀଙ୍କ ମା' ପ୍ରଭାମୟୀ ବେହେରା କହିଛନ୍ତି, ଝିଅର ମୁଣ୍ଡବିନ୍ଧା ହେବାରୁ ୪ ଦିନ ହେବ ମେଡିକାଲ ଆସୁଛି। ମଙ୍ଗଳବାର ସିଟିସ୍କାନ୍ କରିବାକୁ ଡାକ୍ତର କହିଥିଲେ। ହେଲେ ଏଠାରେ ସିଟିସ୍କାନ ମେଶିନ ନ ଥିବାରୁ ଏସ୍‌ସିବି ମେଡିକାଲ ଯିବାକୁ କୁହାଗଲା। ଗୋଟିଏ ମେଡିକାଲରେ ଚିକିତ୍ସା କରାଇ ଆଉ ଗୋଟିଏ ମେଡିକାଲରେ ପରୀକ୍ଷା କରାଇବା ପାଇଁ ବହୁତ କଷ୍ଟକର ହେଉଛି। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଶିଶୁଭବନ ଅଧୀକ୍ଷକ ପ୍ରଫେସର ମିଶ୍ର କହିଛନ୍ତି, ନୂତନ କୋଠା କାର୍ଯ୍ୟକାରୀ ହେବା ମାତ୍ରେ ଶିଶୁରୋଗୀଙ୍କୁ ସିଟିସ୍କାନ୍, ଏମ୍‌ଆର୍‌ଆଇ ଭଳି ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଏସ୍‌ସିବିରେ ଦିନକୁ ଦିନ ରୋଗୀସଂଖ୍ୟା ବଢିବାରେ ଲାଗିଛି, ସେହି ଅନୁଯାୟୀ ଏଠାରେ ବ୍ୟବସ୍ଥା କରାଯାଉଛି। ଏଭଳି କ୍ଷେତ୍ରରେ ଅନ୍ୟ ମେଡିକାଲରୁ ଏମ୍‌ଆର୍‌ଆଇ ଓ ସିଟିସ୍କାନ ପାଇଁ ଏସ୍‌ସିବିକୁ ରୋଗୀ ପଠାଯାଉଥିବାରୁ ଚିନ୍ତାର ବିଷୟ ପାଲଟିଛି।

## ଫଟୋରେ ଖବର



କଟକ ଗୌରୀଶଙ୍କର ପାର୍କ ନିକଟ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକଙ୍କ ରଚିତ ଉପନ୍ୟାସ 'ଭାଇ' ଓ ପ୍ରବନ୍ଧ ପୁସ୍ତକ 'ଜୀବନ ଉନ୍ମେଷ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**୫୫ ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ**

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ): ୮୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ୮୦%ବା ତଦୂର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ପରିଣତ ବୟସରେ ଏହା ବରଦାନ ସଦୃଶ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳଙ୍ଗପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅତିଥି ଭାବେ ସରପଞ୍ଚ ଭାନୁପ୍ରିୟା ଭୋଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ୍ ବେହେରା, ଡାଟା ଏଣ୍ଟ୍ରି ଅପରେଟର ସବିତା ମହାରଣା, ସାମାଜିକ କର୍ମୀ ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ରହି ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ଆଳଙ୍ଗପୁର ପଞ୍ଚାୟତରେ ୫୫ଜଣ ବ୍ୟକ୍ତିବିଶେଷଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି।




୨୯।୧।୨୦୨୫

| | |
|---|---|
| ୫,୯୧,୫୯୫ ଟଙ୍କା | |
| ସୁନା | ୯.୩୫୦ ଗ୍ରାମ୍ |
| ରୁପା | ୯୧ ଗ୍ରାମ୍ |

# ମହାପ୍ରଭୁଙ୍କ ଜମି ଜବରଦଖଲ ତଦନ୍ତ ଆରମ୍ଭ

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ମାଟିତୋଟା ପରେ ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ତାଳବଣିଆ ମୌଜାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମି ଉପରେ ଜମିମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ମହାପ୍ରଭୁଙ୍କ ଜମିକୁ ଜବରଦଖଲ ସହ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯିବା ସହ ତଦନ୍ତ ଆରମ୍ଭ ହୋଇଛି।

ତାଳବଣିଆ ମୌଜା ଖାତା ନମ୍ବର ୭୯୧ର ୬ଟି ପ୍ଲଟରେ ପ୍ରାୟ ୫୦ ଡିସିମିଲରୁ ଊର୍ଦ୍ଧ୍ୱ ଜମିକୁ ତାରବାଡ଼ ବୁଲାଇ ଦଖଲ କରାଯାଇଛି। ପ୍ଲଟରେ ଥିବା ଏକ ଘରର ଛାତରେ ଟିଣଶିଟ୍ ପକାଯାଇଛି। ଏଭଳି ଅଭିଯୋଗ ଆସିବା ପରେ ମଙ୍ଗଳବାର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ତହସିଲଦାର ପ୍ରାଥମିକ ତଦନ୍ତ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଛି। ଏଥିସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସହ ଆଲୋଚନା କରିଛନ୍ତି। ଅଭିଯୋଗର ତଦନ୍ତ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। ସେହିପରି ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ନାମରେ ବିଭିନ୍ନ ସ୍ଥାନରେ ଜମି ରହିଛି। ବିଗତ ଦିନରେ କେତେଜଣ ଅସାଧୁ ବ୍ୟକ୍ତି ମାଟିତୋଟା ଅଞ୍ଚଳରେ ଥିବା ମହାପ୍ରଭୁଙ୍କ ଜମିକୁ ଜାଲିଆତି କରି ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ଏପରି ଘଟଣା ଘଟିବା ପରେ ପ୍ରଶାସନ ତତ୍ପର ଓ ସତର୍କ ଥିଲା। ପ୍ରଶାସନ ଖବର ପାଇଥିଲା ଯେ, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବାଡ଼ ଘେରାଯାଇ ପ୍ଲଟିଂ କରିବା ନେଇ ଯୋଜନା ହେଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ତହସିଲର ଏକ ମିଳିତ ଟିମ୍ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଜମିକୁ ବେଆଇନ ଭାବେ ପ୍ଲଟିଂ କରାଯାଉଥିବା ଦେଖିଥିଲେ। ଏନେଇ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ସମ୍ପୃକ୍ତ ଜମିକୁ ସୁରକ୍ଷିତ କରାଯିବ। ଯଦି ଉକ୍ତ ଜମି ଉପରେ କୌଣସି ବ୍ୟକ୍ତି ତାଙ୍କର ମାଲିକାନା ବୋଲି ଦର୍ଶାଉଛନ୍ତି, ତେବେ ତାଙ୍କୁ ନୋଟିସ ଦିଆଯାଇ ସମସ୍ୟାର ସମାଧାନ କରାଯିବ। ମହାପ୍ରଭୁଙ୍କ ଜମିଗୁଡ଼ିକୁ ଚିହ୍ନଟ କରାଯାଉଛି ଓ ସୁରକ୍ଷିତ ରଖାଯିବ ବୋଲି ସ୍ୱାଇଁ କହିଛନ୍ତି। ମହାପ୍ରଭୁଙ୍କ ଜମିର ବେଆଇନ କାରବାରରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ମହାପ୍ରଭୁଙ୍କ ଜମି ଓ ସମ୍ପତ୍ତିର ସୁରକ୍ଷା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ମହାପ୍ରଭୁଙ୍କ ଭୂସମ୍ପତ୍ତିର ବେଆଇନ ହସ୍ତାନ୍ତର ସମ୍ପୂର୍ଣ୍ଣ ଅବୈଧ। ଜମିଜମା କ୍ରୟ ସମୟରେ ଶ୍ରୀମନ୍ଦିର ପ୍ରଶାସନକୁ ଯାଞ୍ଚ ପାଇଁ ମଧ୍ୟ ଯୋଗାଯୋଗ କରାଯାଇପାରିବ।

### ଜମି ମୋର, ମାଲିକାନା କାଗଜପତ୍ର ରଖିଛି: ବିରଞ୍ଚି ସାମନ୍ତରାୟ

ଅନ୍ୟପକ୍ଷରେ ବିରଞ୍ଚି ସାମନ୍ତରାୟ କହିଛନ୍ତି, ମହାପ୍ରଭୁଙ୍କ ଜମି ଦଖଲ କରିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ଭିତ୍ତିହୀନ ଓ ମିଥ୍ୟା। ଉକ୍ତ ଜମି ନେବଳ ଦାସ ମଠର। ୧୯୬୩ରେ ନେବଳ ଦାସ ମଠ ଠାରୁ ଏହାକୁ ତାଙ୍କ ପୂର୍ବପୁରୁଷ ଖରିଦ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟରେ ସିଦ୍ଧବକୁଳ ମଠ କେସ୍ ମାମଲାର ରାୟ ଅନୁଯାୟୀ ସମସ୍ତ ମଠ ସମ୍ପତ୍ତି ଶ୍ରୀମନ୍ଦିର ପ୍ରଶାସନ ହାତରେ ରହିଛି। ଏହା ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଉକ୍ତ ଜମିକୁ କିଣିବା ପାଇଁ ଆବେଦନ କରାଯାଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ ଅମିନ ଆସି ଜାଗା ମାପଚୁପ କରି ତାଙ୍କ ଜାଗା ଦେଖାଇଛନ୍ତି। ସେଟଲମେଣ୍ଟ ମଧ୍ୟ ଦଖଲ ନୋଟ୍ ଦେଇଛି। ମଠର ଚିରସ୍ଥାୟୀ ପଟ୍ଟା ମିଳିଛି ଓ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରାଯାଇଛି। ତେଣୁ ଉକ୍ତ ଜମିକୁ ଅସାମାଜିକ ବ୍ୟକ୍ତିଙ୍କଠାରୁ ରକ୍ଷା କରିବା ପାଇଁ ବାଡ଼ ପକାଇ ଆବଦ୍ଧ କରିଛି। ନିଜ ପାଖରେ ଥିବା ସମସ୍ତ ଡକ୍ୟୁମେଣ୍ଟ ପ୍ରଶାସନ ନିକଟରେ ଦାଖଲ କରିବି। ଏନେଇ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହିତ ସେ ଆଲୋଚନା କରିଥିବା ସାମନ୍ତରାୟ ପ୍ରକାଶ କରିଛନ୍ତି। ନେବଳ ଦାସ ମଠର କୃଷ୍ଣଚନ୍ଦ୍ର ଦାସ କହିଛନ୍ତି, ସେ କାହିଁ କେଉଁ ଅମଳରୁ ଏହି ସ୍ଥାନରେ ରହିଆସୁଛନ୍ତି। ସେମାନେ ମଠ ପକ୍ଷରୁ ମହାପ୍ରଭୁଙ୍କ ସେବା କରିଆସୁଛନ୍ତି। ତେବେ ଗତ ୨୩ ଓ ୨୪ ତାରିଖରେ କେତେଜଣ ବ୍ୟକ୍ତି ଆସି ଜମିରେ ବାଡ଼ ପକାଇ ଯାଇଛନ୍ତି। ୨୦୦୧ରେ ମଧ୍ୟ କେତେଜଣ ବ୍ୟକ୍ତି ଆସି ଧମକଚମକ ଦେଇଥିଲେ। ଏବେ ପୁଣି ସେଭଳି ଘଟଣା ଯୋଗୁ ସେଠାରେ ରହୁଥିବା ୧୦ ପରିବାର ଭୟଭୀତ ହୋଇପଡ଼ିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସୁରକ୍ଷା ଯୋଗାଇଦେବାକୁ ଦାସ ଦାବି କରିଛନ୍ତି।



ପୁରୀ ସର୍କିଟ୍ ହାଉସ୍ ପରିସରରେ ବୁଧବାର ଆୟୋଜିତ ପ୍ରିମିୟର ଲିଗ୍ ସମ୍ପର୍କିତ ବୈଠକରେ ସେବାୟତମାନେ।

## ସଂକ୍ଷେପରେ

### ଦେଉ୍ତୁଳି ପଞ୍ଚାୟତରେ ଭତ୍ତା ଦୁର୍ନୀତିର ତଦନ୍ତ

ଯୋଗେଶ୍ୱରପୁର, ୨୯।୧ (ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଅଞ୍ଚଳର ଦେଉ୍ତୁଳି ପଞ୍ଚାୟତରେ ଭତ୍ତା ଓ ସୁଭଦ୍ରା ଯୋଜନାର ଦୁର୍ନୀତି ନେଇ ୨ଜଣ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏହାର ତଦନ୍ତରେ ବିଳମ୍ବ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଦେଉ୍ତୁଳି ପଞ୍ଚାୟତରେ ୬୦ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ଭତ୍ତା ପାଇବାରୁ ବଞ୍ଚିତ ଥିବାବେଳେ ୪୮ରୁ ୫୦ ବର୍ଷ ବୟସର କେତେଜଣ ବ୍ୟକ୍ତି ଭତ୍ତା ପାଉଛନ୍ତି। ସେହିପରି ସୁଭଦ୍ରା ଯୋଜନାରେ ମଧ୍ୟ ସେମାନେ ୫ହଜାର ଟଙ୍କା ଲେଖାଏ ପାଇଥିବା ଜଣାପଡ଼ିଛି। ଏ ନେଇ ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବାର ମାସେ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ଏ ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁ କହିଚନ୍ତି, ଅଭିଯୋଗ ପାଇଛି ଓ ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

ବଳଙ୍ଗା,୨୯।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଉଛୁପୁର ସାଧନ କେନ୍ଦ୍ର ଅଧୀନ ବୀଣାପାଣି ସରକାରୀ ମିଳିତ ବିଦ୍ୟାଳୟ ପାର୍ବତୀପୁରଠାରେ ବୁଧବାର ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଞ୍ଜବିହାରୀ ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଜ୍ଞାନରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଛୁପୁର ସାଧନ କେନ୍ଦ୍ରର ୯ଟି ବିଦ୍ୟାଳୟର ୮୦ ଛାତ୍ରୀଛାତ୍ରଙ୍କୁ ନିପୁଣ ଓଡ଼ିଶାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ଅବଗତ କରାଯାଇଥିଲା।

### ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ

ବ୍ରହ୍ମଗିରି,୨୯।୧(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ଅଧୀନ ସେଣ୍ଟ୍ ଜାଭିୟର ହାଇସ୍କୁଲ ପରିସରରେ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ମହାପାତ୍ର, ଅନ୍ୟାନ୍ୟ ଅତିଥି ଭାବେ ବୈଷ୍ଣବ ଚରଣ ସାମଲ, ଶଶିଭୂଷଣ ମିଶ୍ର, ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଆଜିର ଛାତ୍ର ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଏଥିସହ ସେଣ୍ଟ୍ ଜାଭିୟର ହାଇସ୍କୁଲ ବ୍ରହ୍ମଗିରି ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ଆଣିଥିବା ବୈପ୍ଳବିକ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଉଗ୍ରେଶ୍ୱର ମହାଯଜ୍ଞ ମହୋତ୍ସବ

ବଳଙ୍ଗା,୨୯।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ ଦେଉଳିଗ୍ରାମର ଉଗ୍ରେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ୪ଦିନ ବ୍ୟାପୀ ୧୫ଶ ଉଗ୍ରେଶ୍ୱର ମହାଯଜ୍ଞ ସମ୍ପନ୍ନ ହୋଇଛି। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହଯୋଗରେ ଅନୁଷ୍ଠିତ ମହାଯଜ୍ଞରେ ଅଙ୍କୁରାରୋପଣ, କଳସ ଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା, ରୁଦ୍ରାହୁତି, ଗୀତାହୁତି, ଶପ୍ତଚଣ୍ଡୀ ପାଠ, ଆହୁତି, ରୁଦ୍ରାଭିଷେକ ପରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଭାଜପା ମୁଖପାତ୍ର ଦାଶଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପିପିଲିରେ ନୂତନ ମଦ ଦୋକାନକୁ ବିରୋଧ



ଖବରଦାତା ସମ୍ମିଳନୀରେ ମହାସଂଘର କର୍ମକର୍ତ୍ତା।

### ଖବରଦାତା ସମ୍ମିଳନୀରେ ସରକାରଙ୍କୁ ଚେତାବନୀ ଦେଲା ଦଳିତ ମହାସଂଘ

ପିପିଲି,୨୯।୧ (ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର)

ପିପିଲିରେ ନୂତନ ମଦ ଦୋକାନକୁ ବିରୋଧ। ଖବରଦାତା ସମ୍ମିଳନୀରେ ସରକାରଙ୍କୁ ଚେତାବନୀ ଦେଲା ଜାତୀୟ ଦଳିତ ମାଇନରଟି ମହାସଂଘ। ଭୁବନେଶ୍ୱର ଉପକଣ୍ଠ ପିପିଲି ଭଳି ଛୋଟ ସହରର ରାସ୍ତା ପାର୍ଶ୍ୱରେ ପାଖାପାଖି ୧୦ଟି ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ରହିଥିବା ବେଳେ ପୁଣି ଏକ ମଦ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଞ୍ଚକତାର ସହ ମେମୋ ନଂ. ୧୩୪ରେ ଏହି ନୂତନ ମଦ ଦୋକାନ ଖୋଲିବା ପାଇଁ ସ୍ଥିରୀକୃତ ହୋଇଛି ବୋଲି ମହାସଂଘ ଅଭିଯୋଗ କରିଛି। ପିପିଲିରେ ଏଭଳି ବେନିୟମ ଭାବେ ମଦ ଦୋକାନ ଖୋଲିବା ଦ୍ୱାରା ଦୁର୍ଘଟଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏହି ନୂତନ ମଦ ଦୋକାନ ଚିହ୍ନଟ ସ୍ଥାନ ପିପିଲି ଏନ୍‌ଏସି ୱାର୍ଡ ନଂ. ୧ର ରାସ୍ତା ପାର୍ଶ୍ୱରେ ରହିଛି ବୋଲି ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ କହିଛନ୍ତି। ଏଭଳି ବେନିୟମ ଭାବେ ରାସ୍ତାକଡ଼ରେ ମଦ ଦୋକାନ ଖୋଲିଲେ ତାହାକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରାଯିବ, ବେଳ ପଡ଼ିଲେ ମହାସଂଘ ରାଜରାସ୍ତାକୁ ଓହ୍ଲାଇ ତୀବ୍ର ଆନ୍ଦୋଳନ କରିବ। ଏହି ସମ୍ମିଳନୀରେ ସେଠୀଙ୍କ ସହ ମହାସଂଘର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ପରାମର୍ଶ



ବାର୍ଷିକୋତ୍ସବରେ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟ ଅତିଥିମାନେ।

### ଚଉଦମୌଜା ବିଦ୍ୟୁତ୍ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ

କଣାସ,୨୯।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଗଡ଼ସାନପୁଟ ପଞ୍ଚାୟତ ଅନ୍ତର୍ଗତ ଚଉଦମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୩ ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ନାଇଜର କୁଳପତି ଡ. ଅଭୟ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଓ ପ୍ରାଣନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରମୋଦ ଦାଶ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବିଜୟ କୁମାର ପଣ୍ଡା ଓ ଅଧ୍ୟାପିକା ଅଳି ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ଭବିଷ୍ୟତରେ ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉତ୍ସବରେ ସ୍ଥାନୀୟ ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂହ, ସମିତିସଭ୍ୟା ବିଜୟଲକ୍ଷ୍ମୀ ପରିଡ଼ା, ନାଏବ ସରପଞ୍ଚ କନକଲତା ଖଣ୍ଡାୟତରାୟ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ‘ଗଣମାଧ୍ୟମ ଗଣତନ୍ତ୍ରକୁ ପରିପୁଷ୍ଟ କରେ’

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ଜାତୀୟ ଖବର କାଗଜ ଦିବସ ଅବସରରେ ବୁଧବାର ୟୁଥ ହଷ୍ଟେଲରେ ସାମାଜିକ ଅନୁଷ୍ଠାନ ‘ଦ ମୋମେଣ୍ଟ’ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ‘ଗଣତନ୍ତ୍ରକୁ ସୁରକ୍ଷା ଦେଉଛି କି ଛାପା ଗଣମାଧ୍ୟମ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ କହିଥିଲେ, ଗଣତନ୍ତ୍ର ହେଉଛି ସାମାଜିକ ବିଜ୍ଞାନ ଓ ରାଜନୈତିକ ବିଜ୍ଞାନର ଅଂଶବିଶେଷ। ତୃଣମୂଳ ସ୍ତରଠାରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ସରକାରଙ୍କ ବହୁବିଧ ଯୋଜନା ଓ ପ୍ରକ୍ରିୟା ସହ ଗଣ ସମାଜର ଚିନ୍ତା ଚେତନାକୁ ଗଣମାଧ୍ୟମ ସଂଯୋଜିତ କରିଥାଏ। ରାଷ୍ଟ୍ରୀୟ ଚେତନା ଓ ସୁରକ୍ଷା ସହ ସମାଜ ମଙ୍ଗଳ ଉଭୟ ଗଣତନ୍ତ୍ର ଓ ଗଣମାଧ୍ୟମର ଯୌଗିକ କାର୍ଯ୍ୟଧାରା ବୋଲି ମୁଖ୍ୟ ଅତିଥି ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ ମିଶ୍ର କହିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ବିନୟ ନୃସିଂହ ମହାପାତ୍ର କହିଲେ, ଗଣତନ୍ତ୍ରରେ ମାନବାଧିକାର ସୁରକ୍ଷା ଦିଗରେ ଗଣସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଉଚିତ। ଅନ୍ୟତମ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡ. ଅଭିମନ୍ୟୁ ଭୂୟାଁ, ଐତିହାସିକ ମଦନମୋହନ ମହାପାତ୍ର, ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ମୋମେଣ୍ଟ ସଭାନେତ୍ରୀ ପ୍ରତିଭା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ପ୍ରାଧ୍ୟାପକ ଶରତ କୁମାର ସାହୁ, ବିଚିତ୍ର ରଞ୍ଜନ ମହାପାତ୍ର, ଗୋଲକ ଚନ୍ଦ୍ର ଜେନା, ସାମ୍ବାଦିକ ସରୋଜ କୁମାର ମିଶ୍ର, ଚନ୍ଦ୍ର ଶେଖର ମହାରଣା, ଅଧିବକ୍ତା ବିପିନ ଦଳାଇ, ନାରାୟଣ ନନ୍ଦ, ଗୋଲକ ଚନ୍ଦ୍ର ଜେନା ଓ ସାରଙ୍ଗଧର ଷଡ଼ଙ୍ଗୀ ପ୍ରମୁଖ ମତ ରଖିଥିଲେ। ଲେଖିକା ପୂର୍ଣ୍ଣମାସୀ ଦେବୀ, ପ୍ରତିଭା ଦାସ, ଜ୍ୟୋତିର୍ବିଦ ଡ. ସସ୍ମିତା ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ଛାତ୍ର ନେତା ନାରାୟଣ ପ୍ରସାଦ ସିଂହ, ଡ. ମୀନକେତନ ପାଢୀଯୋଶୀ, ଅଭିନେତା ପ୍ରମୋଦ କୁମାର ଜେନା ପ୍ରମୁଖଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସହସମ୍ପାଦକ ଅନନ୍ତ ପ୍ରସାଦ ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସାମ୍ବାଦିକ ଜୁପିଟର ଦାସ ଧନ୍ୟବାଦ ଦେଇଥିଲେ।




ଜାତୀୟ ଖବରକାଗଜ ଦିବସ ଅବସରରେ ପୁରୀ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

## ରେଞ୍ଚ ଶାସନ ପକ୍ଷରୁ ନିପୁଣ ଓଡ଼ିଶା ମେଳା

ନିମାପଡ଼ା,୨୯।୧(ରଞ୍ଜନ ପଟ୍ଟନାୟକ)

ଆଞ୍ଚଳିକ ସାଧନ କେନ୍ଦ୍ର ରେଞ୍ଚ ଶାସନ ପକ୍ଷରୁ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ରଡ ବଜାର ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରବୋଧ ମିଶ୍ରଙ୍କ ସଭପତିତ୍ୱରେ ମୁଖ୍ୟ ଅତିଥି ଭାବେ ୧୯ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ଯୋଗଦେଇଥିଲେ। ଏହି ଅବସରରେ ସାକ୍ଷରତା ସମ୍ବନ୍ଧୀୟ ଉପାଦେୟ ମନ୍ତବ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧନୁଆଁ ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ଗୋକୁଳାନନ୍ଦ ପରିଡ଼ା ଓ ସମିତି ସଭ୍ୟ ଜୟଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମେଳାରେ ସ୍ଥାନୀୟ ଅଞ୍ଚଳରେ ୧୦ଟି ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ର ନିଜ ନିଜର ସାକ୍ଷରତା ଓ ସଂଖ୍ୟାଜ୍ଞାନ ପ୍ରକଳ୍ପକୁ ପ୍ରଦର୍ଶନ କରିଥିଲେ। ଅତିଥିମାନେ ଉକ୍ତ ପ୍ରକଳ୍ପ ଷ୍ଟଲକୁ ପରିଦର୍ଶନ କରିଥିଲେ। ରଡ ବଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରେଞ୍ଚ ଆଞ୍ଚଳିକ ସାଧନକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ଆର୍ଟ ଆଣ୍ଡ କ୍ରାଫ୍ଟ, ସାଇନ୍ସ ପ୍ରଦର୍ଶନୀ

ପିପିଲି,୨୯।୧ (ପ୍ରଭାତ କୁମାର ମହାପାତ୍ର)

ପିପିଲି ଗୁଡ଼ିଆପୋଖରୀ ସ୍ଥିତ ଗୁରୁ ନାନକ ଇଂଲିଶ ମିଡିୟମ ସ୍କୁଲର ଆନୁଆଲ କାର୍ନିଭାଲ ଓଡ଼ିଶୀ ସେଲିବ୍ରେଶନ କାର୍ଯ୍ୟକ୍ରମ ପ୍ରିନ୍ସିପାଲ ସୁଧାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହାସହ ସ୍କୁଲ ପରିସରରେ ଆର୍ଟ ଆଣ୍ଡ କ୍ରାଫ୍ଟ ଓ ସାଇନ୍ସ ଆଣ୍ଡ ମାଥ୍ ଏକ୍ଜିବିଶନ ସହ ବୁକ୍ ଫେୟାର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁରୁ ନାନକ ସ୍କୁଲର ସଭାପତି ସର୍ଦ୍ଦାର ସତପାଲ ସିଂ, ସମ୍ମାନିତ ଅତିଥି ଭାବେ ସ୍କୁଲ ସମ୍ପାଦକ ସର୍ଦ୍ଦାର ଜସ୍‌ପାଲ ସିଂ, ଉପସଭାପତି କେ.ଏସ. ଚାୱଲାଙ୍କ ସହ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ୨ଟି ମାଗାଜିନ ‘ବିଦ୍ୟା ଦର୍ପଣ’ ଓ ‘ଫ୍ୟୁଚର ଇଜ୍ ନାଓ’ ଉନ୍ମୋଚିତ ହୋଇଥିଲା। ଚଳିତ ଶିକ୍ଷା ବର୍ଷର ବେଷ୍ଟ ଷ୍ଟୁଡେଣ୍ଟ ଆୱାର୍ଡ ଭାବେ ଦଶମ ଶ୍ରେଣୀ ଛାତ୍ର ରାମ ପ୍ରସାଦ ନାୟକଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ସ୍କୁଲର ବିଭିନ୍ନ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଆନୁଆଲ କାର୍ନିଭାଲ ଡେ ଗୁରୁ ନାନକ ଇଂଲିଶ ମିଡିୟମ ସ୍କୁଲର ଭାଇସ ପ୍ରିନ୍ସିପାଲ ଲିନା ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ମହିଳା ସରପଞ୍ଚଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି ପୋଲିସ

ଗୋପ,୨୯।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋଟିଏ ସପ୍ତାହ ଧରି ଗୋପ ବ୍ଲକ ଅନ୍ତର୍ଗତ ଇଡିଭୁଆଁ ପଞ୍ଚାୟତର ମହିଳା ସରପଞ୍ଚ ରୂପଶ୍ରୀ ପ୍ରଧାନଙ୍କ ଅଭିଯୋଗ ଉପରେ ରାମଚଣ୍ଡୀ ପୋଲିସ ଗୁରୁତ୍ୱ ନ ଦେବା ଫଳରେ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି। ଏପରିକି ମହିଳା ସରପଞ୍ଚ ଏପରି ଏକ ଗୁରୁତର ଅଭିଯୋଗ ଉପରେ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଇଡିଭୁଆଁ ପଞ୍ଚାୟତ ଅଧୀନ ଆଳସଙ୍ଘା ପ୍ରାଥମିକ ବିଦ୍ୟାଳୟ ମରାମତି ଲାଗି ଦେଢ଼ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସରପଞ୍ଚ ଏହି ମରାମତି କାମ ଆରମ୍ଭ କରିବା ଫଳରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ବାରମ୍ବାର ବିରୋଧ ହେବା ଫଳରେ ମରାମତି କାର୍ଯ୍ୟରେ ବାଧାସୃଷ୍ଟି ହେବା ସହିତ ବିଦ୍ୟାଳୟରେ ପାଠପଢ଼ାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେବା ଭଳି ଅଭିଯୋଗ ଆସିଥିଲା। ମହିଳା ସରପଞ୍ଚ ପ୍ରଧାନ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହେବା ପରେ ସେ ଏସ୍‌ପି, ବିଡିଓ, ନିମାପଡ଼ା ଡିଏସ୍‌ପିଙ୍କ ସହିତ ଜିଲା ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ସୁରେଶ ଚନ୍ଦ୍ର ପୁଷ୍ଟି କହିଛନ୍ତି, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି, କିନ୍ତୁ ସ୍କୁଲ୍ ପରିଚାଳନା କମିଟି ସଦସ୍ୟମାନେ ସରପଞ୍ଚଙ୍କ କାର୍ଯ୍ୟକୁ ବିରୋଧ କରିବାରୁ ଏପରି ଅବସ୍ଥା ଦେଖାଯାଇଛି। ତଥାପି ସମାଧାନ ପାଇଁ ଉଦ୍ୟମ ଚାଲିଛି।

### ଧାରଣାରେ ବସିବେ ସରପଞ୍ଚ

## ପୁରୀ ବଜାର ପ୍ରବେଶ କଲା ‘ଡେଷ୍ଟିନି ୧୨୫’

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଟାଉନ ହଲ୍ ଛକସ୍ଥିତ ହିରୋ ମୋଟୋକର୍ପର ଅଧିକୃତ ଶୋ’ରୁମ୍ ସଞ୍ଜୀବ ହିରୋଠାରେ କମ୍ପାନୀର ନୂଆ ସ୍କୁଟର ‘ଡେଷ୍ଟିନି ୧୨୫’ ଏକ୍ସଟେକ୍ ପୁରୀ ବଜାରକୁ ପ୍ରବେଶ କରିଛି। ଏଥିପାଇଁ ଶୋ’ ରୁମ୍ ପରିସରରେ ସ୍ୱତନ୍ତ୍ର ଭାବେ ଉନ୍ମୋଚନ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ଦଇତାପତି ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ ମଲ୍ଲିକ, ଶୋ’ ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ଟିଏସ୍ଏମ୍ ଶୁଭମ ପାଢ଼ୀ ପ୍ରମୁଖ ଯୋଗଦେଇ ଏହି ନୂଆ ସ୍କୁଟରକୁ ଉନ୍ମୋଚନ କରାଇଥିଲେ। ବର୍ତ୍ତମାନ ବାଇକ୍ ଅପେକ୍ଷା ସ୍କୁଟରର ଚହିଦା ବଢ଼ିଲାଣି। ବିଶେଷକରି ଯୁବଗୋଷ୍ଠୀ, କଲେଜ ଛାତ୍ରୀଛାତ୍ର ମଧ୍ୟ ସ୍କୁଟର ଚଲାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାକୁ ନଜରରେ ରଖି ହିରୋ ମୋଟୋକର୍ପ ଜବରଦସ୍ତ ଫିଚର ସହ ‘ଡେଷ୍ଟିନି ୧୨୫’କୁ ବଜାରକୁ ଛାଡ଼ିଛି। ଆଧୁନିକ ଜ୍ଞାନକୌଶଳ ସହିତ ଅତୁଳନୀୟ ମାଇଲେଜ୍ ତଥା ଅବିସ୍ମରଣୀୟ ବିଶ୍ୱସନୀୟତାକୁ ନେଇ ଏହା ବଜାରକୁ ଆସିଛି। ସ୍ପୋର୍ଟିଂ କ୍ୟାରେକ୍ଟର ଫ୍ୟୁଚରଷ୍ଟିକ୍ ଷ୍ଟ୍ରକ୍ଚର ସହିତ ଏହାର ଡିଜାଇନ ବେଶ୍ ଆକର୍ଷଣୀୟ ରହିଛି। ଉଜ୍ଜ୍ୱଳିତ ଷ୍ଟାର୍ଟ ସୁଇଚ୍, ସ୍ୱକ୍ରିୟ ବନ୍ଦ ହୋଇପାରୁଥିବା ୱିଙ୍କର, ଲମ୍ବା ସିଟ୍ ଏବଂ ଅଧିକ ସ୍ଥାନ ଥିବା ଏକ ଫ୍ଲୋରବୋର୍ଡ ମଧ୍ୟ ରହିଛି। ଏକ ସ୍ଫୂର୍ତ୍ତିଭରା, ଗତିଶୀଳ ତଥା ମିତବ୍ୟୟ ବାହନ ହିସାବରେ ଯାନ୍ତ୍ରିକତାର ସମସ୍ତ ଗୁଣ ରହିତ ଏହି ସ୍କୁଟରରେ ନୂତନ ଡିଜିଟାଲ ସ୍ପିଡୋମିଟର, ୧୯୦ ଏମ୍ଏମ୍ ସମ୍ମୁଖ ଭାଗ ଡିସବ୍ରେକ୍, ଏକ ଅଧୁନାତମ ୧୨/୧୨ ପ୍ଲାଟଫର୍ମ ତଥା ଚଉଡ଼ା ପଛ ଚକା ଭଳି ଏକାଧିକ ବୈଶିଷ୍ଟ୍ୟ ରହିଛି। ଏଥିରେ ହିରୋର ନବୀନତମ ଆଇ୩ଏସ୍ (ଆଇଡେଲ ଷ୍ଟପ ଷ୍ଟାର୍ଟ ସିଷ୍ଟମ୍) କୌଶଳ ସହିତ ଡିଜାଇନ ହୋଇଥିବା ଜ୍ଞାନ ସଂଯୁକ୍ତ ବ୍ୟାକରେଷ୍ଟ ଚାଳକଙ୍କୁ ଆହୁରି ଅଧିକ ଆରାମଦାୟକତା ତଥା ଉତ୍କୃଷ୍ଟମାନର ଚାଳନାର ଅଭିଜ୍ଞତା ପ୍ରଦାନ କରିବ। ଡେଷ୍ଟିନି ୧୨୫ ଭିଏକ୍ସର ଏକ୍ସ ଶୋ’ ରୁମ୍ ମୂଲ୍ୟ ୮୦,୪୫୦ ଟଙ୍କା, ଜେଡ୍ଏକ୍ସ ମୂଲ୍ୟ ୮୯,୩୦୦ ଟଙ୍କା ଏବଂ ଜେଡ୍ଏକ୍ସ ପ୍ଲସ ମୂଲ୍ୟ ୯୦,୩୦୦ ଟଙ୍କା ରହିଛି ବୋଲି ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ ମଲ୍ଲିକ କହିଛନ୍ତି। ଏହି ଅବସରରେ ୨ ଗ୍ରାହକଙ୍କୁ ନୂଆ ଗାଡ଼ିର ପ୍ରଥମ ଡେଲିଭରି ପ୍ରଦାନ କରାଯାଇଛି।



# ଯମୁନା ଜଳରେ ଦିଲ୍ଲୀ ରାଜନୀତି

**ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭାର ୭୦ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଜାତୀୟ ରାଜଧାନୀର ଭୋଟର କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ପୁନର୍ବାର ସୁଯୋଗ ଦେବେ ନା ଭାଜପା ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରିବେ ତାହା ଆସନ୍ତା ୮ ତାରିଖରେ ଭୋଟ ଗଣତି ପରେ ସ୍ପଷ୍ଟ ହୋଇଯିବ। କିନ୍ତୁ ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଏବଂ ଭାଜପା ନେତାମାନେ ଏବେ ପରସ୍ପରକୁ ଟାର୍ଗେଟ କରିବା ପାଇଁ ଯମୁନା ନଦୀର ପ୍ରଦୂଷିତ ପାଣିକୁ ନେଇ ରାଜନୀତି କରିବାରେ ଲାଗିଛନ୍ତି। ଏହି ପ୍ରସଙ୍ଗ କେବଳ ଦିଲ୍ଲୀ ନୁହେଁ, ଜାତୀୟ ରାଜନୀତିକୁ ସରଗରମ କରିଛି।**


ଅରବିନ୍ଦ କେଜ୍‌ରିୱାଲ


ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୨୯।୧

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଯମୁନା ନଦୀର ଜଳ ପ୍ରଦୂଷଣ ପାଇଁ ହରିୟାଣାର ଭାଜପା ସରକାରଙ୍କୁ ଦାୟୀ କରିଥିଲେ। ସେ କହିଥିଲେ, ଲୋକଙ୍କୁ ପାଣିରୁ ବଞ୍ଚିତ କରିବାଠାରୁ ବଡ଼ ପାପ ନାହିଁ। ଭାଜପା ଦିଲ୍ଲୀବାସୀଙ୍କୁ ତୃଷାର୍ତ୍ତ କରି ରଖିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହିଁ। ହରିୟାଣା ସରକାର ଯମୁନା ଜଳରେ ବିଷ ମିଶାଇ କଳୁଷିତ ରାଜନୀତି କରୁଛନ୍ତି। ଏହି ବିଷାକ୍ତ ପାଣିକୁ ବିଶୋଧନ କରାଯାଇପାରିବ ନାହିଁ। ଆପ୍ ପୁନର୍ବାର କ୍ଷମତାକୁ ଆସିଲେ ଆଉ ଏପରି ହେବାକୁ ଦିଆଯିବ ନାହିଁ। ଏହାର ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଏକ ସଭାରେ କହିଛନ୍ତି, ଆପ୍‌ଦା ଲୋକେ ନିର୍ବାଚନରେ ପରାଜୟ ଭୟରେ ମନଇଚ୍ଛା ଅଭିଯୋଗ ଆଣୁଛନ୍ତି। ସେମାନେ ଯେଉଁ ପାପ କରିଛନ୍ତି, ତାକୁ ହରିୟାଣା ଓ ଭାରତର ଲୋକେ କେବେ ଭୁଲିବେ ନାହିଁ। ହରିୟାଣା ସରକାର ପାଣିରେ ବିଷ ମିଶାଇଥିବେ କେହି ଭାବିପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେପଟେ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ବୁଧବାର ଯମୁନା ନଦୀକୁ ଯାଇ ଏହାର ପାଣି ପିଇଛନ୍ତି। ରାଜନୈତିକ ଫାଇଦା ଆଶାରେ କେଜ୍‌ରିୱାଲ ଦେଇଥିବା ଦୁର୍ଭାଗ୍ୟଜନକ ମନ୍ତବ୍ୟ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ପାଇଁ ଉଦ୍ଦିଷ୍ଟ। କେଜ୍‌ରିୱାଲ ସାରା ଜୀବନ ମିଛ କହିଆସିଛନ୍ତି ବୋଲି ସେ ସମାଲୋଚନା କରିଛନ୍ତି। ଇତିମଧ୍ୟରେ କେଜ୍‌ରିୱାଲଙ୍କ ମନ୍ତବ୍ୟକୁ ନେଇ ଭାଜପା ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଥିଲା। ଇସି ତାଙ୍କୁ ବୁଧବାର ରାତି ୮ ସୁଦ୍ଧା ପ୍ରମାଣ ସମ୍ବଳିତ ଜବାବ ଦାଖଲ ପାଇଁ ପତ୍ର ଲେଖି ନିର୍ଦ୍ଦେଶ ଦେଇଥିଲେ। ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ପୂର୍ବରୁ ଏହା ଉପରେ କେଜ୍‌ରିୱାଲ ୧୪ ପୃଷ୍ଠାର ଏକ ଜବାବ ଦାଖଲ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଭାଜପା ଶାସିତ ରାଜ୍ୟ ହରିୟାଣାରୁ ଆସୁଥିବା ଯମୁନା ଜଳ ଏତେ ବିଷାକ୍ତ ହୋଇଯାଇଛି ଯେ, ତାହା ମଣିଷଙ୍କ ଦ୍ୱାରା ବ୍ୟବହାରଯୋଗ୍ୟ ନୁହେଁ। ଏହାକୁ ପିଇଲେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ସେ ସଫେଇ ଦେଇଛନ୍ତି। କେଜ୍‌ରିୱାଲ ଆହୁରି କହିଛନ୍ତି, ଦିଲ୍ଲୀ ଜଳ ବୋର୍ଡ ସିଇଓଙ୍କଠାରୁ ହସ୍ତଗତ ପତ୍ର ଅନୁସାରେ ଯମୁନା ପାଣିରେ ଆମୋନିଆ ସ୍ତର ଅଧିକ ରହିଛି। ଏହାକୁ ପିଇଲେ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟିପାରେ। ତେବେ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ଏପରି ମନ୍ତବ୍ୟ ଦେଇଥିବା କହିଛନ୍ତି। ଇତିମଧ୍ୟରେ ଭାଜପାର ଅଭିଯୋଗ କ୍ରମେ ସୋନିପଥର ଏକ କୋର୍ଟ କେଜ୍‌ରିୱାଲଙ୍କୁ ସମନ କରିଛନ୍ତି। ଆସନ୍ତା ୧୭ରେ ହାଜର ହେବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି।


ଯମୁନା ନଦୀର ପାଣି ପିଉଛନ୍ତି ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି।

## ବିକାଶ ନାମରେ ବିନାଶ କରୁଛି ବେଦାନ୍ତ: ବିଭୂତି



ଖବରଦାତା ସମ୍ମିଳନୀରେ ଦ ଗ୍ରୀନ୍ ଟିମ୍ ଓଡ଼ିଶାର ସଭାପତି ବିଭୂତି ଭୂଷଣ ମହାପାତ୍ର ଓ ଅନ୍ୟମାନେ।

ଭୁବନେଶ୍ୱର, ୨୯।୧(ସୁନିତ୍ ମିଶ୍ର)

ପରିବେଶ ଓ ପ୍ରକୃତି ପାଇଁ କାମ କରୁଥିବା ଦ ଗ୍ରୀନ୍ ଟିମ୍ ଓଡ଼ିଶା ତରଫରୁ ମଙ୍ଗଳବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯିବା ସମୟରେ ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲଙ୍କୁ କାହିଁକି କଳାପତାକା ଦେଖାଇ ବିରୋଧ କରାଯାଇଥିଲା ସେନେଇ ଖବରଦାତା ସମ୍ମିଳନୀକରି ଜବାବ ରଖାଯାଇଛି। ବୁଧବାର ଏକ ଘରୋଇ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦ ଗ୍ରୀନ୍ ଟିମ୍ ଓଡ଼ିଶାର ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଲାଞ୍ଜିଗଡ଼ ବେଦାନ୍ତରେ ରେଡ୍‌ମଡ୍ ପଣ୍ଡ ଭାଙ୍ଗିବା ଯୋଗୁ ଲକ୍ଷ ଲକ୍ଷ ହେକ୍ଟର ଚାଷଜମି ନଷ୍ଟ ହୋଇଛି। ଏହାସହ ବଂଶଧାରା ନଦୀ ସମ୍ପୂର୍ଣ୍ଣ ଦୂଷିତହେବା ଯୋଗୁ ସ୍ଥାନୀୟ ଅଧିବାସୀ ଜୀବନ ଜୀବିକା ହରାଇଛନ୍ତି। ହେଲେ ବେଦାନ୍ତ ନା ସରକାର ସ୍ଥାନୀୟ ବାସିନ୍ଦାଙ୍କୁ ଏ ବାବଦରେ କ୍ଷତିପୂରଣ ଦେବା ତ ଦୂରର କଥା କ୍ଷୟକ୍ଷତି ଆକଳନ ବି କରିନାହାନ୍ତି। ଏହା ବେଦାନ୍ତର ବିକାଶ ନାମରେ ବିନାଶ ନୁହେଁ କି ବୋଲି ପ୍ରଶ୍ନକରି କମ୍ପାନୀ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପରେ ସେ ବର୍ଷିଛନ୍ତି।

ଏହାସହ ବିଭୂତି ଆହୁରି କହିଛନ୍ତି, ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ଅନିଲ ଅଗ୍ରୱାଲ ୧ ଲକ୍ଷ କୋଟି ଟଙ୍କା ନିବେଶରେ ୬୦ ଲକ୍ଷ ଟନ୍ କ୍ଷମତାର କମ୍ପାନୀ ଓ ଏଥିରେ ଦେଢ଼ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ତାହା ମିଛ କଥା କହିଛନ୍ତି। ପୂର୍ବରୁ କେତେ ଓଡ଼ିଆ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇଛନ୍ତି ଓ ରିଫାଇନେରି ପାଇଁ ଏତେ କୋଇଲା କେଉଁଠାରୁ ଆସିବ ତାହା ସ୍ପଷ୍ଟକରନ୍ତୁ। ବେଦାନ୍ତର ଲୋଲୁପଦୃଷ୍ଟି ନିୟମଗିରି ଉପରେ ରହିଛି। ସେଦିଗରେ ବେଦାନ୍ତର ସ୍ୱପ୍ନ ସେମିତି ରହିଯିବ। ଜାନ୍ ଯାଉ ଜୀବନ ଯାଉ ନିୟମଗିରି ବଞ୍ଚିଥାଉ ଲଢ଼େଇ ଜାରି ରହିବ। ବହୁ କମ୍ ମୂଲ୍ୟରେ ଖଣି ନେଇ ଶିଳ୍ପ କରି ପରିବେଶ ପ୍ରକୃତି ନଷ୍ଟକରିବା ସହ ବିକାଶ ନାଁରେ ବିନାଶ କରୁଥିବା ଅନିଲ ଅଗ୍ରୱାଲ ଓ ତାଙ୍କ ବେଦାନ୍ତ କମ୍ପାନୀ ଏବେ ସିଜିମାଳିରେ ମୂଳ ନିବାସୀଙ୍କ ଉପରେ ଅତ୍ୟାଚାରକରି ଜବରଦସ୍ତି ବିସ୍ଥାପନ କରିବାକୁ ବାଧ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଅନିଲଙ୍କୁ ଓଡ଼ିଶା ମାଟିରେ ପାଦଦେବାକୁ ଦିଆଯିବ ନାହିଁ ବୋଲି ସଙ୍ଗଠନ ସମ୍ପାଦକ ଗଣେଶ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନିଲ ଅଗ୍ରୱାଲ ଜନତା ମଇଦାନ ଯାଉଥିବା ସମୟରେ ଦ ଗ୍ରୀନ୍ ଟିମ୍ ଓଡ଼ିଶା ତରଫରୁ ତାଙ୍କୁ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଇଥିଲା।

## ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶାର କପି ପେଷ୍ଟ: ବିଜେଡି

ଭୁବନେଶ୍ୱର,୨୯।୧(ଅନିଲ ଦାସ)

ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ମେକ୍ ଇନ୍ ଓଡ଼ିଶାର କପି ପେଷ୍ଟ ବୋଲି ବିଜୁ ଜନତା ଦଳ (ବିଜେଡି) କହିଛି। ବୁଧବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ବିଧାୟକ ତଥା ପୂର୍ବତନ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ପ୍ରଣୟନ କରାଯାଇଥିବା ନୂତନ ଶିଳ୍ପନୀତି, ଯଥା ଆଇପିଆର-୨୦୨୨, ନୂତନ ବିସ୍ଥାପନ ନୀତି, ଏକ ସଫଳ ଶିଳ୍ପ ନୀତି ଭାବେ ଆଦୃତ ହୋଇଥିଲା, ଯାହା ମାଧ୍ୟମରେ ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲା। ନବୀନଙ୍କ ଉଦ୍ୟମରେ ଆରମ୍ଭ କରାଯାଇଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ୧୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଅପରପକ୍ଷେ ଭାଜପା ସରକାର କ୍ଷମତାକୁ ଆସିବାର ୭ ମାସ ବିତିଯାଇଥିଲେ ସୁଦ୍ଧା ଶିଳ୍ପ ପ୍ରତିଷ୍ଠା ଦିଗରେ ଗୋଟିଏ ବି ନୂତନ ନୀତି କରିନାହାନ୍ତି । ଆଉ ଶିଳ୍ପାନୁଷ୍ଠାନରେ ଜଣେ ବି ନୂତନ ନିଯୁକ୍ତି ପାଇନାହାନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଡାକି ଆୟୋଜିତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ କେବଳ ପୂର୍ବରୁ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଆସିଥିବା ଶିଳ୍ପାନୁଷ୍ଠାନ ସେ ସମୟରେ କରିଥିବା ପ୍ରତିଶ୍ରୁତିର ପୁନରାବୃତ୍ତି କରିଛନ୍ତି ବୋଲି ସେ କହିଥିଲେ।

## ଆକ୍ରୋଶମୂଳକ ପଦକ୍ଷେପ, ତରବରିଆ କାର୍ଯ୍ୟାନୁଷ୍ଠାନ: ଶାନ୍ତି ମଞ୍ଜରୀ ଦେଈ


ଖବରଦାତା ସମ୍ମିଳନୀରେ ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ସୂଚନା ଦେଉଛନ୍ତି।

ଦେବଗଡ଼,୨୯।୧
(ଶଶାଙ୍କ ଶେଖର ଝାଙ୍କର)

**ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଲେ ବହିଷ୍କୃତ ଦେବଗଡ଼ ପୌରାଧ୍ୟକ୍ଷା**

ରାଜ୍ୟ ସରକାର ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କୁ ବହିଷ୍କୃତ କରିଛନ୍ତି। ପୌରାଧ୍ୟକ୍ଷାଙ୍କୁ ବହିଷ୍କାର କରାଯାଇଥିବା ନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି ଶାନ୍ତି ମଞ୍ଜରୀ ଦେଈ। ରାଜନୈତିକ ଆକ୍ରୋଶ ରଖି ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି ଏବଂ ଆସନ୍ତା ୩ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ରାଜ୍ୟ ସରକାର ଅପେକ୍ଷା ନ କରି ତରବରିଆ ଭାବେ ଏଭଳି ପଦକ୍ଷେପ ନେଇଛନ୍ତି। ନ୍ୟାୟପାଳିକା ଉପରେ ଆମର ଭରସା ରହିଛି ବୋଲି ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଶାନ୍ତି ମଞ୍ଜରୀ। ଏଥିରେ ପୂର୍ବତନ ବିଜେଡି ସମ୍ପାଦକ ଉମାଶଙ୍କର ସାହୁ ରାଜ୍ୟ ସରକାରଙ୍କ ବିରୋଧରେ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝି,ଯତିନ କୁମାର ନାୟକ ଓ ଆଇନଜୀବୀ ବିକାଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୁକ୍ତା ଯୋଜନା, ଦୈନିକ ମାର୍କେଟ ଟେଣ୍ଡର ଏବଂ ମାସିକ ବୈଠକ ଡାକିବାରେ ଅନିୟମିତତା ହୋଇଥିବା ପୌର ପରିଷଦର ସମସ୍ତ ଭାଜପା ଏବଂ ସ୍ୱାଧୀନ କାଉନସିଲର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏହାର ଉତ୍ତର ରଖିବାକୁ ଗତ ନଭେମ୍ବର ୧୧ରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌରାଧ୍ୟକ୍ଷାଙ୍କୁ ନୋଟିସ ଜାରି କରାଯାଇଥିଲା। ଏ ନେଇ ପୌରାଧ୍ୟକ୍ଷା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସିବିଆଇ ତଦନ୍ତ ଦାବି ପରେ ବି ସରକାର ନୀରବ: ଦୀପାଳି

ଝାରସୁଗୁଡ଼ା,୨୯।୧(ଆଶିଷ ରଞ୍ଜନ ଦାଶ)

ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ନେଇ ପୁଣି ମୁହଁ ଖୋଲିଛନ୍ତି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ। ମୁଁ ଓ ମୋ ପରିବାର ବାରମ୍ବାର ସିବିଆଇ ତଦନ୍ତ ପାଇଁ ଦାବି କରିବା ପରେ ମଧ୍ୟ ଭାଜପା ସରକାର ଚୁପ୍ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଦୀପାଳି। ବୁଧବାର ଝାରସୁଗୁଡ଼ାସ୍ଥିତ ନବଦାସ ଅଡିଟୋରିୟମରେ ନବ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଦୀପାଳି ଏହା କହିଛନ୍ତି। ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ ଘଟଣା ଉପରେ ଦୀପାଳି କହିଥିଲେ ଯେ, ବର୍ତ୍ତମାନ ତାହା କୋର୍ଟରେ ବିଚାରାଧୀନ ଅଛି। ସରକାରୀ ଦଳର କେତେଜଣ ବିଧାୟକ ଓ ନେତାମାନେ ତଦନ୍ତ ପାଇଁ କଟାକ୍ଷ କରୁଛନ୍ତି। ତେବେ ଆମେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ମୋ ବାପାଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ପାଇଁ ଲେଖିକି ଦେବୁ। ତାହାକୁ ନେଇ ମୁଁ ମୋ ପରିବାର ଓ ଆମ ଦଳ ସହ ଆଲୋଚନା କରୁଛି। ଆମେ ସିବିଆଇ ତଦନ୍ତ ପାଇଁ ଚିଠି ପ୍ରସ୍ତୁତ କରୁଛୁ ଏବଂ ଆଗାମୀ ୧ ରୁ ୨ ସପ୍ତାହ ମଧ୍ୟରେ ତାହା ଦେବୁ ବୋଲି ଦୀପାଳି କହିଛନ୍ତି। ଅନ୍ୟପକ୍ଷରେ ସିବିଆଇ ତଦନ୍ତ ପାଇଁ ମୁଁ ପ୍ରତିକ୍ରିୟା ଦେବା ପରେ ମଧ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରକାରର ପ୍ରତିକ୍ରିୟା ଆସି ନ ଥିବା ଆମକୁ ଆଶ୍ଚର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

## ବିସ୍ଥାପିତଙ୍କ ଉପରେ ମରଣାନ୍ତକ ଆକ୍ରମଣ ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୨୯।୧(ଅନିଲ ଦାସ)

ରାଜ୍ୟରେ ଗୋଟିଏ ପଟେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବା ବେଳେ କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରୁଥିବା ବିସ୍ଥାପିତଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି।

ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଯାଜପୁର ଜିଲ୍ଲାର କଳିଙ୍ଗ ନଗର ଏସିଆ ମହାଦେଶର ସବୁଠାରୁ ବଡ଼ ଇସ୍ପାତ ଶିଳ୍ପ ହବ୍ ହୋଇପାରିଥିଲା । ବର୍ତ୍ତମାନ ଗୋଟିଏ ପଟେ ନୂତନ ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଉଥିବା ବେଳେ ଅପରପକ୍ଷରେ କଳିଙ୍ଗ ନଗରଠାରେ ନିରୀହ ଆଦିବାସୀ ବିସ୍ଥାପିତମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘୋର ନିନ୍ଦନୀୟ। ଏହି ଆକ୍ରମଣର ଭିଡିଓ ପ୍ରଦର୍ଶିତ କରି ଘଡ଼ାଇ କହିଛନ୍ତି, ପୋଲିସ ଉପସ୍ଥିତିରେ ନିରୀହ ବିସ୍ଥାପିତମାନଙ୍କ ଉପରେ ସାଦା ପୋଷାକରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ଆକ୍ରମଣ କରାଯାଇଥିଲା। ଏଥିରେ ଅନେକ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ବିସ୍ଥାପିତମାନଙ୍କ ପାଖରେ କେହି ପହଞ୍ଚିନାହାନ୍ତି। ଓଡ଼ିଶାରେ ନୂତନ ଶିଳ୍ପ ପ୍ରତିଷ୍ଠାର ଲକ୍ଷ୍ୟକୁ ପୂରଣ କରିବାକୁ ହେଲେ ବିସ୍ଥାପିତମାନଙ୍କୁ ସମ୍ମାନ ତଥା ଉପଯୁକ୍ତ ନ୍ୟାୟ ଦେବାକୁ ହେବ। ସରକାର ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ଏବଂ ବିସ୍ଥାପିତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ବଡ଼ପଡ଼ା ସରପଞ୍ଚ ଉପନିର୍ବାଚନ, ଅନନ୍ୟା ବିଜୟୀ

ପଟ୍ଟାମୁଣ୍ଡାଇ, ୨୯।୧(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ବଡ଼ପଡ଼ା ପଞ୍ଚାୟତ ଉପନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଅନନ୍ୟା ଶୁଭସ୍ମିତା ସେଠୀ ବିଜୟୀ ହୋଇଛନ୍ତି। ବୁଧବାର ବ୍ଲକ ପରିସରରେ କଡ଼ା ନିରାପତ୍ତା ମଧ୍ୟରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇଛି। ବିଜୟୀ ପ୍ରାର୍ଥୀ ଅନନ୍ୟା ଶୁଭସ୍ମିତା ୧୮୨୯ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ଲିଲା ମଲ୍ଲିକ୧୦୪୫ ଖଣ୍ଡ ଭୋଟ ପାଇଛନ୍ତି। ଅନନ୍ୟା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲିଲାଙ୍କୁ ୭୮୪ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

## ସରକାରୀ ଚାକିରି ବୟସସୀମା ୪୩ ବର୍ଷକୁ ବୃଦ୍ଧି କରାଯାଉ

**ରାଜ୍ୟପାଳଙ୍କୁ ଦାବି ଜଣାଇଲା ଯୁବ କଂଗ୍ରେସ ପ୍ରତିନିଧି ଦଳ**

ଭୁବନେଶ୍ୱର, ୨୯।୧(ସୁନିତ୍ ମିଶ୍ର)

ସରକାରୀ ଚାକିରି ଆବେଦନର ସର୍ବୋଚ୍ଚ ବୟସସୀମା ସ୍ଥାୟୀ ଭାବେ ୪୩ ବର୍ଷକୁ ବୃଦ୍ଧି ଦାବି ନେଇ ବୁଧବାର ପୂର୍ବତନ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ୮ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ହରି ବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି। ଏହି ଅବସରରେ ସ୍ମୃତିରଞ୍ଜନ କହିଛନ୍ତି, ରାଜ୍ୟର ବହୁ ଶିକ୍ଷିତ ଯୁବତୀଯୁବକ ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସସୀମା ୪୩ ବର୍ଷକୁ ସ୍ଥାୟୀ ଭାବେ ବୃଦ୍ଧି ଲାଗି ଦୀର୍ଘବର୍ଷ ହେବ ଦାବି କରିଆସୁଛନ୍ତି। ଏନେଇ ପୂର୍ବ ସରକାରଙ୍କ ନିକଟରେ ବହୁବାର ଦାବି ଉପସ୍ଥାପନ ସହ ଆନ୍ଦୋଳନ କରାଯାଇଛି। ତେବେ ନୂଆ ସରକାର ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରନ୍ତୁ। ଏହାଦ୍ୱାରା ରାଜ୍ୟର ବହୁ ଆଶାୟୀ ଯୁବତୀଯୁବକ ଉପକୃତ ହେବେ। ପୂର୍ବ ସରକାର ଏହି ବୟସ ସୀମା ୩୨ରୁ ୩୮ ବର୍ଷକୁ ମାତ୍ର ୩ ବର୍ଷ ଲାଗି ଅସ୍ଥାୟୀ ଭାବେ ବୃଦ୍ଧିକରିଥିଲେ। ମାତ୍ର ଏହାର ଏହାର ସୁଫଳ ଠିକ୍ ଭାବେ ମିଳିପାରି ନ ଥିଲା। ତେବେ ଏହି ଦାବିକୁ ରାଜ୍ୟପାଳ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସ୍ମୃତିରଞ୍ଜନ କହିଛନ୍ତି।


ରାଜ୍ୟପାଳ ହରି ବାବୁ କମ୍ଭମପାଟିଙ୍କୁ ବୁଧବାର ଯୁବ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**କର୍ପୋରେଶନ ବୈଠକ ଅଧାରୁ ବନ୍ଦ**

ବ୍ରହ୍ମପୁର,୨୯।୧(ସ୍ମୃତି ରଞ୍ଜନ ମହାଲିକ)


କାର୍ଯ୍ୟାଳୟ ସମ୍ମୁଖରେ କର୍ପୋରେଟରମାନେ ଧାରଣାରେ ବସିଛନ୍ତି।


ମହିଳା କର୍ପୋରେଟରମାନେ ମୁହାଁମୁହିଁ ହୋଇଛନ୍ତି।

ବ୍ରହ୍ମପୁର ମହାନଗର ନିଗମର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ନିର୍ବାଚନ ପ୍ରକ୍ରିୟାରେ ଚୟନ କରାଯିବା ଦାବି ନେଇ ବୁଧବାର ବିଏମ୍‌ସିର ସାଧାରଣ ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଛି। ଏପରିକି ୨ କର୍ପୋରେଟର ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ ପରିସ୍ଥିତି ନିୟନ୍ତ୍ରଣ ପାଇଁ ବୁଝାଶୁଝା କରିଥିଲେ। କିନ୍ତୁ କେତେଜଣ ମହିଳା କର୍ପୋରେଟର ନିର୍ବାଚନ କରାଯିବା ନେଇ ମେୟର ଓ କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ନିକଟରେ ଦାବି କରିବା ସହ ଧାରଣା ଦେଇଥିଲେ। ଅନ୍ୟ ମହାନଗର ନିଗମରେ ନିର୍ବାଚନ ହେଉଛି, ବିଏମସିରେ ଥିବା ୧୦ଟି ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ପଦବୀ ନିର୍ବାଚନ ପ୍ରକ୍ରିୟାରେ ଚୟନ କରିବା ପାଇଁ ସେମାନେ ଜିଦ୍ ଧରିଥିଲେ। ଏପରି ପ୍ରାୟ ଅଧଘଣ୍ଟା ଧରି ଧାରଣା ଓ ପାଟିତୁଣ୍ଡ ମଧ୍ୟରେ ଗୃହ ଅଶାନ୍ତ ହୋଇ ପଡିଥିଲା। ପରେ ମେୟର କହିଥିଲେ ଯେ, ୨୦୨୨ରୁ ବିନା ନିର୍ବାଚନରେ ସମସ୍ତ କର୍ପୋରେଟରଙ୍କ ସହଯୋଗରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ଚୟନ କରାଯାଉଛି। ବର୍ତ୍ତମାନ ଗଠିତ ଷ୍ଟାଣ୍ଡିଂ କମିଟିକୁ ବର୍ଷେ ପୂରଣ ହୋଇନି। ଆହୁରି ୬ ମାସ ବାକି ଅଛି। ୧ ବର୍ଷ ପୂରିବା ପରେ ଏହାର ଆଇନଗତ ତର୍ଜମା ପରେ ନିଷ୍ପତ୍ତି ନିଆଯିବ ବୋଲି କହିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ୨୬ ନଂ. ୱାର୍ଡ କର୍ପୋରେଟର ଧୀରେଶ ସାବତ କହିଥିଲେ, ପରିମଳ ଏଜେନ୍ସିର ବିଲ କର୍ପୋରେଟରଙ୍କ ବିନା ଅନୁମତିରେ ପାସ ନ କରିବାକୁ ଗତ କର୍ପୋରେଶନ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ କମିଶନର କର୍ପୋରେଟରଙ୍କ ବିନା ଅନୁମୋଦନରେ ପରିମଳ ଏଜେନ୍ସିଙ୍କ ବିଲ ପାସ କରୁଥିବା ଅଭିଯୋଗ କରିଥିଲେ। କମିଶନର କହିଥିଲେ ଯେ, ୧ ମାସ ମଧ୍ୟରେ କର୍ପୋରେଟରଙ୍କ କୌଣସି ଅନୁମୋଦନ ନ ମିଳିଲେ ଏହାକୁ ମେୟରଙ୍କ ପରାମର୍ଶରେ ପାସ କରାଯିବ। ଏହାକୁ ନେଇ କର୍ପୋରେଟର ଅସନ୍ତୋଷ ପ୍ରକାଶ କରି କମିଶନର ଗୋ ବ୍ୟାକ, କମିଶନରଙ୍କ ମନମୁଖୀ ନୀତି ଚଳିବ ନାହିଁ ବୋଲି ନାରା ଦେଇଥିଲେ। ତେଣୁ କମିଶନର ବୈଠକ ଅଧାରୁ ଉଠି ପଳାଇଥିଲେ। ମେୟର ମଧ୍ୟ ବୈଠକ ଛାଡି ପଳାଇଥିଲେ। ବୈଠକ ଅଧାରୁ ଭଙ୍ଗ ହୋଇଥିଲା। କିନ୍ତୁ ବୈଠକ ସଂପୂର୍ଣ୍ଣ କରିବା ପାଇଁ ଗୋଟିଏ କର୍ପୋରେଟର ଗୋଷ୍ଠୀ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ମେୟର ସେମାନଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସନ୍ଧ୍ୟା ପର୍ଯ୍ୟନ୍ତ କର୍ପୋରେଟରମାନେ ଧାରଣାରେ ବସିଥିଲେ। ବହୁ ସମୟ ପରେ ଧାରଣାରୁ ଉଠିଥିଲେ। ଅନ୍ୟପଟେ କମିଶନର ବୈଠକରେ ତାଙ୍କୁ କର୍ପୋରେଟର ଧୀରେଶ ସାବତ ଗାଳି ଗୁଲଜ ଓ ଖରାପ ବ୍ୟବହାର କରିଥିବା ଅଭିଯୋଗ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲାପାଳ ଓ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ମ୍ୟୁନିସିପାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି।

# ବିଧାୟକଙ୍କ ସମର୍ଥକ-ମିଶନ ଶକ୍ତି ସଦସ୍ୟା ମୁହାଁମୁହିଁ

## ଏମ୍‌ବିକେ-ସିଆର୍‌ପିଙ୍କ ଧାରଣାର ଦ୍ୱିତୀୟ ଦିନରେ ତୁମୁଳକାଣ୍ଡ

ନିଶ୍ଚିନ୍ତକୋଇଲି,୨୯।୧ (ଅଶୋକ କୁମାର ମହାପାତ୍ର):



ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଗେଟ୍‌ର ଉଭୟ ପାର୍ଶ୍ୱରେ ଦୁଇ ଗୋଷ୍ଠୀ ହୋହଲ୍ଲା କରୁଛନ୍ତି ।

କଟକ ଜିଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଶନଶକ୍ତିର ଏମ୍‌ବିକେ, ସିଆରପିଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଥିବାବେଳେ ବୁଧବାର ପଞ୍ଚାୟତ ସମିତି ବୈଠକ ଆୟୋଜନବେଳେ ତୁମୁଳକାଣ୍ଡ ଘଟିଛି। ଏହି ଅବସରରେ ବିଧାୟକ ସମର୍ଥକ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି ।

ମାହାଙ୍ଗାର ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ କର୍ମୀ ଓ ସମର୍ଥକଙ୍କ ସହ ବ୍ଲକ ସମିତି ବୈଠକରେ ଯୋଗଦେବାକୁ ଆସିଥିଲେ। ଏହି ସମୟରେ ସାଙ୍ଗରେ ଆସିଥିବା ସମର୍ଥକମାନଙ୍କୁ ପୋଲିସ ଫାଟକ ବାହାରେ ଅଟକାଇଥିଲା। ଏନେଇ ବିଧାୟକଙ୍କ ସମର୍ଥକମାନେ ହୋହଲ୍ଲା କରିବା ସହ ଭିତରେ ଧାରଣାରେ ବସିଥିବା ମହିଳାମାନଙ୍କୁ ଇଙ୍ଗିତ କରି କଟୁଭାଷା କହିଥିଲେ । ଅପରପକ୍ଷେ ବ୍ଲକ ପରିସରରେ ଧାରଣାରେ ବସିଥିବା ଏମ୍‌ବିକେ, ସିଆରପିମାନଙ୍କ ସହ କୌଣସି ଆଲୋଚନା ନ କରି ବିଧାୟକ ସମ୍ମିଳନୀ କକ୍ଷକୁ ଚାଲିଯାଇଥିଲେ। ପରେ ବିଧାୟକ ଫେରି ପୋଲିସ ବଳୟ ମଧ୍ୟରେ ବ୍ଲକ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବୈଠକକୁ ଯାଇଥିଲେ । ଏହି ସମୟରେ ବିଧାୟକଙ୍କ ବିରୋଧରେ ନାରାବାଜି ଶୁଣିବାକୁ ମିଳିଥିଲା । ଆନ୍ଦୋଳନରେ ବସିଥିବା ମହିଳାମାନେ ବିଧାୟକ ଓ ତାଙ୍କ ସମର୍ଥକଙ୍କୁ ଗାଳିଗୁଲଜ କରିବା ସହ ଛକା ବୋଲି କହି ଅଟ୍ଟହାସ୍ୟ କରିଥିଲେ। ଅପରପକ୍ଷେ ବାହାରେ ଥିବା ବିଧାୟକଙ୍କ ସମର୍ଥକମାନେ ହୁଳହୁଳି ପକାଇ ଧାରଣାରତ ମହିଳାମାନଙ୍କୁ ଉପହାସ କରି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏଥିରେ ଏମ୍‌ବିକେ, ସିଆରପି ସଂଘର କର୍ମକର୍ତ୍ତାମାନେ ଉତ୍କ୍ଷିପ୍ତ ହୋଇପଡିଥିଲେ ଓ ବିଧାୟକ ଆମ କଥା ବୁଝନ୍ତୁ ଅବା ନ ବୁଝନ୍ତୁ ସରକାରଙ୍କଠାରୁ ନ୍ୟାୟଦାବି ପାଇବୁ ବୋଲି କହିଥିଲେ। ସ୍ୱାଧୀନ ବିଧାୟକଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଥିଲା। ସ୍ଥିତିସମ୍ଭାଳିବାକୁଘଟଣାସ୍ଥଳରେ କଟକ ଏଡିଏମ୍ ଶିବୋ ଟପ୍ପୋ ପହଞ୍ଚିଥିଲେ। ଏଡିଏମ୍ ଓ ମିଶନ ଶକ୍ତି କର୍ମକର୍ତ୍ତାଙ୍କ ସହ ଦୀର୍ଘ ସମୟ ଆଲୋଚନା ପରେ ମଧ କୌଣସି ସୁଫଳ ମିଳି ନ ଥିଲା । ଏମ୍‌ବିକେ ଓ ସିଆପିମାନେ ତିନି ଦଫା ଦାବିରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅପରାହ୍ନରେ ବିଧାୟକ ବ୍ଲକ କାର୍ଯ୍ୟାଳୟ ଛାଡ଼ିବା ପରେ ମିଶନଶକ୍ତି ସମର୍ଥକ ଓ ବିଧାୟକଙ୍କ ସମର୍ଥକ ମୁହାଁମୁହିଁ ହୋଇ ହାତାହାତି ପର୍ଯ୍ୟନ୍ତ ପରିସ୍ଥିତି ଉପୁଜିଥିଲା। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ କଡା ପଦକ୍ଷେପ ନେଇଥିଲା। ଖବର ଲେଖାହେଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

ଏ ସମ୍ପର୍କରେ ସିଆରପି ଅମ୍ବିକା ପରିଡା କୁହନ୍ତି, ଗତ ଦୁଇ ଦିନ ହେଲା ଆମେ ଧାରଣାରେ ବସିଛୁ। ଏ ପ୍ରସଙ୍ଗରେ ସ୍ଥାନୀୟ ବିଧାୟକଙ୍କ ସହ ସମସ୍ତ ଅଧିକାରୀଙ୍କୁ ଅବଗତ କରାଯାଇଛି। ମାତ୍ର ବିଧାୟକ ସେମାନଙ୍କ କଥା ନ ବୁଝି ସମର୍ଥକମାନଙ୍କ ଜରିଆରେ ଗାଳିଗୁଲଜ କରୁଛନ୍ତି। ଏ ସମ୍ପର୍କରେ ବିଧାୟକ ପ୍ରଧାନ କୁହନ୍ତି, ସେ ପଞ୍ଚାୟତ ସମିତି ବୈଠକକୁ ଆସିଥିଲେ। ବୈଠକ ଶାନ୍ତିଶୃଙ୍ଖଳାର ସହ ହୋଇଛି। ଧାରଣାରେ ବସିଥିବା ମିଶନ ଶକ୍ତି ମହିଳାମାନଙ୍କ ସମସ୍ୟା ଦୀର୍ଘ ଦିନର। ସରକାର ଏ ନେଇ ପଦକ୍ଷେପ ନେଉଛନ୍ତି।

# ଦେଶୀମଦ ବୋଝେଇ ସ୍କର୍ପିଓ ଜବତ, ଚାଳକ ଗିରଫ

ବାରଙ୍ଗ/ତ୍ରିଶୂଳିଆ, ୨୯।୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀ ମେନ୍ କେନାଲ ବନ୍ଧରେ ପାଟ୍ରୋଲିଂ କରୁଥିବାବେଳେ ଦେଶୀମଦ ଆଣି ଆସୁଥିବା ଏକ ସ୍କର୍ପିଓକୁ ଜବତ କରିଛି। ଏଥିସହ ଚାଳକଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ୫୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ଷଣ୍ଢପୁର ଗ୍ରାମ ନିକଟ ପୁରୀ ମେନ୍ କେନାଲ ବନ୍ଧରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୦ଟାବେଳେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଆଠଗଡ଼ ପଟରୁ ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓକୁ ପୋଲିସ ଅଟକାଇଥିଲା। ଏହି ସମୟରେ ଚାଳକ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ହାତରେ ଧରାପଡିଥିଲେ। ଅନ୍ୟ ୪ ଜଣ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ଯାଞ୍ଚ ବେଳେ ସ୍କର୍ପିଓରୁ ୨୦ଟି ରବର ବ୍ଲାଡରରେ ପ୍ରାୟ ୮୦୦ ଲିଟର ଦେଶୀମଦ ଜବତ କରିଥିଲା। ଗାଡ଼ିର କାଗଜପତ୍ର ଯାଞ୍ଚ ବେଳେ ନକଲି ନମ୍ବର ପ୍ଲେଟ୍ ଲଗାଯାଇଥିବା ଜଣାପଡ଼ିଥିଲା। ଟିଗିରିଆ ଅଞ୍ଚଳରୁ ଭୁବନେଶ୍ୱରକୁ ବାରଙ୍ଗ ଦେଇ ଏହି ଦେଶୀ ମଦ ଚାଲାଣ କରାଯାଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# କ୍ରିକେଟ: ସେମିରେ ବିନ୍ଧାଣିମା

ଟିଗିରିଆ,୨୯।୧(ଜାଫର ଖାଁ):

ଟିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତସ୍ଥିତ ବିନ୍ଧାଣିମା ଗ୍ରାମ ଖେଳପଡ଼ିଆରେ ବୁଧବାର ତୃତୀୟ ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଆୟୋଜକ ବିନ୍ଧାଣିମା ଦଳ ଓ ଆଠଗଡର ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ବିନ୍ଧାଣିମା ବିଜୟୀ ହୋଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିନ୍ଧାଣିମା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବ୍ରତ ମହାନ୍ତି ସର୍ବାଧିକ ରନ୍ ସଂଗ୍ରହ କରିଥିଲେ। ସେ ୩୬ ବଲରୁ ୮୯ ରନ କରିଥିଲେ। ଜବାବରେ ଆଠଗଡ ଦଳ ୧୯.୫ ଓଭର ରେ ସମସ୍ତ ଉଇକେଟ ହରାଇ ୨୩୩ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଶ୍ରୀଧର ସାହୁ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ବିନ୍ଧାଣିମା ଦଳର ସୁବ୍ରତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର



ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ମାଳବିହାରପୁର ଦୁର୍ଘଟଣାରେ ଛାତ୍ର ମୃତ୍ୟୁ ଘଟଣା

ବାଙ୍କୀ, ୨୯।୧( ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସାଧାରଣ ତନ୍ତ୍ର ଦିବସରେ ଯୋଗଦେବା ପାଇଁ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଆସୁଥିବାବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨୨ ଜଣ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏ ଘଟଣାକୁ ନେଇ ମୃତକଙ୍କ ପରିବାର ସମେତ ଅଭିଭାବକ ଓ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ୩ ଦିନ ହେବ ବିଦ୍ୟାଳୟରେ ତାଲା ପକାଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ମୃତକଙ୍କ ପରିବାରକୁ ପଚାଶ ଲକ୍ଷ ଟଙ୍କା ପ୍ରଦାନ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଛଅ ମାସର ଦରମା ପୀଡ଼ିତ ପରିବାରକୁ ଅନୁକମ୍ପା ରାଶି ରୂପେ ପ୍ରଦାନ, ଦୁର୍ଘଟଣା ଘଟାଇଥିବା ଗାଡ଼ିର କାଗଜପତ୍ର ଠିକ୍ ନ ଥିବାରୁ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁପରିଚାଳନା ପାଇଁ ସ୍ଥାୟୀ କମିଟି ଆଦି ଦାବି କରାଯାଇଥିଲା। ଗ୍ରାମ ସଭାପତି ବଂଶୀଧର ଜେନାଙ୍କ ସଭାପତିତ୍ୱରେ ରଘୁନାଥ ମଣ୍ଡପଠାରେ ଗ୍ରାମସଭା ଆୟୋଜନ କରାଯାଇ ମୃତ ଛାତ୍ର ସୌମ୍ୟ ରଞ୍ଜନ ବେହେରାଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଅପରପକ୍ଷେ ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ, ମାଳବିହାରପୁର ସ୍କୁଲର ନିଲମ୍ବିତ ପ୍ରଧାନଶିକ୍ଷକ କାହ୍ନୁଚରଣ ବେହେରା ଓ ଶିକ୍ଷକ ଶ୍ରୀନିବାସ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅଧିକାରୀ ଓ ଆଇଆଇସି ଜିଲାପାଳଙ୍କ ଅଦାଲତରେ ହାଜର ହୋଇ ସେମାନଙ୍କର ପକ୍ଷ ରଖିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ୍ୟ କମିଟି ସଭାପତି ବଂଶୀଧରଙ୍କ ସମେତ ସମ୍ପାଦକ ତାପସ ମହାରଣା, ପୂର୍ବତନ ସରପଞ୍ଚ ପ୍ରକାଶ କୁମାର ବେଉରା, ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର କୁମାର ଖଟୁଆ, କଳାପାଟ ସାହି ସଭାପତି ପ୍ରଫୁଲ୍ଲ ସୀଠ, ସନ୍ତୋଷ ମହାରଣା, ମୃତ ଛାତ୍ରଙ୍କ ବାପା ମଙ୍ଗୁଳି ବେହେରା, ନବ କିଶୋର ଜେନା ଓ ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାର ନକଲ ଗଣଶିକ୍ଷା ମନ୍ତ୍ରୀ, ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବାଙ୍କି ଥାନା ଅଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ୫ ଦିନ ମଧ୍ୟରେ ସମାଧାନ ନ ହେଲେ ଗ୍ରାମବାସୀ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଏକାଠି ହେଲେ ୧୬ ବିଶ୍ୱବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

## ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ବାରଙ୍ଗ/ତ୍ରିଶୂଳିଆ, ୨୯।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)




ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା 'ବୀରୋଦୟ' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ମହାକୁମ୍ଭରେ ସ୍ଥାନୀୟ ଅଞ୍ଚଳର ୧୬ରୁ ଅଧିକ ଉଚ୍ଚ ଶିକ୍ଷାନୁଷ୍ଠାନ ଏକାଠି ହୋଇଥିଲେ। ଟୁର୍ନାମେଣ୍ଟରେ ବାସ୍କେଟବଲ, ଫୁଟ୍‌ବଲ, କ୍ରିକେଟ, ଭଲିବଲ, କବାଡ଼ି ଓ ବ୍ୟାଡମିଣ୍ଟନ ସମେତ ବିଭିନ୍ନ କ୍ରୀଡ଼ାରେ ଆଥ୍‌ଲେଟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି, ଉନ୍ନତମାନର ଉପକରଣ, କ୍ରୀଡ଼ାବିତ୍ ଏବଂ ଅଧିକାରୀଙ୍କ ପାଇଁ ଆରାମଦାୟକ ରହଣି, ସମସ୍ତଙ୍କ ପାଇଁ ଖାଦ୍ୟ ଷ୍ଟଲ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ହୋଇଥିଲା। ଏଥିରେ ପ୍ରାୟ ୫୦୦ରୁ ଅଧିକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। କବାଡ଼ି (ପୁରୁଷ) ଏବଂ କ୍ରିକେଟରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବାବେଳେ ଭଲିବଲ(ପୁରୁଷ)ରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ଫୁଟ୍‌ବଲରେ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ସଫଳତା ମିଳିଥିଲା। କବାଡ଼ି (ମହିଳା) ଏବଂ ବାସ୍କେଟବଲ (ପୁରୁଷ) ବିଭାଗରେ ଆୟୋଜକ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ୨ଟି ମେଡାଲ ହାସଲ କରିଛି। ଭଲିବଲ (ମହିଳା)ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏବଂ ବାସ୍କେଟବଲ (ମହିଳା)ରେ ରମାଦେବୀ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ମୁଖ୍ୟ ଡ. ବିଜୟଲକ୍ଷ୍ମୀ ମହାନ୍ତି, ଛାତ୍ର କଲ୍ୟାଣ ଡିନ୍ ଜୟପ୍ରକାଶ ଭଞ୍ଜ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳପତି ଡ. ତେଜପ୍ରତାପ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତଭିତ୍ତିକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ରୀଡ଼ା ବର୍ଗର ବିଜେତା ଓ ଉପବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରାଯାଇଥିଲା। ବିଜେତା ଦଳ ଏବଂ ବ୍ୟକ୍ତିଗତ କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କ କୃତିତ୍ୱ ନିମନ୍ତେ ଟ୍ରଫି, ପଦକ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଆଠଗଡ଼ ବନଖଣ୍ଡରେ ୧୯,୯୬୨ ପକ୍ଷୀ

ଆଠଗଡ଼, ୨୯।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ବନଖଣ୍ଡ ଅନ୍ତର୍ଗତ ୫ ବନାଞ୍ଚଳ ଆଠଗଡ, ଖୁଣ୍ଟୁଣି, ବଡ଼ମ୍ବା, ନରସିଂହପୁର ପୂର୍ବ ଓ ପଶ୍ଚିମ ବନାଞ୍ଚଳରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ୭୨ ପ୍ରଜାତିର ୧୯,୯୬୨ ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଛି। ଖୁଣ୍ଟୁଣି ବନାଞ୍ଚଳରେ ୫୮୬୧, ଆଠଗଡରେ ୪୯୦୩, ବଡ଼ମ୍ବାରେ୨୪୬୯,ନରସିଂହପୁର ପୂର୍ବ ୫୦୩୪ ଓ ପଶ୍ଚିମ ରେ ୧୬୯୫ ପକ୍ଷୀ ଥିବା ଜଣାପଡ଼ିଛି। ମହାନଦୀରେ କଖଡିଠାରେ୮୦ ଇଣ୍ଡିଆନ ସ୍କିମର ପକ୍ଷୀ ଦେଖାଯାଇଛି ବୋଲି ଖୁଣ୍ଟୁଣି ସହକାରୀ ବନସଂରକ୍ଷକ ନୀଳମାଧବ ସାହୁ ସୂଚନା ଦେଇଛନ୍ତି। ଗତବର୍ଷ ୭୦ ପ୍ରଜାତିର ୧୬,୮୪୬ ପକ୍ଷୀ ଗଣନା କରାଯାଇଥିଲା।

# ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ

ଆଠଗଡ,୨୯।୧(ସତ୍ୟ ପ୍ରସାଦ ରଥ): ଅଂଶୁପାକୁଳସ୍ଥିତ ସରଣ୍ଡା ବିଦ୍ୟାପୀଠର ପୁରାତନ ଛାତ୍ରସଂସଦର ବାର୍ଷିକ ଅଧିବେଶନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୯୮୧ ମାଟ୍ରିକ ବ୍ୟାଚ ଛାତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତି, ଆଧୁନିକ ଶିକ୍ଷାଦାନ ପାଇଁ ଭିତ୍ତି ଭୂମିର ବିକାଶ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ କାହ୍ନୁଚରଣ ସ୍ୱାଇଁ, ଧରଣୀଧର ସାମଲ, ରମେଶ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ଅନ୍ତର୍ଯାମୀ ସ୍ୱାଇଁ, ଯଶୋବନ୍ତ ସାମନ୍ତରାୟ, ନରେନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ପ୍ରମୁଖ ଯୋଗଦେଇଥିଲେ।


**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN - 756089
Phone: 06782-275787, E-mail: registrarfmuniversity@gmail.com, Website: https://fmuniversity.nic.in/
No. Estt.(NT)-II-62/2025/636 Date: 29.01.2025

**TENDER CALL NOTICE**

Sealed tenders are invited from reputed Manpower Providing Agencies having valid Labour Contract Registration/GST Regd., PAN No. etc. to provide the services of different Ministerial, Technical & other Class-IV personnels to the University for a period of **three years from the month of Agreement** on contract basis to attend day to day official work of the University. The tender papers, terms and conditions and other related documents are available in the University website **https://fmuniversity.nic.in**. The interested agencies may download the same from the University website and submit sealed cover tender papers along with required fees & documents in the office of the Registrar by **17.02.2025 at 5.00 P.M.** positively. The sealed cover tenders shall be opened on **18.02.2025 at 11.00 A.M.** in the office chamber of the Registrar in presence of the Venders or their authorised representatives.

Sd./- Registrar

See Career Appointment on every Wednesday & Saturday

यूनियन बैंक ऑफ़ इंडिया Union Bank of India

**କୋର୍ଟପେଟା ଶାଖା**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୪

**ବିକ୍ରୟ ନୋଟିସ୍**
(୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୌଭାଗ୍ୟ ଗୌଡ, ପିତା: ସୀମାଞ୍ଚଳ ଗୌଡ, ଠିକଣା-୧: ସା: ବେଠୁଆର, ପୋ: ବେଠୁଆର, ଥାନା: ବଡଗଡ, ଧାରାକୋଟ, ଗଞ୍ଜାମ, ଓଡିଶା-୭୬୧୧୦୭, ଠିକଣା-୨: ସା: ଚୈତନ୍ୟ ନଗର, ୩ୟ ଲେନ, ଲୋଚାପଡା, ବ୍ରହ୍ମପୁର-୭୬୧୦୦୧ | ଶ୍ରୀ ସୌଭାଗ୍ୟ ଗୌଡଙ୍କ ନାମରେ ଥିବା ଘରବାରୀ ଜମି ଏବଂ ଗୃହ ଯାହାର ଜିଲ୍ଲା: ଗଞ୍ଜାମ, ତହସିଲ: କୁକୁଡାଖଣ୍ଡି, ଏସ୍‌ଆରଓ: ବ୍ରହ୍ମପୁର-୧, ଥାନା: ବ୍ରହ୍ମପୁର ସଦର, ଗ୍ରାମ/ମୌଜା: ନିମଖଣ୍ଡି, ଚୈତନ୍ୟ ନଗର, ୩ୟ ଲେନ, ଲୋଚାପଡା ମେନ୍ ରୋଡ୍ ନିକଟ, ପୁରୁଣା ଖାତା ନଂ.: ୪୧୦/୬୪୮୬, ନୂତନ ଖାତା ନଂ.: ୪୧୦/୮୮୬୪ ଏବଂ ପୁରୁଣା ପ୍ଲଟ୍ ନଂ.: ୫୦୫/୩୯୮୪, ନୂତନ ପ୍ଲଟ୍ ନଂ.: ୫୦୫/୧୦୪୫୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଟି ବାଲାଜୀଙ୍କ ଜମି, ପଶ୍ଚିମ: ଶ୍ରୀ ସୁରେନ୍ଦ୍ର ଗୌଡଙ୍କ ଗୃହ, ଉତ୍ତର: କିଙ୍ଗସ୍ ଆସୋସିଏଟ୍ସର ଜମି, ଦକ୍ଷିଣ: ରାସ୍ତା | ୧୪.୧୦.୨୦୨୪ / ୦୬.୦୧.୨୦୨୫ / ୨୧.୦୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ **ତା.୧୪.୧୦.୨୦୨୪ରିଖରେ** ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ **ତା.୦୬.୦୧.୨୦୨୫ରିଖରେ** ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦** ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୯.୦୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ़ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୨.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ତୁଳସୀ ନଗର ଚୌକ, ରେଡ୍ଡି ଗ୍ୟାରେଜ ନିକଟ, ଆସ୍କା ରୋଡ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୯୮୬୧୧୬୩୦୩୨** | | |
| ୧. | **ଆଶିଷ କୁମାର ମହାରଣା,** ମାର୍ଫତ: ଶେଷଦେବ ମହାରଣା, ବ୍ୟାଙ୍କ କଲୋନୀ, ୧ମ ଲାଇନ୍, ହନୁମାନ ମନ୍ଦିର ନିକଟ, ରେଡିଓ ଷ୍ଟେସନ୍, ବ୍ରହ୍ମପୁର - ୭୬୦୦୦୧ / ୨୯୩୧୧୬୫୪୦୦୦୦୨୨୫ | ୯.୭୦ | ୧୧.୪୦ |
| ୨. | **ଆଶିଷ କୁମାର ମହାରଣା,** ମାର୍ଫତ: ଶେଷଦେବ ମହାରଣା, ବ୍ୟାଙ୍କ କଲୋନୀ, ୧ମ ଲାଇନ୍, ହନୁମାନ ମନ୍ଦିର ନିକଟ, ରେଡିଓ ଷ୍ଟେସନ୍, ବ୍ରହ୍ମପୁର - ୭୬୦୦୦୧ / ୨୯୩୧୧୬୫୪୦୦୦୦୨୯୫ | ୬.୦୦ | ୭.୫୦ |
| ୩. | **ବସନ୍ତ କୁମାର ମହାନ୍ତି,** ପିତା: ୰ ରାମହରି ମହାନ୍ତି, ୧ମ ମିଲିଟାରୀ ଲାଇନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ / ୨୯୩୧୧୬୫୪୦୦୦୦୨୬୫ | ୧୯.୦୦ | ୨୨.୩୦ |
| ୪. | **ଲିପ୍ସା ପାତ୍ର,** ସ୍ୱାମୀ: ଶ୍ରୀତମ ପତି, ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ, ବ୍ରହ୍ମପୁର - ୭୬୦୦୦୧ / ୨୯୩୧୧୬୫୪୦୦୦୦୦୮୭ | ୪.୫୦ | ୫.୩୦ |
| ୫. | **ରାଜା ସାହୁ,** ମଠ ଷ୍ଟ୍ରିଟ୍, ବୋରିଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୧ / ୨୯୩୧୧୬୫୪୦୦୦୦୧୦୩ | ୨.୨୫ | ୩.୦୪ |
| | **ଭଞ୍ଜନଗର ଶାଖା-୨, ମେନ୍ ରୋଡ, ଟାଉନ୍ ହଲ ବିପରୀତ, ଭଞ୍ଜନଗର, ଗଞ୍ଜାମ-୭୬୧୧୨୬, ମୋ: ୭୦୦୮୩୨୭୮୩୫** | | |
| ୧. | **ସୁକଦେବ ପ୍ରଧାନ,** ପିତା: ସନ୍ୟାସୀ ପ୍ରଧାନ, ସା: ଚାରିକୋଣିଆ, ପୋ: ରାଉତି, ଭାୟା: ଜଗନ୍ନାଥ ପ୍ରସାଦ, ଭଞ୍ଜନଗର - ୭୬୧୧୨୬ / ୦୦୬୫୩୦୧୦୦୧୦୦୨୭୩ | ୧୭.୦୦ | ୧୯.୪୪ |
| ୨. | **ତମଲତା ବେହେରା,** ସ୍ୱାମୀ: ଗୋବିନ୍ଦ ବେହେରା, ସା/ପୋ: ଗୋଲାପଡା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୬ / ୦୦୬୫୩୦୧୦୦୦୮୮୩୫୧ | ୪୫.୦୦ | ୪୭.୦୦ |
| | **ଗୋପାଳପୁର ଜଙ୍କସନ୍ ତୁରା ଶାଖା, ପଥରା, ସା/ପୋ: ବାହାଦୁରପେଟା, ଗୋପାଳପୁର ମେନ୍ ରୋଡ, ଗଞ୍ଜାମ-୭୬୦୦୦୭, ମୋ: ୯୬୦୪୪୨୫୨୨୩** | | |
| ୧. | **ସନ୍ତୋଷ କୁମାର ଦଳାଇ,** ପିତା: ବାସୁଦେବ ଦଳାଇ, ପଥରା ମେନ୍ ରୋଡ, ଗୋପାଳପୁର-୭୬୦୦୦୭ / ୭୭୦୬୦୬୫୪୦୦୦୧୩୪୮ | ୧୫.୦୦ | ୧୬.୯୦ |
| ୨. | **ସନ୍ତୋଷ କୁମାର ଦଳାଇ,** ପିତା: ବାସୁଦେବ ଦଳାଇ, ପଥରା ମେନ୍ ରୋଡ, ଗୋପାଳପୁର-୭୬୦୦୦୭ / ୭୭୦୬୦୬୫୪୦୦୦୧୬୯୯ | ୭.୮୦ | ୧୦.୭୦ |
| | **ସିନ୍ଦୁରିଆ ରୋଡ ନୟାଗଡ ଶାଖା, ପ୍ଲଟ୍ ନଂ.: ୧୮୧୫, ମେନ୍ ରୋଡ, ସା/ପୋ/ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୯, ମୋ: ୮୨୬୦୧୩୨୩୫୬** | | |
| ୧. | **କିରଣବାଳା ପରିଡା,** ସ୍ୱାମୀ: ପୁଲକ କୁମାର ବିଶ୍ୱାଳ, ୪/୧ ଲେନ, ନୟାଗଡ-୭୫୨୦୬୯ / ୩୪୮୩୨୬୬୩୦୦୦୦୬୬୨ | ୩୦.୦୦ | ୩୧.୪୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୯.୦୧.୨୦୨୫ ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବାଘଛାଲ ସହ ବେପାରୀ ଗିରଫ

## ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ

ଭୁବନେଶ୍ୱର/ବୌଦ୍ଧ,୨୯।୧
(ସୂର୍ଯ୍ୟକାନ୍ତ ବେହେରା/ଅଜିତ୍ ବାରିକ)



ବାଘଛାଲ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୌଦ୍ଧ କଣ୍ଟାମାଳ ଥାନା ଅଞ୍ଚଳର ରମାକାନ୍ତ ଭୋଇ (୩୨)। ତାଙ୍କଠାରୁ ବେପାର ପାଇଁ ଥିବା ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ ମାମଲା ନଂ.୩/୨୦୨୫ ରୁଜୁ କରି ଅଭିଯୁକ୍ତଙ୍କୁ କଣ୍ଟାମାଳ ଜେଏମ୍ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଅଭିଯୁକ୍ତଙ୍କୁ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଗତ କିଛି ଦିନ ପୂର୍ବେ ପାଖ ଜଙ୍ଗଲରୁ ଶିକାର କରି ବାଘଛାଲ


ରମାକାନ୍ତ ଭୋଇ

ସଂଗ୍ରହ କରିଥିବା ଏସ୍‌ଟିଏଫ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବାବେଳେ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ତାହାର ଅଧିକ ତଦନ୍ତ ଜାରି ରଖିଛି। ଏପଟେ ଜବତ ବାଘଛାଲକୁ ପରୀକ୍ଷା ପାଇଁ ଡେରାଡୁନସ୍ଥିତ ବାୟୋଲୋଜିକାଲ ସେଣ୍ଟରକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ବୌଦ୍ଧର ମନମୁଣ୍ଡା-କଣ୍ଟାମାଳ ରାସ୍ତାରେ ଲକ୍ଷାଧିକ ଟଙ୍କାରେ ବିକ୍ରି ପାଇଁ ଡିଲ୍ ହୋଇସାରିଥିବା ବାଘଛାଲକୁ ଧରି ରମାକାନ୍ତ ଅପେକ୍ଷା କରିଥିଲେ। ଏପଟେ ଏସ୍‌ଟିଏଫ୍ ରମାକାନ୍ତଙ୍କୁ ଧରିବାକୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଛପି ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଗ୍ରାହକ ନ ଆସିବାରୁ ଏସ୍‌ଟିଏଫ୍ ଚଢ଼ାଉ କରି ରମାକାନ୍ତଙ୍କୁ ବାଘଛାଲ ସହ କାବୁ କରିଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ନବରଙ୍ଗପୁର,୨୯।୧
(ସଦାଶିବ ପ୍ରହରାଜ)

ନାବାଳିକା ବଳାତ୍କାର ଅଭିଯୋଗରେ ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ବାସୁଦେବ ଆଚାର୍ଯ୍ୟ ଡାବୁଗାଁ ଥାନା ଅଧୀନ ଖୁଟୁବାଇ ଗାଁର ଦୀନବନ୍ଧୁ ଭତରାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ। ୨୦ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଏହି ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଦୀନବନ୍ଧୁ ଜଣେ ନାବାଳିକାଙ୍କୁ ପ୍ରେମ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କଲେ। ଏ ସମ୍ପର୍କରେ ୨୦୨୩ ଜୁନ୍ ୯ରେ ଏକ ବୈଠକ କରାଯାଇଥିଲା। ସେଠାରେ ଅଭିଯୁକ୍ତ ଦୀନବନ୍ଧୁ ନାବାଳିକାଙ୍କୁ ଗ୍ରହଣ କରିବାକୁ ମନା କରିଥିଲେ। ଏନେଇ ଡାବୁଗାଁ ଥାନାରେ ଅଭିଯୋଗ ପରେ ପୋଲିସ କେସ୍ ନମ୍ବର ୧୧୬/୨୩ରେ ଏକ ମାମଲା ରୁଜୁ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## ଶ୍ୱାସରୁଦ୍ଧରୁ ମହିଳାଙ୍କ ମୃତ୍ୟୁ

### ଦୟାନଦୀ ପଠା ମେଳଣ ପଡ଼ିଆରୁ ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣା

ଭୁବନେଶ୍ୱର,୨୯।୧
(ସୂର୍ଯ୍ୟକାନ୍ତ ବେହେରା)

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଦୟାନଦୀ ପଠାସ୍ଥିତ ମେଳଣ ପଡ଼ିଆରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ମୃତ ମହିଳାଙ୍କ ପରିଚୟ ଓ ମୃତ୍ୟୁର କାରଣ ଜାଣିବାକୁ ଉଦ୍ୟମ ଚଳାଇଥିଲେ ମଧ୍ୟ ପୋଲିସ ଏଯାବତ କୌଣସି ସୁରାକ ପାଇ ପାରିନାହିଁ। ଏପରି କି ମହିଳା ଜଣଙ୍କ ଏଠାକୁ କେମିତି ଆସିଲେ, କିଏ ଫୋପାଡ଼ିଛନ୍ତି ତାହା ମଧ୍ୟ ଜାଣିପାରିନାହିଁ। ମୃତ୍ୟୁ ପଛର ରହସ୍ୟ ଜାଣିବାକୁ ଏକ ଟିମ୍ ଗଠନ କରାଯାଇ ଉଦ୍ୟମ ଚଳାଇଛି। ତେବେ ଏହାରି ଭିତରେ ମହିଳାଙ୍କ ଶବ ବ୍ୟବଚ୍ଛେଦ ବେଳେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। କୌଣସି କାରଣରୁ ଶ୍ୱାସରୁଦ୍ଧ ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଦିଲୀପ ପଣ୍ଡା କହିଛନ୍ତି । ଏହାସହ ଭିସେରା ରିପୋର୍ଟ ଓ ଫିଙ୍ଗରପ୍ରିଣ୍ଟ ଭଳି ଅନ୍ୟ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଇ ଫୋରେନସିକ ଲାବରେଟୋରିକୁ ପଠାଯିବ ବୋଲି ସେ କହିଛନ୍ତି। ଏପଟେ ହସ୍ପିଟାଲ ନିର୍ଦ୍ଦେଶକଙ୍କ ସୂଚନା ପରେ ମହିଳାଙ୍କୁ କେହି ଗଳା ଚିପି କିମ୍ବା ରଶି ଦ୍ୱାରା ବେକ ଚିପିବାରୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ ମହିଳା ଜଣଙ୍କ ଆତ୍ମହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ତାଙ୍କର ପରିବାରର କେହି ଫୋପାଡି ଦେଇ ଚାଲିଥିବା ମଧ୍ୟ ଅନୁମାନ କରାଯାଉଛି। ପରିଚୟ ଜଣାପଡ଼ିବା ପରେ ଏହା ଉପରୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ନଦୀ ପଠାସ୍ଥିତ ମେଳଣା ପଡ଼ିଆ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଶବକୁ ଠାବ କରିଥିଲେ।

## ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନ ମୃତ

### ଜମିଜମା ବିବାଦରୁ ହତ୍ୟାକାଣ୍ଡ

କାଳିମେଳା, ୨୯।୧
(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ତାଟିଗୁଡ଼ା ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଜମିଜମା ବିବାଦକୁ ନେଇ ସୋମବାର ବିଳମ୍ବିତ ରାତିରେ ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ତାଟିଗୁଡ଼ା ଗାଁର ଭୀମା ସୋଡ଼ି (୪୭)।ଗୋଟିଏ ଦିନ ପରେ ବୁଧବାର ହତ୍ୟାକାଣ୍ଡ ସମ୍ପର୍କରେ ପରିବାର ଲୋକେ ଜାଣି ପୋଲିସକୁ ଖବର ଦେଇଥିଲେ। ଅଭିଯୁକ୍ତ ବଡଭାଇ ମାଡା ସୋଡ଼ିଙ୍କୁ କାଳିମେଳା ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି ।

ପୋଲିସ ସୂଚନା ଅନୁଯାୟୀ, ତାଟିଗୁଡ଼ା ଗ୍ରାମର ଇର୍ମା ସୋଡ଼ିଙ୍କ ମୃତ୍ୟୁ ପରେ ତାଙ୍କ ୨ପୁଅ ବଡଭାଇ ମାଡ଼ା ଏବଂ ସାନଭାଇ ଭୀମାଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗି ରହୁଥିଲା । ଏବେ ବାଦାମ ଚାଷକୁ ନେଇ ୨ ଭାଇଙ୍କ ମଧ୍ୟରେ ମତାନ୍ତର ହେବା ସହ ବଚସା ହୋଇଥିଲା । ଗତ ସୋମବାର ରାତିରେ ଭୀମା ନିଜ ଜମିରେ ଥିବା କୁଡ଼ିଆ (ଲାଡି) ଭିତରେ ଶୋଇଥିବା ସମୟରେ ମାଡ଼ା ସେଠାରେ ପହଞ୍ଚି ଟାଙ୍ଗିଆ ସାହାଯ୍ୟରେ ଭୀମାଙ୍କୁ ଆକ୍ରମଣକରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ମାଡା ନିଜ ଘରକୁ ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସି ଅଧିକ ତଦନ୍ତ ଜାରି ରଖିଛି । ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି ।

## ଟ୍ରେନ୍‌ରେ ନିଶାଯୁକ୍ତ ବିସ୍କୁଟ ଖୁଆଇ ଅଧାପକଙ୍କଠାରୁ ଲୁଟ୍

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଟ୍ରେନରେ ଲୁଟେରା ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଛନ୍ତି। ୪ରୁ ୫ ଜଣ ଲୁଟେରା ବିଶାଖା ଏକ୍ସପ୍ରେସରେ ଜଣେ ଅଧ୍ୟାପକଙ୍କ ସହ ଭଲ କଥା ହେବା ପରେ ନିଶାଯୁକ୍ତ ବିସ୍କୁଟ ଖୁଆଇ ଜଣେ ଅଧ୍ୟାପକଙ୍କ ସୁନାଚେନ, ମୁଦି, ମନିପର୍ସ ଓ ମୋବାଇଲ ଫୋନ୍ ନେଇ ଚମ୍ପଟ ମାରିଛନ୍ତି। ଲୁଟର ଶିକାର ହୋଇଛନ୍ତି ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୌମ୍ୟରଞ୍ଜନ ରୟ (୩୨)। ତାଙ୍କୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମରେ ସେଠାକାର ପୋଲିସ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ପଠାଇଥିଲା। ବୁଧବାର ସେ ସୁସ୍ଥ ହେବା ପରେ ସନ୍ଧ୍ୟାରେ ସରକାରୀ ରେଳବାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ଅଧ୍ୟାପକ ସୌମ୍ୟରଞ୍ଜନଙ୍କ ଘର ଯାଜପୁର ଜିଲା ଚଣ୍ଡିଖୋଲରେ ହୋଇଥିବା ବେଳେ ସେ ବ୍ରହ୍ମପୁର ଗାନ୍ଧୀନଗର ୧୦ମ ଲାଇନରେ ଘରଭଡା ନେଇ ରହୁଛନ୍ତି। ଗତ ୨୭ ତାରିଖରେ ସେ ଚଣ୍ଡିଖୋଲରୁ ଭୁବନେଶ୍ୱର ଆସି ବିଶାଖା ଏକ୍ସପ୍ରେସରେ ବ୍ରହ୍ମପୁର ଫେରୁଥିଲେ। ଟ୍ରେନରେ ଯାତ୍ରା ବେଳେ ତାଙ୍କ ପାଖରେ ବସିଥିବା ୪ରୁ ୫ ଜଣ ଅଣଓଡ଼ିଆ ଯୁବକ କିଛି ସମୟ କଥା ହେବା ପରେ ମୃଦୁ ପାନୀୟ ଯାଚିଥିଲେ। ସୌମ୍ୟରଞ୍ଜନ ତାହା ପିଇ ନ ଥିଲେ। ଖୋର୍ଦ୍ଧାରୋଡ ଷ୍ଟେଶନ ପରେ ଦୁର୍ବୃତ୍ତମାନେ ବିସ୍କୁଟ କାଢ଼ି ଖାଇବା ସହ ଅଧ୍ୟାପକଙ୍କୁ ଯାଚିଥିଲେ। ସେମାନେ ପ୍ୟାକେଟ ଖୋଲି ବିସ୍କୁଟ ଖାଉଥିବାରୁ ସୌମ୍ୟରଞ୍ଜନ ସନ୍ଦେହ ନ କରି ତାହା ଖାଇଥିଲେ। ଏହାପରେ ସେ ଅଚେତ ହୋଇପଡିଥିଲେ । ଏହାର ସୁଯୋଗ ନେଇ ଲୁଟେରାମାନେ ତାଙ୍କ ସୁନା ଚେନ, ୨ଟି ସୁନାମୁଦି, ମୋବାଇଲ ଫୋନ୍ ଓ ମନିପର୍ସ ନେଇଯାଇଥିଲେ। ଟ୍ରେନଟି ବ୍ରହ୍ମପୁର ଅତିକ୍ରମ କରି ଶ୍ରୀକାକୁଲମରେ ପହଞ୍ଚିଯାଇଥିଲେ ମଧ୍ୟ ସୌମ୍ୟରଞ୍ଜନ ସିଟରେ ଶୋଇ ରହିଥିଲେ। ଶ୍ରୀକାକୁଲମରେ ଜଣେ ଯାତ୍ରୀ ତାଙ୍କୁ ବାରମ୍ବାର ଡାକିବା ପରେ ମଧ୍ୟ ସେ ଅର୍ଦ୍ଧଚେତନ ଅବସ୍ଥାରେ ରହିଥିଲେ। ଏ ନେଇ ଯାତ୍ରୀ ଜଣକ ସେଠାକାର ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଠାଇ ପଚରାଉଚରା କରି ଠିକଣା ଜାଣିବା ପରେ ଅନ୍ୟ ଏକ ଟ୍ରେନରେ ବ୍ରହ୍ମପୁର ଯାଉଥିବା ଜଣେ ଯାତ୍ରୀଙ୍କ ସହ ପଠାଇଥିଲା। ଏପଟେ ସୌମ୍ୟରଞ୍ଜନ କଲେଜରେ ଠିକ ସମୟରେ ନ ପହଞ୍ଚିବା ଓ ତାଙ୍କ ମୋବାଇଲ ସୁଇଚ ଅଫ ରହିଥିବାରୁ ସହକର୍ମୀମାନେ ଗାନ୍ଧୀନଗର ସ୍ଥିତ ଭଡାଘରକୁ ଯାଇ ଖୋଜି ନିରାଶ ହୋଇଥିଲେ। ପରିବାର ଲୋକଙ୍କୁ ଖବର ଦିଆଯିବା ପରେ ଅନଲାଇନରେ ଅଭିଯୋଗ ମଧ୍ୟ କରାଯାଇଥିଲା। ସୌମ୍ୟରଞ୍ଜନ ବ୍ରହ୍ମପୁରରେ ପହଞ୍ଚିବା ପରେ ତାଙ୍କୁ ଏମକେସିଜି ମେଡିକାଲରେ ରଖି ଚିକିତ୍ସା କରାଯାଇଥିଲା। ତାଙ୍କୁ କୌଣସି ନିଶାଦ୍ରବ୍ୟ ଖୁଆ ଯାଇଥିବା ଜଣାପଡିଥିଲା ।

## ଯୁବତୀଯୁବକଙ୍କୁ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର,୨୯।୧
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଯୁବତୀଯୁବକଙ୍କୁ ମାଡ଼ ମରାଯିବା ସହ ଦୁର୍ବ୍ୟବହାର କରାଯାଇଛି। ଖାରବେଳନଗର ଥାନା ଅନ୍ତର୍ଗତ ଭୌମନଗର ଅଞ୍ଚଳସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ଆଗରେ ବୁଧବାର ରାତିରେ ଏହି ଘଟଣା ଘଟିଛି। ଏନେଇ ସ୍ଥାନୀୟ ଥାନାରେ ଯୁବତୀ ଜଣଙ୍କ ଅଭିଯୋଗ କରିଛନ୍ତି। ସୂଚନାନୁସାରେ, ରାତି ସାଢେ ୭ଟା ସମୟରେ ଉକ୍ତ ଶିକ୍ଷାନୁଷ୍ଠାନ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଯୁବତୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କାଉନସିଲ ଲେଖାହୋଇଥିବା ଏକ ସ୍କର୍ପିଓ ଗାଡି ତାଙ୍କ ଆଡ଼କୁ ପଛୁଆ ମାଡ଼ି ଆସିଥିଲା। ଏହା ଦେଖି ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଭାଇ ଟିକେ ଦେଖି ଚଲାଅ ବୋଲି କହିଥିଲେ। ଏତିକିରେ ଗାଡ଼ି ଭିତରେ ଥିବା ଚାଳକ ଓ ତାଙ୍କ ସହଯୋଗୀ ତଳକୁ ଓହ୍ଲାଇ ଆସି ନିଜକୁ ହ୍ୟୁମାନ ରାଇଟ୍‌ସ କାଉନ୍‌ସିଲର ସଭାପତି କହି ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଚାପୁଡ଼ା ମାରିଥିଲେ। ଯୁବତୀ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଠେଲାପେଲା କରି ଧକ୍କା ପକାଇଲେ। ଏହାପରେ ସେମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଦୌଡି ଆସିବାରୁ ଗାଡି ଛାଡ଼ି ଆକ୍ରମଣ କରିଥିବା ୨ ଜଣ ଫେରାର ହୋଇଯାଇଥିଲେ। ଖବର ପାଇ ପିସିଆର୍ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲେ । ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ୭ଦିନ ପରେ ଦଶମ ଶ୍ରେଣୀ ଛାତ୍ରଙ୍କ ମିଳୁନି ପତ୍ତା

ଭୁବନେଶ୍ୱର,୨୯।୧
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜଣେ ଦଶମ ଶ୍ରେଣୀ ପଢୁଥିବା ଛାତ୍ରଙ୍କ ଗତ ୭ ଦିନ ହେବ ପତ୍ତା ମିଳୁନାହିଁ। ନିଖୋଜ ଛାତ୍ରଙ୍କ ଘର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥରଗାଡ଼ିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ଛାତ୍ରଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଜାନୁୟାରୀ ୨୨ ରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଛାତ୍ରଙ୍କ କୌଣସି ପତ୍ତା ପାଇପାରିନାହିଁ। ପୋଲିସ ଘଟଣାକୁ ଗୁରୁତରଭାବେ ନେଉ ନ ଥିବା ଅଭିଯୋଗ ଆଣି ଛାତ୍ରଙ୍କ ପରିବାର ଲୋକେ ଥାନାରେ ଧାରଣା ଦେଇଥିଲେ। ଏନେଇ ପୋଲିସ ବୁଝାଶୁଝା କରିବାରୁ ନିଖୋଜ ଛାତ୍ରଙ୍କ ପରିବାର ଲୋକେ ଧାରଣାରୁ ହଟିଥିଲେ।

## ସାଇଣ୍ଟିଫିକ୍ ଦଳର ଯାଞ୍ଚ: ଆଉ ୨ ଗିରଫ

### ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅମାନୁଷିକ ଅତ୍ୟାଚାର ମାମଲା

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନୀରେ ଥିବା ସମର୍ଥ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅମାନୁଷିକ ମାଡ଼ ଓ ଶାରୀରିକ ନିର୍ଯାତନା ଘଟଣାରେ ବୁଧବାର ଆଉ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଂସ୍ଥାର ମାଲିକ ତଥା ସମ୍ପାଦକ ଟାଉନଥାନା ଅନ୍ତର୍ଗତ ଦଳେଇପଡ଼ାର ହରିଶ୍ଚନ୍ଦ୍ର ଦାସଙ୍କ ପୁତ୍ର ଶୁଭ୍ରଜିତ ଦାସ ଓରଫ ଲକି(୨୪) ଓ ଉକ୍ତ ସଂସ୍ଥାର ସୁନୀଲ କୁମାର ବେହେରା ନାମକ ଜଣେ କର୍ମଚାରୀଙ୍କ ପୁତ୍ର ଦେଓଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ବୁଡିଡୋ ଗ୍ରାମର ଶୁଭମ ବେହେରା(୧୯)। ଏହାସହ ସାଇଣ୍ଟିଫିକ ଦଳ ଏଠାରେ ପହଞ୍ଚି ତଦନ୍ତ କରିଛି। କେନ୍ଦ୍ରର ଅନ୍ତେବାସୀଙ୍କୁ ମାଡ଼ ଅଭିଯୋଗ ହେବା ସହ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆଧାରରେ ଉଭୟଙ୍କୁ ଗିରଫ କରିଛି ପୋଲିସ। ସନ୍ଧ୍ୟାରେ ଉଭୟଙ୍କ ଡାକ୍ତରୀମାଇନା ପରେ ଧନୁପାଲି ଥାନାରେ ଏକ ମାମଲା (ନଂ.୨୧/୨୦୨୫) ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ଆଇନ ଦଫା ୧୧୫(୨), ୧୦୯(୧), ୭୪, ୩(୫)ରୁ ଦଫା ୨୯୬, ୧୧୫(୨), ୧୦୯(୧), ୭୪, ୩୫୧(୩), ୩(୫)ରେ ରୂପାନ୍ତରିତ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି।

## ୫୦ କିଲୋ ବାରହା ମାଂସ ଜବତ

ବାଲିକୁଦା,୨୯।୧(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବନ୍ଦର ଜଙ୍ଗଲ ବିଭାଗ ଅଧୀନ ଅନନ୍ତପୁର ଗ୍ରାମରୁ ୫୦ କିଲୋ ବାରହା ମାଂସ ଜବତ କରାଯାଇଛି। ଏହି ଗ୍ରାମରେ ବାରହା କଟାଯାଇ ମାଂସ ବିକ୍ରି ହେଉଥିବା ନେଇ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ରାଉତରାୟ ଫରେଷ୍ଟର ଓ ଅନନ୍ତପୁର ଫାଣ୍ଡିକୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସକୁ ଦେଖି ସେଠାରେ ଉପସ୍ଥିତ ବ୍ୟକ୍ତି ମାଂସ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ ଉକ୍ତ ମାଂସ ସହ ଏକ ବାରହା ମୁଣ୍ଡ ଜବତ କରି କୁଜଙ୍ଗ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଥିଲା। ସେଠାରେ ଜବତ ମାଂସ ଓ ମୁଣ୍ଡକୁ ବ୍ୟବଚ୍ଛେଦ କରାଯିବାପରେ ଗାତ ଖୋଳି ବନାଞ୍ଚଳ ଅଧିକାରୀ ଓ ଫରେଷ୍ଟରଙ୍କ ଉପସ୍ଥିତିରେ ପୋତି ଦିଆଯାଇଥିବା ଫରେଷ୍ଟର ନିର୍ମଳ ନାୟକ ସୂଚନା ଦେଇଛନ୍ତି। ଏହା ବାରହା କି ଘୁଷୁରି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଳ ପାତିବାର କ୍ଷୀର ମାଗିବାର
ମନୁ କି ପାସୋରି ଦେଲୁରେ,
ଅଢେଇ ଦିନକୁ ବଢ଼ାଇ ପୀରତି
ଭାଙ୍ଗି ହଟହଟା କଲୁରେ।**

କେତେକ ବ୍ୟକ୍ତି ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ଭୁଲି ଯାଇ ବର୍ତ୍ତମାନ ଧନ ଗର୍ବରେ ଆତ୍ମବଡିମା ଦେଖାଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ନିଜ ଅତୀତର ପ୍ରେମପୂର୍ଣ୍ଣ ସମ୍ପର୍କକୁ ଅସ୍ୱୀକାର କରିବସିଲେ ପ୍ରେମିକା ହତୋତ୍ସାହ ହୋଇପଡିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥାଉ କି ନ ଥାଉ ବ୍ରାହ୍ମଣ ଖାଉ
ହଉ କି ନ ହଉ ବରଷୁ ଥାଉ।**

ସାଧାରଣତଃ ବ୍ରାହ୍ମଣଙ୍କୁ ଭୁରି ଭୋଜନ ଦେଲେ ଯଜମାନଙ୍କୁ ଆଶୀର୍ବାଦ ମିଳିଥାଏ। ଠିକ ସେହିପରି ଫସଲ ହେଉ କି ନ ହେଉ ପଡିଆ ବା ଜମି ପାଣିରେ ଭିଜି ରହିଲେ ପରବର୍ତ୍ତୀ ସମୟରେ ସେଥିରୁ ଅଧିକ ଫସଲ ଉତ୍ପାଦନ ହେବାର ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ବ୍ୟାଙ୍କ ଶାଖା ପରିଚାଳକଙ୍କୁ ୨ବର୍ଷ ଜେଲ

### ଲାଞ୍ଚ ଗ୍ରହଣ ମାମଲା

ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଦହିତାସ୍ଥିତ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (ବିଏଜିବି)ର ପୂର୍ବତନ ଶାଖା ପରିଚାଳକ କ୍ଷୀରୋଦ କୁମାର ଷଡ଼ଙ୍ଗୀଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଏକ ଲାଞ୍ଚ ମାମଲାର ଶୁଣାଣି କରି ବରଗଡ଼ ଭିଜିଲାନ୍ସ କୋର୍ଟର ସ୍ପେଶାଲ ଜଜ୍ ଷଡ଼ଙ୍ଗୀଙ୍କୁ ଦୋଷୀସାବ୍ୟସ୍ତ କରିବା ସହିତ ଏହି ରାୟ ଶୁଣାଇଛନ୍ତି। ଶାଖା ପରିଚାଳକ ଷଡ଼ଙ୍ଗୀ ତାଙ୍କ କାର୍ଯ୍ୟକାଳ ସମୟରେ ଫୁଲମତୀପୁର ଗ୍ରାମର ଜଣେ ଚାଷୀ ଗୁଣସାଗର ମେହେରଙ୍କୁ କୃଷିଋଣ ଦେବା ପାଇଁ ଲାଞ୍ଚ ନେବା ସମୟରେ ଧରାପଡ଼ିଥିଲେ। ଷଡ଼ଙ୍ଗୀଙ୍କ ପେନ୍‌ସନ ମଧ୍ୟ ବନ୍ଦ କରିବା ପାଇଁ ଭିଜିଲାନ୍ସ ସମ୍ପୃକ୍ତ ବିଭାଗକୁ ଅବଗତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ସମ୍ବଲପୁର ଡିଭିଜନ ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଜଗନ୍ନାଥ ନାଏକ ଏହି ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସର ସ୍ପେଶାଲ ପି.ପି ଶୋଭନ ଆନନ୍ଦ ଗୁରୁ ଏହାକୁ ପରିଚାଳନା କରୁଥିଲେ।

## ୪୦ ଲକ୍ଷ ଟଙ୍କାର ଅଫିମ ଗଛ ନଷ୍ଟ

### ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଚଢ଼ାଉ

ଠାକୁରମୁଣ୍ଡା,୨୯।୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ସାଲେଇବେଡ଼ା ପଞ୍ଚାୟତ ଅନ୍ତର୍ଗତ ଏଦେଲବେଡ଼ା ଗ୍ରାମର ବୁରୁ ସାହିରେ ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଚଢ଼ାଉକରି ୪୦ ଲକ୍ଷ ଟଙ୍କା ମୂଲ୍ୟର ଅଫିମ ଗଛ ନଷ୍ଟ କରିଛି। ଗାଁ ନିକଟସ୍ଥ ଜଙ୍ଗଲ ପାର୍ଶ୍ୱରେ ଥିବା ପ୍ରାୟ ୧ ଏକର ସରକାରୀ ଜାଗାରେ ୨୧,୦୦୦ ଅଫିମ ଗଛ ଲଗାଯାଇଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ମାଜିଷ୍ଟ୍ରେଟ ଠାକୁରମୁଣ୍ଡା ତହସିଲଦାର ସସ୍ମିତ କୁମାର କରଙ୍କ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।


ପୋଲିସ, ଅବକାରୀ ଓ ବନ ବିଭାଗ କର୍ମଚାରୀ ଅଫିମ ଗଛ ଉପାଡ଼ି ନଷ୍ଟ କରୁଛନ୍ତି। ।

ସୂଚନା ଅନୁଯାୟୀ, ଶିମିଳିପାଳ ପାଦଦେଶରେ ଥିବା ବୁରୁ ସାହିଠାରେ ଅଫିମ ଚାଷ ହୋଉଥିବା ନେଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କୁ ଖବର ମିଳିଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାରଙ୍କ ନେତୃତ୍ୱରେ ସବ୍ ଇନ୍ସପେକ୍ଟର ଅନିତା ସ୍ୱାଇଁ, ଠାକୁରମୁଣ୍ଡା ଅବକାରୀ ଥାନା ଅଧିକରିଣୀ ଭାରତୀ ନାୟକଙ୍କ ସମେତ ପୋଲିସ ଫୋର୍ସ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଓ ବନ ବିଭାଗର କର୍ମଚାରୀ, ରାଜସ୍ୱ ବିଭାଗ ମିଳିତ ଭାବରେ ଚଢ଼ାଉ କରିଥିଲେ। ସେଠାରେ ହୋଇଥିବା ଅଫିମ ଗଛଗୁଡ଼ିକୁ ଉପାଡ଼ି ପୋଡ଼ିଦିଆଯାଇଥିଲା। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ବେଳେ ଅନୁସନ୍ଧାନ ଜାରି ରହିଥିବା ଉପଖଣ୍ଡ ପୋଲିସ ଅଧିକାରୀ କହିଛନ୍ତି। ନଷ୍ଟ ହୋଇଥିବା ଅଫିମ ଗଛର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ.୬/୨୫) ରୁଜୁ ହୋଇଛି।

# ୨ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

**ଆଜି ୧୯ ଜିଲାକୁ ଘନ କୁହୁଡ଼ି ସତର୍କତା**

ଭୁବନେଶ୍ୱର,୨୯।୧
(ଅନୁରାଧା ମହାରଣା)

ଜାନୁଆରୀ ଶେଷ ନ ହେଉଣୁ ରାଜ୍ୟରୁ ଶୀତ ଏକପ୍ରକାର ଉଭାନ୍ ହୋଇଯାଇଛି। ଦିନବେଳା ଟାଇଁଟାଇଁ ଖରା ସହ ଗୁଳୁଗୁଳି ଅନୁଭବ ହେଲାଣି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁସାରେ, ପଶ୍ଚିମାଝଡ଼ର ଆଗମନ ପ୍ରଭାବରେ ରାଜ୍ୟରେ ରାତ୍ରି ତାପମାତ୍ରାରେ ବୃଦ୍ଧି ସମ୍ଭାବନା ରହିଥିବାବେଳେ ୩୧ ତାରିଖରୁ ଦିନ ତାପମାତ୍ରା ମଧ୍ୟ ଆହୁରି ବଢ଼ିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ବୁଧବାର ରାଜ୍ୟରେ ସର୍ବାଧିକ ତାପମାତ୍ରା ବରଗଡ଼ରେ ୩୩.୦ ଡିଗ୍ରୀ ଏବଂ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୦.୦ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ନେଇ ପୂର୍ବାନୁମାନ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ କୁହୁଡ଼ି ପ୍ରଭାବ ଦେଖିବାକୁ ମିଳିବ। ଗୁରୁବାର ଘନ କୁହୁଡ଼ି ନେଇ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼, ସମ୍ବଲପୁର, କନ୍ଧମାଳ, ମାଲକାନଗିରି, ଢେଙ୍କାନାଳ, ଯାଜପୁର ଓ କୋରାପୁଟ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଔଷଧ ଗୋଦାମରେ ଅଗ୍ନିକାଣ୍ଡ

ଭୁବନେଶ୍ୱର/ବାଲିଅନ୍ତା,୨୯।୧
(ସତ୍ୟଜିତ୍ ରାଉତ/ନୀଳମାଧବ ସାହୁ)

**ଲକ୍ଷାଧିକ ଟଙ୍କାର ଔଷଧ ଓ ମେଡିକାଲ ସାମଗ୍ରୀ ପାଉଁଶ**



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥପାର୍ଶ୍ୱ ରୁଦ୍ରପୁରସ୍ଥିତ ସିମ୍ଫୋନି ମଲ୍ ନିକଟରେ ଥିବା 'ଫାର୍ମା ୱାର୍ଲଡ' ମେଡିସିନ୍ ଗୋଦାମରେ ବୁଧବାର ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମରେ ଥିବା ଲକ୍ଷାଧିକ ଟଙ୍କାର ଔଷଧ ଓ ମେଡିକାଲ ସାମଗ୍ରୀ ସମେତ ଅନ୍ୟାନ୍ୟ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ ସୌଭାଗ୍ୟବଶତଃ କୌଣସି ଜୀବନ ହାନି ଘଟିନାହିଁ। ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ନିଆଁ ଲିଭାରେ ନିୟୋଜିତ ପାହାଲ ଷ୍ଟେଶନ ଅଫିସର ରାଜକିଶୋର ଜେନା କହିଛନ୍ତି। ଉକ୍ତ ଗୋଦାମ ଦୁଇ ମହଲା ବିଶିଷ୍ଟ ହୋଇଥିବାବେଳେ ସେଥିରେ ଥିବା ୧୦ରୁ ଊର୍ଦ୍ଧ୍ୱ ରୁମ୍‌ରେ ମେଡିସିନ୍, ସାନିଟାଇଜର, ସ୍ପିରିଟ୍, ବ୍ୟାଣ୍ଡେଡ୍, ଛୋଟପିଲାଙ୍କ ହଗିସ୍ ଓ ସର୍ଜିକାଲ୍ ସାମଗ୍ରୀ ଆଦିକୁ ଗଚ୍ଛିତ କରି ରଖାଯାଇଥିଲା। ଉକ୍ତ ଗୋଦାମରୁ ରାଜ୍ୟର ବିଭିନ୍ନ ଔଷଧ ଦୋକାନକୁ ସାମଗ୍ରୀ ପଠାଯାଉଥିଲା।

ବୁଧବାର ସକାଳ ପ୍ରାୟ ୭ଟା ବେଳେ ତଳ ମହଲାର ଝରକା ପାର୍ଶ୍ୱରୁ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଧୂଆଁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ। ସମସ୍ତେ ଝରକା ଓ କବାଟ ଭାଙ୍ଗି ନିଜସ୍ୱ ଉଦ୍ୟମରେ ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏଥିସହ ଅଗ୍ନିଶମ ଟିମ୍‌କୁ ମଧ୍ୟ ସେମାନେ ଖବର ଦେଇଥିଲେ। ସକାଳ ପ୍ରାୟ ୮ଟା ୪୦ରେ ପାହାଳ ଓ କଳ୍ପନା ଫାୟାର ଷ୍ଟେଶନ୍‌ର ୪ଟି ଦମକଳ ଗାଡ଼ି ପହଞ୍ଚି ନିଆଁଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ତେବେ ଗୋଦାମରେ ବିପୁଳ ପରିମାଣରେ ସାନିଟାଇଜର୍ ସହ ଅନ୍ୟାନ୍ୟ ଦହନୀୟ ସାମଗ୍ରୀ ରହିଥିବାରୁ ନିଆଁକୁ ଇନ୍ଧନ ମିଳିଥିଲା। ଚାହୁଁ ଚାହୁଁ ଗୋଦାମର ସବୁ କଠେଁଧିକୁ ନିଆଁ ବ୍ୟାପୀ ଯାଇଥିଲା। ଉପର ମହଲାରେ ଥିବା ୭ଟି ରୁମ୍‌ରେ ଅଧିକ ନିଆଁ ବ୍ୟାପିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ସମସ୍ୟାରେ ପଡ଼ିଥିଲେ। ତେବେ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଅଗ୍ନିଶମ ବାହିନୀ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ।

# କଟକରେ ପ୍ରଥମ ଏଟିଏସ୍ ସ୍ଥାପନ

କଟକ,୨୯।୧(କାର୍ତ୍ତିକ ସାହୁ)

**ତ୍ରୁଟିଶୂନ୍ୟ ହେବ ମୋଟରଯାନ ଫିଟ୍‌ନେସ୍ ପରୀକ୍ଷା**

ମୋଟରଯାନ ଫିଟ୍‌ନେସ୍ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା(ଏଟିଏସ୍) ମାଧ୍ୟମରେ ଏହା କରାଯିବାକୁ ବିଧିବଦ୍ଧ ବ୍ୟବସ୍ଥା ହୋଇଛି। କଟକ ଆର୍‌ଟିଓ ଅଧୀନରେ ରାଜ୍ୟରେ ପ୍ରଥମ ଏଟିଏସ୍ ଭାବେ କଟକରେ ଏହା ସ୍ଥାପନା ହୋଇଛି। ବୈଷୟିକ ଜ୍ଞାନକୌଶଳ ଜରିଆରେ ସ୍ୱୟଂକ୍ରିୟ ପଦ୍ଧତିରେ ଏହା ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା କରିବ।

କେନ୍ଦ୍ରୀୟ ମୋଟରଯାନ ନିୟମ ଅନୁଯାୟୀ ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା ପାଇଁ ଏଟିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଆହୁରି ୨୧ଟି ଏଟିଏସ୍ ସ୍ଥାପନ ହେବ। ସଡ଼କ ସୁରକ୍ଷା କ୍ଷେତ୍ରରେ ଯାନର ସ୍ଥିତି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ରାସ୍ତାରେ ଗାଡ଼ି ଚାଲିବା ପାଇଁ ଗାଡ଼ିର ସ୍ଥିତି କିଭଳି ଥିବା ଦରକାର ସେଥିପାଇଁ ମୋଟରଯାନ ନିୟମାବଳୀ ରହିଛି। ପୂର୍ବରୁ ଫିଟ୍‌ନେସ୍ ସାର୍ଟିଫିକେଟ୍ ତଥା ଗାଡ଼ିର ପଞ୍ଜୀକରଣ ନବୀକରଣ ମନୁଷ୍ୟ ମୂଲ୍ୟାୟନ ଆଧାରରେ ହେଉଥିଲା। ତେବେ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଫିଟ୍‌ନେସ୍ ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ରାସ୍ତାରେ ଚାଲିବା ପାଇଁ ଯୋଗ୍ୟ ନ ଥିବା ଗାଡ଼ିଗୁଡ଼ିକ ସ୍ୱୟଂକ୍ରିୟ ପଦ୍ଧତିରେ ବାଦ୍ ପଡ଼ିବେ। ଯାହା ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

# ହସ୍ପିଟାଲ ଛାତରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା

ମଙ୍ଗୁଳି-ଜଗତପୁର,
୨୯।୧ (ମାନସ ସାମଲ)

ଜଗତପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲ ଛାତରୁ ଡେଇଁ ବୁଧବାର ଜଣେ ରୋଗୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଗ୍ରାମର ପ୍ରଭାସ ଧଳ(୪୮)। ପୋଲିସ ସୂଚନା ଅନୁଯାୟୀ, ପ୍ରଭାସ ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ବୁଧବାର ସକାଳ ୮ଟା ୪୫ ମିନିଟ୍‌ରେ ଉକ୍ତ ହସ୍ପିଟାଲକୁ ଆସିଥିଲେ। ଅପରାହ୍ଣ ପ୍ରାୟ ୧ଟାରେ ପେଟରେ ଯନ୍ତ୍ରଣା ହେବାରୁ ସେ ଶୌଚ ପାଇଁ ଯାଇଥିଲେ। କିଛି ସମୟ ପରେ କେହି ଜଣେ ହସ୍ପିଟାଲର ୪ ମହଲା ଛାତରୁ ତଳକୁ ଡେଇଁ ପଡିଥିଲେ। ହସ୍ପିଟାଲ କର୍ମଚାରୀ ଯାଇ ଦେଖିବା ବେଳକୁ ରକ୍ତାକ୍ତ ଅବସ୍ଥାରେ ପ୍ରଭାସ ତଳେ ପଡିଥିଲେ। ତୁରନ୍ତ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ହସ୍ପିଟାଲ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବାବେଳେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି।

# ରେଳ ଟ୍ରାକ୍ ନିକଟରେ ସେଲ୍ଫି ନେଲେ ଜେଲ

**ସଚେତନତା ଅଭିଯାନ ଆରମ୍ଭ କଲା ପୂର୍ବତଟ ରେଳପଥ**

ଭୁବନେଶ୍ୱର,୨୯।୧
(ଅନୁରାଧା ମହାରଣା)

ରେଳ ଟ୍ରାକ୍ ନିକଟରେ କିମ୍ବା ରେଳ ପରିସରର ସମ୍ବେଦନଶୀଳ ଅଞ୍ଚଳରେ ସେଲ୍‌ଫି ନେଲେ ରେଳପଥ ଆଇନର ଧାରା ୧୪୭ ଏବଂ ୧୫୩ ଅନୁଯାୟୀ ଜେଲ, ଜରିମାନା ଆଦି ଆଇନଗତ ଦଣ୍ଡରେ ଦଣ୍ଡିତ ହେବାକୁ ପଡିବ। ଏ ସମ୍ପର୍କରେ ବିଶେଷକରି ଯୁବପିଢ଼ିଙ୍କୁ ଅବଗତ ତଥା ସଚେତନ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଏକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ରେଳ ଟ୍ରାକ ନିକଟରେ ଛୋଟ ଭିଡିଓ ଉତ୍ତୋଳନ କରିବା ଓ ସେଲ୍‌ଫି ନେବା ପାଇଁ ପ୍ରୟାସ କରିବା ସମୟରେ ଯୁବବର୍ଗମାନେ ଦୁର୍ଘଟଣାର ଶିକାର ହେଉଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପ୍ରତିବର୍ଷ ଏଭଳି ଅନେକ ଦୁର୍ଘଟଣା ଘଟିଛି, ଯେଉଁଠାରେ ଛାତ୍ର କିମ୍ବା ଯୁବକମାନେ ଅସୁରକ୍ଷିତ ସ୍ଥାନରେ ସେଲ୍ଫି ନେଉଥିବା ସମୟରେ ଚଳନ୍ତା ଟ୍ରେନ ଦ୍ୱାରା ତଳକୁ ଖସି ପଡ଼ି ପ୍ରାଣ ହରାଇବା ଓ ଗୁରୁତର ଆହତ ହେବାର ନଜିର ରହିଛି। ତେବେ ଏପରି କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ପାଇଁ ଭାରତୀୟ ରେଳପଥ କଠୋର ନିୟମ ଲାଗୁ କରିଛି। ଏନେଇ ଆରମ୍ଭ ହୋଇଥିବା ସଚେତନତା ଅଭିଯାନରେ ଖବରକାଗଜ ବିଜ୍ଞାପନ, ଟିଭି ସ୍ପଟ୍, ସାର୍ବଜନୀନ ଘୋଷଣା ଏବଂ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛି ପୂର୍ବତଟ ରେଳପଥ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲିଲି


@ ଈଶ୍ୱର


@ ଦୁର୍ଗା


@ ପ୍ରଭାତ


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉତ୍କର୍ଷ ଓଡ଼ିଶା ଉଦ୍‌ଯାପନୀ ଉତ୍ସବ ଝଲକ

















ଉତ୍କର୍ଷ ଓଡ଼ିଶାର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ ହୋଇଥିବା ରାଜ୍ୟର ବିଭିନ୍ନ ବର୍ଗର ଏମ୍ଏସ୍ଏମ୍ଇ ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ହିନ୍ଦୁ ରାଷ୍ଟ୍ରବାଦ, ଖଲିସ୍ତାନୀ ଉଗ୍ରବାଦ ବ୍ରିଟେନ୍ ପାଇଁ ନୂଆ ବିପଦ: ରିପୋର୍ଟ

ଲଣ୍ଡନ, ୨୯।୧

ବ୍ରିଟେନର ଜାତୀୟ ସୁରକ୍ଷା ପ୍ରତି ୯ ସମ୍ଭାବ୍ୟ ବିପଦ ମଧ୍ୟରେ ହିନ୍ଦୁ ରାଷ୍ଟ୍ରବାଦ ଓ ଖଲିସ୍ତାନୀ ଉଗ୍ରବାଦ ରହିଛି। ବ୍ରିଟେନ୍ ଗୃହ ମନ୍ତ୍ରଣାଳୟର ଏକ ଦସ୍ତାବିଜ ଲିକ୍ ହୋଇ ଏହି ତଥ୍ୟ ସାମ୍ନାକୁ ଆସିଛି। ଗତବର୍ଷ ଅଗଷ୍ଟରେ ବ୍ରିଟେନ୍‌ର ଗୃହ ବିଭାଗ ସଚିବ ୟଭେଟ କୁପରଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ହିନ୍ଦୁ ରାଷ୍ଟ୍ରବାଦକୁ ଏକ ଉଗ୍ରବାଦୀ ଚିନ୍ତାଧାରା ଭାବରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୨ରେ ଇଂଲଣ୍ଡର ଲେଷ୍ଟରରେ ହୋଇଥିବା ହିନ୍ଦୁ-ମୁସଲମାନ ଦଙ୍ଗା ଯୋଗୁ ହିନ୍ଦୁ ରାଷ୍ଟ୍ରବାଦକୁ ବ୍ରିଟେନ୍‌ର ଜାତୀୟ ସୁରକ୍ଷା ପ୍ରତି ବିପଦ ଭାବେ ଦର୍ଶାଯାଇଛି। ସେହିପରି ବ୍ରିଟିଶ୍ ସରକାରଙ୍କ ଏହି ରିପୋର୍ଟରେ ଖଲିସ୍ତାନୀ ଉଗ୍ରବାଦକୁ ମଧ୍ୟ ଦେଶର ସମ୍ଭାବ୍ୟ ପ୍ରମୁଖ ବିପଦ ଭାବେ ତାଲିକାଭୁକ୍ତ କରାଯାଇଛି।

### ଜାମିନରେ ଆସି ମା'ପୁଅଙ୍କୁ ହତ୍ୟା

**୫ ବର୍ଷ ତଳେ ବୋହୂଙ୍କୁ ହତ୍ୟା କରିଥିଲେ**

ଥିରୁଭାନନ୍ତପୁରମ, ୨୯।୧

କେରଳର ପଲକ୍କଡ଼ ଜିଲା ନେନମାରା ଅଞ୍ଚଳରୁ ବୁଧବାର ଏକ ଚାଞ୍ଚଲ୍ୟକର ଡବଲ ମର୍ଡର ଘଟଣା ସାମ୍ନାକୁ ଆସିଛି। ୫ ବର୍ଷ ତଳେ ସ୍ଥାନୀୟ ନିବାସୀ ଚେନ୍ଥାମରା ନିଜର ପଡ଼ୋଶୀ ସଜିଥାଙ୍କୁ ହତ୍ୟାକରି ଜେଲ ଯାଇଥିଲେ। ନିକଟରେ ତାଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ସେ ସଜିଥାଙ୍କ ସ୍ୱାମୀ ସୁଧାକରନ(୫୫) ଓ ଶାଶୁ ଲକ୍ଷ୍ମୀ(୭୫)ଙ୍କୁ ଛୁରି ଭୁସି ନିର୍ମମ ଭାବେ ହତ୍ୟା କରିଛନ୍ତି। ବୁଧବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା। କୋର୍ଟ ଚେନ୍ଥାମରାଙ୍କୁ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ଦେଇ ପଲ୍ଲକଡ଼ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଅଜିତ କୁମାର କହିଛନ୍ତି, ସୁଧାକରନଙ୍କ ପରିବାର ଏବଂ ଚେନ୍ଥାମରାଙ୍କ ମଧ୍ୟରେ ପୁରୁଣା ଶତ୍ରୁତା ଥିଲା। ସୁଧାକରନ ଓ ତାଙ୍କ ମା'ଙ୍କୁ ହତ୍ୟା କରିବା ପରେ ସେ ନିକଟସ୍ଥ ଜଙ୍ଗଲରେ ଲୁଚିଯାଇଥିଲେ। ସେଠାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଚେନ୍ଥାମରା ପୋଲିସ ସମ୍ମୁଖରେ ନିଜ ଦୋଷ ସ୍ୱୀକାର କରିଛନ୍ତି। ତେବେ ସେ ହତ୍ୟା ପାଇଁ ଅନୁତପ୍ତ ନାହାନ୍ତି ବୋଲି ପୋଲିସ କହିଛି।

### ଦୁର୍ଘଟଣାରେ ୯ ଭାରତୀୟ ମୃତ

ଜେଦ୍ଦା, ୨୯।୧

ସାଉଦିଆରବର ପଶ୍ଚିମ ଅଞ୍ଚଳ ଜିଜାନରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ଭାରତୀୟ ରହିଛନ୍ତି। ସେହିପରି ମୃତକଙ୍କ ମଧ୍ୟରେ ନେପାଳର ୬ ଓ ଘାନାର ୩ ଜଣ ନାଗରିକ ଅଛନ୍ତି। ଏନେଇ ଜେଦ୍ଦାସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ସୂଚନା ଦେଇଛି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି।



ପ୍ରୟାଗରାଜର ସଙ୍ଗମସ୍ଥଳରେ ବୁଧବାର ଦଳାଚକଟା ପରର ଦୃଶ୍ୟ।

# ଆମେରିକାରୁ ବିଦାହେବେ ହମାସ୍ ସମର୍ଥକ

ୱାଶିଂଟନ୍, ୨୯।୧

ଆମେରିକାରୁ ପାଲେଷ୍ଟିନୀୟ ଆତଙ୍କବାଦୀ ହମାସ୍ ସମର୍ଥକମାନେ ବିଦାହେବେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏନେଇ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିବାକୁ ଯାଉଛନ୍ତି।

ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଏକ ଜାତୀୟ ସ୍ୱାର୍ଥରେ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ତଦନୁସାରେ ଅଣ ଆମେରିକୀୟମାନେ ଆମେରିକା ପକ୍ଷରୁ ବିଦେଶୀ ଆତଙ୍କବାଦୀ ଘୋଷିତ ବ୍ୟକ୍ତିଙ୍କୁ ସମର୍ଥନ କରିପାରିବେ ନାହିଁ। ଆମେରିକା ହମାସ୍‌କୁ ଏକ ବିଦେଶୀ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିଛି। ତେଣୁ ନୂଆ ଯୋଜନା ମୁତାବକ ହମାସ୍ ସମର୍ଥକମାନେ ଆମେରିକାରୁ ବିଦାହେବେ। ଆମେରିକାର ବିଭିନ୍ନ କଲେଜ ଓ ୟୁନିଭର୍ସିଟିରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଷ୍ଟୁଡେଣ୍ଟ ଭିଜାକୁ ରଦ୍ଦ କରାଯିବ। ଜେହାଦୀଙ୍କୁ ସମର୍ଥନ ଉଦ୍ଦେଶ୍ୟରେ କୌଣସି ବିକ୍ଷୋଭରେ ସାମିଲ ହେଲେ ସେମାନଙ୍କୁ ଆମେରିକାରୁ ସ୍ୱଦେଶକୁ ପ୍ରତ୍ୟର୍ପଣ କରାଯିବ ବୋଲି ଟ୍ରମ୍ପ୍ ପ୍ରଶାସନ ନିଷ୍ପତ୍ତି ନେଇଛି। ଦେଶରେ ଉଗ୍ର ମୌଳବାଦର ପରିସମାପ୍ତି ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏଭଳି ଛାତ୍ରୀଛାତ୍ରଙ୍କ ବିରୋଧରେ ନ୍ୟାୟ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ବୋଲି ହ୍ୱାଇଟ୍ ହାଇସ୍ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ପ୍ରକାଶ ଯେ, ଗତବର୍ଷ ଆମେରିକାର ବିଭିନ୍ନ କଲେଜରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ହମାସ୍ ସମର୍ଥନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଇତିମଧ୍ୟରେ ଗୁରୁବାର ଇସ୍ରାଏଲ୍ ୧୧୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବାକୁ ଯାଉଛି, ଯାହାଙ୍କ ମଧ୍ୟରେ ୩୩ ଜଣ ଘାତକ ଆକ୍ରମଣ ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଛନ୍ତି। ଏହା ବଦଳରେ ହମାସ୍ ୩ ଜଣ ଇସ୍ରାଏଲୀ ଏବଂ ୫ ଥାଇଲାଣ୍ଡ ନାଗରିକଙ୍କୁ ମୁକ୍ତକରିବ। ମୁକୁଳିବାକୁ ଥିବା ୨ ଇସ୍ରାଏଲୀ ମହିଳା ହେଲେ ଅରବେଲ୍ ୟେହୋଉଦ୍ (୨୯), ଆଗାମ ବର୍ଗର(୧୯) ଏବଂ ପୁରୁଷ ଗାଦି ମୋଜେସ୍।





## ସୁନୀତାଙ୍କୁ ଫେରାଇ ଆଣିବାକୁ ମସ୍କଙ୍କୁ କହିଲେ ଟ୍ରମ୍ପ୍

ୱାଶିଂଟନ୍, ୨୯।୧

୨୦୨୪ ଜୁନ୍‌ରୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଫସିରହିଥିବା ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟେକ୍ ଟାଇଟନ୍ ଏଲନ୍ ମସ୍କଙ୍କ ସହଯୋଗ ଲୋଡ଼ିଛନ୍ତି। ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଲେଖିଛନ୍ତି, ସୁନୀତା(୫୯) ଓ ତାଙ୍କ ସହଯାତ୍ରୀ ୱିଲମୋର(୬୨)ଙ୍କୁ ବାଇଡେନ୍ ପ୍ରଶାସନ ଆଇଏସ୍‌ଏସ୍‌ରେ ଛାଡ଼ିଦେଇଛି। ସେମାନେ ୧୦ ଦିନିଆ ମିଶନରେ ଯାଇଥିଲେ। କିନ୍ତୁ ୭ ମାସ ପରେ ବି ଫେରିପାରି ନାହାନ୍ତି। ୨ ସାହସୀ ମହାକାଶଚାରୀଙ୍କୁ ଆଇଏସ୍‌ଏସ୍‌ରୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଏଲନ୍ ମସ୍କ ବ୍ୟବସ୍ଥା କରିବେ। ଟ୍ରମ୍ପ୍‌ଙ୍କଠାରୁ ଦାୟିତ୍ୱ ପାଇବା ପରେ ମସ୍କ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଲେଖିଛନ୍ତି, ମହାକାଶଯାତ୍ରୀ ଦ୍ୱୟଙ୍କ ଯଥାଶୀଘ୍ର ସମ୍ଭବ ପ୍ରତ୍ୟାବର୍ତ୍ତନ କରାଇବା ଲାଗି ରାଷ୍ଟ୍ରପତି ସ୍ପେସେକ୍ସକୁ ପରାମର୍ଶ ଦେଇଛନ୍ତି। ଆମେ ଉଭୟଙ୍କୁ ଫେରାଇ ଆଣିବୁ। ବାଇଡେନ୍ ପ୍ରଶାସନର ଅବହେଳା ଦୁର୍ଭାଗ୍ୟଜନକ ବୋଲି ସ୍ପେସେକ୍ସ ସିଇଓ କହିଛନ୍ତି।



ସୁନୀତା ୱିଲିୟମ୍ସ

**'ଆଇଏସ୍‌ଏସ୍‌ରେ ଛାଡ଼ିଦେଇଛନ୍ତି ବାଇଡେନ୍'**

### ହିନ୍ଦୁ ବିବାହର ବର୍ଷେ ମଧ୍ୟରେ ଛାଡ଼ପତ୍ର ଅସମ୍ଭବ: ହାଇକୋର୍ଟ

**ପ୍ରୟାଗରାଜ, ୨୯।୧ :** ହିନ୍ଦୁଧର୍ମରେ ବିବାହର ବର୍ଷେ ମଧ୍ୟରେ ଦମ୍ପତି ଆପୋସ ବୁଝାମଣା ମାଧ୍ୟମରେ ପରସ୍ପରକୁ ଛାଡ଼ପତ୍ର ଦେଇପାରିବେ ନାହିଁ। ଆଲ୍ଲାହାବାଦ ହାଇକୋର୍ଟ ଛାଡ଼ପତ୍ର ପାଇଁ ଦମ୍ପତିଙ୍କ ଆବେଦନକୁ ଖାରଜ କରିବା ସହ ଏପରି ମନ୍ତବ୍ୟ ଦେଇଛନ୍ତି। ଫ୍ୟାମିଲି କୋର୍ଟ ଛାଡ଼ପତ୍ର ପାଇଁ ମନା କରିବା ପରେ ଉକ୍ତ ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨ଜଣିଆ ଖଣ୍ଡପୀଠ ଶୁଣାଣି କରି କହିଛନ୍ତି, ହିନ୍ଦୁ ବିବାହ ଅଧିନିୟମ, ୧୯୫୫ର ଧାରା ୧୪ ଅନୁଯାୟୀ ଦାମ୍ପତ୍ୟ ଜୀବନରେ ଅସାଧାରଣ ସମସ୍ୟା ଦେଖାଦେଲେ ଏଥିପାଇଁ ଅନୁମତି ଦିଆଯାଇପାରିବ।

### ବିମାନ ଦୁର୍ଘଟଣାରେ ୨୦ ମୃତ

ଜୁବା, ୨୯।୧

ଦକ୍ଷିଣ ସୁଦାନର ୟୁନିଟି ରାଜ୍ୟରେ ବୁଧବାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଛୋଟ ବିମାନରେ ୨ ପାଇଲଟଙ୍କ ସମେତ ୨୧ ଜଣ ଯାତ୍ରା କରୁଥିବାବେଳେ ସେଥିମଧ୍ୟରୁ ୨୦ ଜଣଙ୍କର ମୃତ୍ୟୁ ଘଟିଛି। ଦକ୍ଷିଣ ସୁଦାନର ଏକ ଅଏଲ ଫିଲ୍ଡ ଏୟାରପୋର୍ଟରୁ ଜୁବା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଯିବା ପାଇଁ ବିମାନଟି ଉଡ଼ାଣ ଭରିଥିଲା ବୋଲି ୟୁନିଟି ରାଜ୍ୟର ସୂଚନା ମନ୍ତ୍ରୀ ଗେଟ୍‌ୱେଚ ବିପାଲ କହିଛନ୍ତି। ବିମାନରେ ଥିବା ସମସ୍ତ ୧୯ ଯାତ୍ରୀ ଅଏଲ କମ୍ପାନୀ ଗ୍ରେଟର ପାୟୋନିଅର ଅପରେଟିଂ କମ୍ପାନୀ(ଜିପିଓସି)ର କର୍ମଚାରୀ ଥିଲେ। ତେବେ ଏହି ବିମାନରେ ଥିବା ଜଣେ ବ୍ୟକ୍ତିଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ଭାରତର ଜଣେ ଓ ଚାଇନାର ୨ ନାଗରିକ ରହିଛନ୍ତି।



ଦକ୍ଷିଣ ସୁଦାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନର ଭଗ୍ନାବଶେଷ।

# ୧୯୫୪ରୁ ୨୦୨୫ କୁମ୍ଭମେଳାରେ ଦଳାଚକଟା

ମହାକୁମ୍ଭନଗର(ୟୁପି), ୨୯।୧

ଉତ୍ତର ପ୍ରଦେଶର ପ୍ରୟାଗରାଜସ୍ଥିତ ମହାକୁମ୍ଭନଗରରେ ବୁଧବାର ମୌନୀ ଅମାବାସ୍ୟାରେ ବୁଡ଼ ପକାଇବା ପାଇଁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜୀବନ ଦଳାଚକଟାରେ ଚାଲିଯାଇଛି। ୬୦ରୁ ଅଧିକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି। ୨୫ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେମାନଙ୍କ ମଧ୍ୟରୁ ୪ ଜଣ କର୍ନାଟକର ହୋଇଥିବାବେଳେ ଆସାମ ଓ ଗୁଜରାଟର ଜଣେ ଲେଖାଏ ରହିଛନ୍ତି। ମେଳା ପ୍ରଶାସନ ନିଖୋଜ ବ୍ୟକ୍ତିଙ୍କୁ ଠାବ ପାଇଁ ହେଲ୍ପଲାଇନ୍ ନମ୍ବର ୧୯୨୦ ଜାରି କରିଛି। ଆଗାମୀ ସ୍ନାନଗୁଡ଼ିକରେ ଭିଆଇପି ପ୍ରୋଟୋକଲକୁ ଅନୁମତି ଦିଆଯିବ ନାହିଁ ବୋଲି ରାଜ୍ୟର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସଙ୍ଗମ ଘାଟରେ ଏଠିସେଠି ମୃତକଙ୍କ ଜୋତା, ପୋଷାକ ପଡ଼ିରହିଛି। ଏହି ସ୍ମୃତି, ତିକ୍ତ ଅନୁଭୂତି ଚିରଦିନ ମନେରହିବ ବୋଲି ବିହାର ବେଗୁସରାଇର ଜଣେ ଶ୍ରଦ୍ଧାଳୁ ବାମଦା ଦେବୀ କହିଛନ୍ତି। ତେବେ କୁମ୍ଭମେଳାରେ ଏହା ପ୍ରଥମ ଦଳାଚକଟା ନୁହେଁ। ୧୯୫୪ରୁ ଘଟିଆସିଥିବା କେତେକ ଅନୁରୂପ ଘଟଣା ଉପରେ ଏକ ନଜର...।

**୧୯୫୪:** ଦେଶ ସ୍ୱାଧୀନ ହେବା ପରେ ପ୍ରଥମ କୁମ୍ଭମେଳାର ଆୟୋଜନ କରାଯାଇଥିଲା। କିନ୍ତୁ ଫେବୃଆରୀ ୩ରେ ମୌନୀ ଅମାବାସ୍ୟାରେ ବୁଡ଼ ପକାଇବାବେଳେ ଦଳାଚକଟା ଯୋଗୁ ବହୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୮୦୦ ଜଣ ଦଳାଚକଟା ଓ ସଙ୍ଗମ ଘାଟକୁ ଖସିପଡ଼ି ପ୍ରାଣ ହରାଇଥିଲେ।

**୧୯୮୬:** ହରିଦ୍ୱାରରେ କୁମ୍ଭମେଳା ବେଳେ ଦଳାଚକଟା ହୋଇଥିଲା। ଏଥିରେ ଅନ୍ୟୂନ ୨୦୦ ଜୀବନ ଯାଇଥିଲା। ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀର ବାହାଦୁର ସିଂ ଅନ୍ୟ କେତେଜଣ ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ସାଙ୍ଗରେ ଧରି ହରିଦ୍ୱାରରେ ପହଞ୍ଚିବା ପରେ ସୁରକ୍ଷା କର୍ମୀମାନେ ଭିଡ଼କୁ ନିୟନ୍ତ୍ରଣ କରିପାରି ନ ଥିଲେ। ଏଥିଯୋଗୁ ଦଳାଚକଟା ହୋଇଥିବା ଜଣାପଡ଼ିଥିଲା।

**୨୦୦୩:** ମହାରାଷ୍ଟ୍ରର ନାସିକରେ ଗୋଦାବରୀ ନଦୀରେ କୁମ୍ଭମେଳା ବେଳେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହି ସମୟରେ ଦଳାଚକଟା ଯୋଗୁ ଅନେକ ମହିଳାଙ୍କ ସମେତ ୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଶତାଧିକ ଆହତ ହୋଇଥିଲେ।

**୨୦୧୩:** ଏହି ବର୍ଷ ଫେବୃଆରୀ ୧୦ରେ କୁମ୍ଭମେଳା ପାଇଁ ଆଲ୍ଲାହାବାଦ ରେଳ ଷ୍ଟେଶନରେ ପ୍ରବଳ ଗହଳି ହୋଇଥିଲା। ଦଳାଚକଟାରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪୫ ଆହତ ହୋଇଥିଲେ।

## ନ୍ୟାଶନାଲ କ୍ରିଟିକାଲ ମିନେରାଲ୍ସ ମିଶନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୨୯।୧

ଭାରତ ସରକାର ୩୪,୩୦୦ କୋଟିର ବ୍ୟୟ ସହ ନ୍ୟାଶନାଲ କ୍ରିଟିକାଲ ମିନେରାଲ୍ସ ମିଶନ(ଏନ୍‌ସିଏମ୍‌ଏମ୍)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନୁସନ୍ଧାନ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ଏହି ମିଶନର ଶୁଭାରମ୍ଭକୁ ମଞ୍ଜୁରୀ ଦେଇଛନ୍ତି। ସ୍ୱଚ୍ଛ ଶକ୍ତି, ଉଚ୍ଚ ଉନ୍ନତ ଶିଳ୍ପ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ଅତ୍ୟାବଶ୍ୟକ ଖଣିଜ ପଦାର୍ଥର ଉପଲବ୍ଧତାକୁ ନିଶ୍ଚିତ କରିବା ହେଉଛି ଏହି ମିଶନର ପ୍ରମୁଖ ଉଦ୍ଦେଶ୍ୟ। ମିଶନ ଅଧୀନରେ ୭ ବର୍ଷରେ ୩୪,୩୦୦ କୋଟି ଟଙ୍କାର ନିବେଶ କରାଯିବ। ପ୍ରକାଶ ଯେ, କ୍ରିଟିକାଲ ମିନେରାଲ୍ସ ହେଉଛି, ଅଧିକ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଯାହାର ଯୋଗାଣ ସୀମିତ। ଅଦ୍ୟାବଧି ଭାରତ ନିଜର ଚାହିଦା ମେଣ୍ଟାଇବା ପାଇଁ ବିଦେଶରୁ ଏହାର ଆମଦାନୀ ଉପରେ ନିର୍ଭରଶୀଳ। ଏଥିରେ ଲିଥିୟମ, କୋବାଲ୍ଟ, ନିକେଲ, ଗ୍ରାଫାଇଟ, ଟାଇଟାନିୟମ ପରି ଖଣିଜ ସମ୍ପଦ ଅନ୍ତର୍ଭୁକ୍ତ। ତେଣୁ ଆତ୍ମନିର୍ଭରଶୀଳ ଭାରତ ଅଭିଯାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବା ବିବେଚନା କରାଯାଉଛି।

## ୱାକ୍‌ଫ ବିଲ୍ ସମ୍ପର୍କିତ ରିପୋର୍ଟ ଜେପିସିରେ ଗୃହୀତ

ନୂଆଦିଲ୍ଲୀ, ୨୯।୧

ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଯାଞ୍ଚ କରୁଥିବା ଏକ ସଂସଦୀୟ କମିଟି ବୁଧବାର ବହୁମତରେ ଏହି ବିଧେୟକକୁ ଗ୍ରହଣ କରିଛି। ଭାଜପା ନେତା ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ଚିଠା ଆଇନ ସମ୍ପର୍କିତ ରିପୋର୍ଟ ୧୫-୧୧ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହୋଇଛି। ବିରୋଧୀ ସଦସ୍ୟମାନେ ଉକ୍ତ ରିପୋର୍ଟକୁ ନେଇ ଆପତ୍ତି ଉଠାଇଛନ୍ତି। ୱାକ୍‌ଫ ସମ୍ପତ୍ତିର ପରିଚାଳନାରେ ଆଧୁନିକତା, ସ୍ୱଚ୍ଛତା ଆଣି ଉତ୍ତରଦାୟିତ୍ୱ ସ୍ଥିର କରିବା ପାଇଁ ଭାଜପା ସଦସ୍ୟମାନେ ଯୁକ୍ତି ବାଢ଼ିଥିଲେ। ଗତ ଅଗଷ୍ଟରେ ଲୋକ ସଭାରେ ଉପସ୍ଥାପିତ ଏହି ବିଲ୍‌କୁ ବିରୋଧୀ ପକ୍ଷ ମୁସଲମାନ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ ଏବଂ ୱାକ୍‌ଫ ବୋର୍ଡର ପରିଚାଳନାରେ ହସ୍ତକ୍ଷେପ ବୋଲି ଅଭିହିତ କରିଛନ୍ତି। କମିଟିର ୩୮ତମ ବୈଠକ ପରେ ପାଲ୍ କହିଛନ୍ତି, ରିପୋର୍ଟକୁ ଗୁରୁବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଦାନ କରାଯିବ। ଶୁକ୍ରବାର ଆରମ୍ଭ ହେବାକୁ ଥିବା ବଜେଟ୍ ଅଧିବେଶନରେ ଏହାକୁ ଉଭୟ ଗୃହରେ ଉପସ୍ଥାପନ କରାଯିବ।

# ଇସ୍ରୋର ୧୦୦ତମ ଲଞ୍ଚିଂ ସଫଳ

ଶ୍ରୀହରିକୋଟା, ୨୯।୧



ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ବୁଧବାର ସକାଳ ୬ଟା ୨୩ ମିନିଟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ୨୨୫୦ କିଲୋଗ୍ରାମ ଓଜନ ବିଶିଷ୍ଟ ନାଭିଗେଶନ ସାଟେଲାଇଟ 'ଏନ୍‌ଭିଏସ୍-୦୨'କୁ ବହନ କରୁଥିବା 'ଜିଏସ୍‌ଏଲ୍‌ଭି-ଏଫ୍୧୫' ରକେଟକୁ ସଫଳତାପୂର୍ବକ ଲଞ୍ଚ୍ କରିଛି। ଏହା ଇସ୍ରୋର ୧୦୦ତମ ଉତ୍କ୍ଷେପଣ ଥିଲା। ଏନ୍‌ଭିଏସ୍-୦୨ ହେଉଛି ଏନ୍‌ଭିଏସ୍ କ୍ରମର ଦ୍ୱିତୀୟ ସାଟେଲାଇଟ। ପୂର୍ବରୁ ଏହି କ୍ରମର ପ୍ରଥମ ସାଟେଲାଇଟ ଏନ୍‌ଭିଏସ୍-୦୧କୁ ୨୦୨୩ ମେ' ୨୯ରେ ଜିଏସ୍‌ଏଲ୍‌ଭି-ଏଫ୍୧୨ ରକେଟ ଜରିଆରେ ଲଞ୍ଚ୍ କରାଯାଇଥିଲା। ଏନ୍‌ଭିଏସ୍-୦୨ ସାଟେଲାଇଟ ଲଞ୍ଚିଂ ଜରିଆରେ ଭାରତ ନିଜର ନାଭିଗେଶନ ସିଷ୍ଟମକୁ ଆହୁରି ଅଧିକ ମଜଭୁତ କରିବ ବୋଲି ମହାକାଶ ବିଶେଷଜ୍ଞମାନେ ମତ ରଖିଛନ୍ତି। ମହାକାଶ ନାଭିଗେଶନ କ୍ଷେତ୍ରରେ ଭାରତ ନୂତନ ଶିଖରକୁ ଛୁଇଁଛି ବୋଲି ଏହି ଅବସରରେ ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେହିପରି ଏହି ଉତ୍କ୍ଷେପଣ ଇସ୍ରୋ ପାଇଁ ନିଶ୍ଚିତଭାବେ ଏକ ଐତିହାସିକ ଉପଲବ୍ଧି ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଇସ୍ରୋ ୧୦୦ ପୃଥକ ମିଶନକୁ ସଫଳତାର ସହ ଲଞ୍ଚ୍ କରିବା ଦିଗରେ କାର୍ଯ୍ୟ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏନ୍‌ଭିଏସ୍-୦୨ ସାଟେଲାଇଟ୍ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ହୋଇଥିବା ସେ କହିଛନ୍ତି। ଗତବର୍ଷ ନଭେମ୍ବର ଏବଂ ଡିସେମ୍ବରରେ ଏହି ସାଟେଲାଇଟର ଟେଷ୍ଟିଂ କରାଯାଇଥିଲା। ପ୍ରକାଶ ଯେ, ୧୯୭୯ ଅଗଷ୍ଟ ୧୦ରେ ଶ୍ରୀହରିକୋଟାରୁ ଇସ୍ରୋ ନିଜର ପ୍ରଥମ ବଡ଼ ରକେଟର ଉତ୍କ୍ଷେପଣ କରିଥିଲା।

# ରୁଷୀୟ କନ୍ୟା, ୟୁକ୍ରେନୀୟ ବର

ଥିରୁଭାନନ୍ତପୁରମ, ୨୯।୧

**କେରଳ ଆଶ୍ରମରେ ବିବାହ**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଗତ ୩ ବର୍ଷ ଧରି ଯୁଦ୍ଧ ଜାରି ରହିଛି। ୨ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଥିବା ସତ୍ତ୍ୱେ କେରଳର କୋଲ୍ଲମସ୍ଥିତ ଅମୃତପୁରୀ ଆଶ୍ରମର ମାତା ଅମୃତାନନ୍ଦମୟୀ ମନ୍ଦିରରେ ମଙ୍ଗଳବାର ୟୁକ୍ରେନୀୟ ଯୁବକ ସାଶା ଓଷ୍ଟ୍ରଭିକ୍ ଓ ରୁଷୀୟ ଯୁବତୀ ଓଲ୍ୟା ଓଷ୍ଟ୍ରଭିକ୍ ପରସ୍ପରକୁ ବିବାହ କରିଛନ୍ତି। ଏହି ବିବାହ କେବଳ କେରଳରେ ନୁହେଁ ବରଂ ପୂରା ଭାରତରେ ଚର୍ଚ୍ଚା ସାଉଣ୍ଟିଛି।

ୟୁକ୍ରେନ୍‌ର ରାଜଧାନୀ କିଭ୍ ନିବାସୀ ସାଶା ସମ୍ପ୍ରତି କେରଳର ଅମୃତ ବିଶ୍ୱ ବିଦ୍ୟାପୀଠମ ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ବିଷୟରେ ପିଏଚ୍‌ଡି କରୁଛନ୍ତି। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେହିପରି ଅମୃତପୁରୀ ଆଶ୍ରମରେ ସାବିତ୍ରୀ ନାମରେ ପରିଚିତ ଓଲ୍ୟା ହେଉଛନ୍ତି ରୁଷିଆର ରାଜଧାନୀ ମସ୍କୋର ମୂଳ ନିବାସୀ। ୨୦୦୯ରେ ଭାରତକୁ ଆସିଥିବା ଓଲ୍ୟା ଅମୃତପୁରୀ ଆଶ୍ରମରେ ଦୀର୍ଘ ବର୍ଷ ଧରି ଜଣେ ଭଲ୍ୟୁଣ୍ଟିଅର ଭାବେ କାର୍ଯ୍ୟ କରୁଛନ୍ତି। ସେ ରୁଷିଆର ଏକ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ ଯୋଗେ ମନୋବିଜ୍ଞାନ ଅଧ୍ୟୟନ କରୁଛନ୍ତି। ଅମୃତପୁରୀ ଆଶ୍ରମରେ ଦୁହେଁ ବିଭିନ୍ନ ଦେଶ ତଥା ପୃଷ୍ଠଭୂମିର ୨ ହଜାରରୁ ଅଧିକ ଲୋକଙ୍କ ସହ ରହୁଛନ୍ତି। ସାଶା ଓ ଓଲ୍ୟା ୨୦୧୯ରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ତେବେ କୋଭିଡ୍ ମହାମାରୀ ସମୟରେ ସାଶା ୟୁକ୍ରେନ୍ ଚାଲିଯାଇଥିଲେ। ତେଣୁ ମଝିରେ ଲମ୍ବା ସମୟ ଧରି ଉଭୟ ପରସ୍ପରକୁ ଭେଟି ପାରି ନ ଥିଲେ। ତେବେ ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସାଶା ଅମୃତପୁରୀ ଆଶ୍ରମକୁ ଫେରି ଆସିଥିଲେ। ଏନେଇ ସାଶା କୁହନ୍ତି, ଯୁଦ୍ଧ ପୂର୍ବରୁ ଅମୃତପୁରୀ ଫେରି ଆସିବା ନିଶ୍ଚିତ ଭାବେ ତାଙ୍କ ପାଇଁ ଚମତ୍କାର ଘଟଣା ଥିଲା। ୨ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଅତ୍ୟନ୍ତ ଭୟଙ୍କର ଓ ପୀଡ଼ାଦାୟକ ହୋଇଥିବା ସେ କହିଛନ୍ତି। ତେବେ ଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ଆହୁରି ନିକଟତର ହୋଇଛନ୍ତି ବୋଲି ଓଲ୍ୟା କହିଛନ୍ତି। ୨ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଜାରି ରହିଥିଲେ ମଧ୍ୟ ସେମାନଙ୍କ ପ୍ରେମ ଧୀରେ ଧୀରେ ଆହୁରି ମଜଭୁତ ହୋଇଥିବା ସେ କହିଛନ୍ତି।



ସାଶା ଓଷ୍ଟ୍ରଭିକ୍‌ଙ୍କ ସହ ଓଲ୍ୟା ଓଷ୍ଟ୍ରଭିକ୍।

**ଶେୟାର ବଜାରରେ ଉତ୍ସାହ**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୨ (୬୩୧.୫୫) ପଏଣ୍ଟ ବଢ଼ି ୭୬,୫୩୩ (୭୬,୫୩୨.୯୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୦୬ (୨୦୫.୮୫) ପଏଣ୍ଟ ବୃଦ୍ଧି ଘଟି ୨୩,୧୬୩ (୨୩,୧୬୩.୧୦) ଅଙ୍କରେ କାରବାର ଶେଷ କରିଥିଲା।

# ବଜାରରେ ହିରୋ ଡେଷ୍ଟିନି ୧୨୫ ଏକ୍ସଟେକ୍



କଟକ ଶିଖରପୁରସ୍ଥିତ ଏସେନ ହିରୋରେ ହିରୋ ମୋଟୋକର୍ପର ଅଲ୍ ନ୍ୟୁ ଡେଷ୍ଟିନି୧୨୫ ଏକ୍ସଟେକ୍‌ର ଅନାବରଣ ହୋଇଯାଇଛି। ଏହି ଅବସରରେ ଏସେନ ହିରୋର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକର କନିକା ଛକସ୍ଥିତ ସନି ମୋଟର୍ସରେ ହିରୋ ମୋଟକର୍ପର ଅଲ୍ ନ୍ୟୁ ଡେଷ୍ଟିନି୧୨୫ ଏକ୍ସଟେକ୍‌ର ଅନାବରଣ ହୋଇଯାଇଛି। ଏହି ଅବସରରେ ସନି ମୋର୍ଟସର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକର ପ୍ରଫେସରପଡ଼ାସ୍ଥିତ ଜେଏମ୍‌ଜି ଅଟୋମୋବାଇଲ୍ସରେ ହିରୋ ମୋଟୋକର୍ପର ଅଲ୍ ନ୍ୟୁ ଡେଷ୍ଟିନି୧୨୫ ଏକ୍ସଟେକ୍‌ର ଅନାବରଣ ହୋଇଯାଇଛି। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍ସର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଅଲ୍ ନ୍ୟୁ କାମ୍ରିର ଅନାବରଣ

**ଭୁବନେଶ୍ୱର,୨୯।୧ (ଅଭୟ ଦାଶ)**

ଟୟୋଟାର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ କାମ୍ରି'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଟୟୋଟାର ଏହି ହାଇବ୍ରିଡ୍ ମଡେଲ ବର୍ତ୍ତମାନ ଘରୋଇ ବଜାରରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଇସ୍ପିରିଟ୍ ଟୟୋଟା ତେଲଙ୍ଗାପେଣ୍ଠ କଟକ ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇସ୍ପିରିଟ୍ ଟୟୋଟାର ନିର୍ଦ୍ଦେଶକ ସୁନୀଲ ତାନେଜା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଅନାବରଣ କରିବା ସହ ବଜାର ପ୍ରବେଶ ମଧ୍ୟ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍ପିରିଟ୍ ଟୟୋଟାର ସେଲ୍‌ସ ହେଡ୍ ଶଶିଭୂଷଣ ଦାସଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଇସ୍ପିରିଟ୍ ଟୟୋଟାର ନିର୍ଦ୍ଦେଶକ ସୁନୀଲ ତାନେଜା 'ଅଲ ନ୍ୟୁ କାମ୍ରି'ର ଅନାବରଣ ସହ ବଜାର ପ୍ରବେଶ କରାଉଛନ୍ତି।

ଭୁବନେଶ୍ୱରର ଡେଲ୍‌ଟା ଛକସ୍ଥିତ ରୋହନ ହିରୋରେ ହିରୋ ମୋଟୋକର୍ପର ଅଲ୍ ନ୍ୟୁ ଡେଷ୍ଟିନି୧୨୫ ଏକ୍ସଟେକ୍‌ର ଅନାବରଣ ହୋଇଯାଇଛି। ଏହି ଅବସରରେ ରୋହନ ହିରୋର ବରିଷ୍ଠ ଅଧିକାରୀଙ୍କ ସମେତ ଅତିଥିମାନେ ଉପସ୍ଥିତ ଅଛନ୍ତି।




## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II, BHUBANESWAR

eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**

**Bid Identification No.-C.C. (R&B)-02**

**e-Procurement Notice No.49 of 2024-25**

**No.B-888:** The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Five Number Road works to be received in online bidding, Single & Double cover system as detailed in: https://tendersorissa.gov.in. The details of bid documents will be available in the above website from 04.02.2025 to 5.00 P.M. of 19.02.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 20.02.2025 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-Procurement portal www.tendersorissa.gov.in. Addendum/ Corrigendum, if required, will be available only in the website.

**Sd./- Superintending Engineer**
**BBSR (R&B) Division No.II, BBSR**

OIPR-34088/11/0014/2425

## Government of Odisha "e" Procurement Notice

**Bid Identification No.:Online-AGL-18 of 2024-2025**

**No.O-1350**

1. Name of the Work : Road Works
2. Estimated Cost : Rs.10.70 to 13.38 Lakhs
3. Period of Completion : 1 (One) Calendar Month
4. Date & Time of availability of : From 28.01.2025 to 03.02.2025 upto 5.00 P.M.
5. Last Date/Time for receipt of Bids in the Portal : 03.02.2025 upto 05.00 P.M.
6. Name & Address of the OIT : Executive Engineer Rural Works Division, Angul

Further details can be seen from the Govt. website **www.tendersorissa.gov.in**

**Sd./- Executive Engineer**
**R.W.Division, Angul**

OIPR-25096/11/0020/2425

## ODISHA JOINT ENTRANCE EXAMINATION - 2025 (OJEE-2025)

**No. OJEE/029** **Date: 29.01.2025**

**NOTICE FOR ONLINE APPLICATION FOR OJEE-2025**

No. h-18: Odisha Joint Entrance Examination (OJEE) - 2025 will be conducted tentatively during 2nd, 3rd, 4th, 5th, 6th, 10th and 11th of May, 2025 (Centre details, Date and Shift of examination will be indicated in the Admit Card) for **Admission to B.Pharm/B.Sc. Nursing/Post B.Sc. Nursing/Post Diploma Nursing/M.Sc. Nursing/ MCA/M.Sc. (Comp. Science)/MBA/Integrated MBA/B. CAT/M.Tech/M.Tech (Part-Time)/M.Arch/M Plan/M. Pharm and Lateral Entry to B.Tech/B.Pharm Courses in Government and Private Universities and Colleges of Odisha**.

The Entrance Examination will be conducted in Computer Based Test (CBT) mode for all the courses as mentioned above.

Interested candidates are advised to fill up the respective Application Forms Online through OJEE webstie **(www.ojee.nic.in)** only.

**Filling-up of Online Application through OJEE website begins on 30th January, 2025 and will end on 20th March, 2025.**

Please read, carefully, the **'Information Brochure'** and the **'Instructions to fill Online Application Form'**, which are available in the OJEE websites to get detailed information regarding eligibility criteria, reservation policy, examination pattern, syllabus etc.

Please note that **Outside State Candidates** are not eligible for admission in Government Colleges, but they are eligible for admission in Private Colleges for all the above mentioned courses except all Nursing Courses as per Odisha Government rule.

Candidates may install OJEE android App from Google Play Store for latest information and notices.

(For Admission to B.Tech/B.Arch/B.Plan/Int. M.Sc. and MBBS/BDS/BAMS/BHMS Courses in Government and Private Colleges of Odisha, Candidates have to appear and qualify in JEE (MAIN) - 2025/NEET (UG)-2025 conducted by National Testing Agency, Govt. of India).

For other details, please visit OJEE website: **www.ojee.nic.in / www.odishajee.com**.

**Sd./- Chairman, OJEE, Odisha**

OIPR-44026/11/0014/2425

See Career Appointment on every Wednesday & Saturday

## DEPARTMENT OF COMMERCE & TRANSPORT Govt. of Odisha

**SHORT QUOTATION CALL NOTICE**

**No.:TRN-0E-MISC-0006-2025 767/T.,Bhubaneswar,Dated:27.01.25**

**No.JJ-50:** A call for quotations is at this moment invited from registered and authorised agencies for supply, installation of Televisions & Desk System along with necessary arrangement for Commerce Transport Deptt. in the Conference Hall at 5th Floor, Kharavel Bhawan. The equipment must meet the detailed configuration requirements specified below:

| Brand | Configuration/Features | | Quantity |
|---|---|---|---|
| **TELEVISION-** SONY WITH STAND | 65 inches Television, 440 nits brightness, Smart Android OS, 4K UHD Resolution, 24*7 Screen Mirroring, 16 GB Storage, WI-FI, 178 Degree viewing angle, Landscape/ Portrait/Tilt Installation, IP/RS232C Control, 10W+10W Speakers, HDMI 2.1 (4), USB (2), 1200:1 Contrast Ratio, Color Gamut (DCI-P3) 92%, HDMI Auto Wake up. 4K HDR Processor x1, 4k X-Reality PRO, Triluminos PRO, Motionflow XR, hdr10/hlg/dolby Vision **STAND** Floor mount stand | | 2 |
| **SMALL DISPLAY** SAMSUNG MONITOR WITH STAND | 68.6 cm M5 FHD Smart Monitor & 2/4- Port HDMI Splitter with high-speed HDMI v1.4 Cable **STAND** Floor mount stand | | 1 |
| **SPLITER** | HDMI SPLITER 1 IN 4 OUT | | 1 |
| **HDMI CABLE** HONYWELL HDMI CABLE (1.4) & USB CABLE | HDMI 15 MTR | 3 Nos | 5 |
| | HDMI 5 MTR | 1 No | |
| | USB 3.0 ACTIVE CABLE 5 MTR | 1 No | |

Interested agencies are requested to submit their quotations for the above equipments including all cost for supply & installation and including three (3) years of warranty (excluding GST which shall be paid extra) to the **Commerce & Transport Department**, not later than 1:00 PM on date 4th February, 2025 and shall be opened at 3.00 PM on the same day. Payment shall be made on complete installation and testing. Delivery to be made within 7 (Seven) days from the date of order.

**Quotations will not be received after the deadline.**

**Sd./-**
**Under Secretary to Government**

OIPR-38001/11/0014/2425

## DISTRICT PROJECT OFFICE, SAMAGRA SIKSHYA, MAYURBHANJ

**No.362/Estt/25 Date:27.01.2025**

**TENDER CALL NOTICE**

**(ENGAGEMENT OF MANPOWER SERVICE PROVIDING AGENCY FOR PROVIDING DATA ENTRY OPERATOR)**

**No.n-198:** Sealed tenders are invited from Reputed and Registered Manpower Service Providing Agencies to provide 26 No's of Data Entry Operators (DEOs) who are to be engaged at 26 BEO Offices under BRC Interventions of Samagra Sikshya, Mayurbhanj for a period of one year. The interested Bidders shall submit the technical & financial Bid along with tender paper cost of **Rs.5,000/- (non-refundable)** latest by 24.02.25 (5.00 PM) at the Office of the District Project Office, SS, Mayurbhanj & available in the following website. Tender Papers shall be opened on 25.02.2025, at 11.00 A.M.The tender paper with detailed term & conditions available at website https://mayurbhanj.odisha.gov.in., https://osepa.odisha.gov.in. The authority reserves the right to reject any or all tenders without assigning any reason thereof.

**Sd./- Collector &**
**District Magistrate, Mayurbhanj**

OIPR-27140/11/0006/2425

## GOVERNMENT OF ODISHA HIGHER EDUCATION DEPARTMENT

**No.HE-NCNE-PLAN-0003-2024/4750/ Dt.29.01.2025**

**TENDER CALL NOTICE**

**(For Science Laboratory Equipment)**

**No.N-174:** Sealed quotations are invited from Manufacturers/ Authorized Dealers or Registered Firms of laboratory equipment manufactured in India having valid GST Registration and Income Tax PAN for supply of Science Laboratory Equipment of different items used in Physics, Chemistry, Botany & Zoology laboratories of Non-Government Aided Degree Colleges situated in different places in Odisha. The last date and time for submission of the quotation is **on or before dt.03.03.2025 (5.00 PM).**

For more details, please visit our Department website: **www.dhe.odisha.gov.in.**

**Sd./-**
**Director, Higher Education**

OIPR-11001/11/0038/2425

## GOVERNMENT OF ODISHA

**e-Procurement Notice**

**OFFICE OF THE ADDITIONAL CHIEF ENGINEER CENTRAL MINOR IRRIGATION CIRCLE, BHUBANESWAR**

Phone/Fax (0674) 2540559, cmic.bbsr@gmail.com

No.164, Dt.27.01.2025

**No.A-988:** **e-Procurement Notice**

**BID ID. NO. ACECMIC-04/2024-25**

| | | | |
|---|---|---|---|
| 1. | Name of the Work | : | As per Annexure to this bid notice |
| 2. | No. of Works | : | 01 (One) No. |
| 3. | Estimated Cost | : | Approximate cost Rs. 663.80 lakh |
| 4. | Class of Contractor | : | 'A' & 'Special' Class |
| 5. | Period of Completion | : | 11 (Eleven) Calendar Months |
| 6. | Date and Time of availability of Bid documents and Receipt of Bid Cost on online payment mode in Portal | : | From 10.00 Hrs. on 01.02.2025 to 15.02.2025 (17.30 Hrs.) in Website (www.tendersodisha.gov.in) |
| 7. | Last Date/ Time for receipt of Bids in the Portal | : | 15.02.2025 (Upto 17.30 Hrs.) through online only |
| 8. | Date of Opening of Technical Bid | : | 11.00 Hrs. onwards on 17.02.2025 in the O/o. Additional Chief Engineer, Central M.I. Circle, Bhubaneswar |
| 9. | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No.- A-8/2, PO: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place **http.//tendersodisha.gov.in.**

**Sd./- Additional Chief Engineer**
**Central M.I. Circle, Bhubaneswar**

OIPR-32047/11/0009/2425

## REGIONAL INSTITUTE OF PLANNING, APPLIED ECONOMICS & STATISTICS

**(Planning & Convergence Department, Govt. of Odisha)**
**A/65, Nayapalli, Bhubaneswar-751012, Tel.-0674-2392283**
**ripaesodisha@gmail.com**

**Statistics Good Governance-People's Welfare**

**Letter No.111/RIPAE&S/01/2025 Date:27.01.25**

**QUOTATION CALL NOTICE**

**No.X-18:** Sealed quotations are invited from interested reputed Travel Agencies/ Tour Operators or proprietor with valid GST for providing one number of Zest/ Tigor/ Swift Dzire/ Xcent/Etios (only Petrol) driven vehicles having sitting capacity not more than five including driver, which shall confirm to the Terms and conditions as per the quotation documents available at www.odisha.gov.in or www.ripaesodisha.nic.in for official use in the office of the Regional Institute of Planning, Applied Economics & Statistics, A/65, Nayapalli, Bhubaneswar-751012.

The details of the quotation documents for hiring of the vehicle may either be downloaded from the website or obtained in person from the Director, RIPAE&S, Odisha, Bhubaneswar on payment of Rs.1000/- in cash or in shape of Bank Draft in favour of Assistant Director, RIPAE&S, Bhubaneswar on any working day from 28.01.2025 to 03.02.2025 between 11.00 AM to 4.00 PM. The downloaded quotation documents from the website should be submitted alongwith Bank Draft / Bankers Cheque of Rs.1000/- (non-refundable). The quotation documents will be received through Speed Post/ Registered Post/ By hand or submitted in the sealed box in RIPAE&S during the office hour on or before 03.02.2025 by 04.00 P.M.

The authority reserves the right to reject any or all quotation without assigning any reason thereof.

**Sd./- DIRECTOR**

OIPR-21005/11/0002/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BALANGIR

**Phone No.: 06652-232982 (Off), e-mail: mid_balangir@yahoo.co.in**

**'e'-Procurement Notice**

**Bid Reference No. SE-MID-BLGR-09/2024-25**

**No. 99/MID//** **Date: 27.01.2025**

No. A-989: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1. Name of the Works : Construction of New Check Dams
2. No. of Works : 06 (Six) Nos.
3. Estimated Cost : Varies from Rs.29.30 lakh to Rs.78.86 lakh only (Approx)
4. Period of Completion : 03 (Three) to 04 (Four) Calendar Months
5. Date and time of availability of bid documents in the Portal : From Dt.30.01.2025 at 10.00 A.M. to Dt.10.02.2025 upto 5.00 P.M.
6. Last date/time of receipt of bids in the Portal : Dt.10.02.2025 upto 5.00 P.M.
7. Date of Opening of Technical Bid : Dt.11.02.2025 at 10.00 A.M. onwards
8. Date of Opening of Financial Bid : To be intimated later on
9. Date of lottery scheduled to be held (if required) : Dt.19.02.2025 at 11.00 A.M. in the O/o. S.E.,M.I. Division, Balangir
10. Name and Address of the OIT : O/o. The Superintending Engineer, M.I. Division, Balangir, near Sub-Collector Office, Balangir, Dist.: Balangir
11. Further details can be seen from the e-Procurement market place : **http://tendersodisha.gov.in**

**Sd./- Superintending Engineer**
**M.I. Division, Balangir**

OIPR-32063/11/0008/2425

## Forest Department Odisha OFFICE OF THE DIVISIONAL FOREST OFFICER SAMBALPUR FOREST DIVISION

Email - dfo.sambalpur@odisha.gov.in

**TENDER CALL NOTICE**

**Tender Call Notice No. 26 Dated. 28.01.2025**

No. MM- : Tender Call Notice for Supply of **Precision fixed workstation-2 nos, Monitor 32" and Laser Jet A3 Printer** for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25.

Sealed Tenders are invited from reputed Manufacturer / Distributorship / Authorized dealership for supply of Precision fixed workstation -2 nos., Monitor 32" and Laser Jet A3 Printer for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25 **on or before 12.02.2025 up to 05.00 PM.**

The application form of Tender containing Technical Bid & Financial Bid information and Supply and of Precision fixed workstation-2nos, Monitor 32" and Laser Jet A3 Printer for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25 will be available from **29.01.2025 to 12.02.2025 in the website www.sambalpur.nic.in on deposit of Rs. 6,000/- (Rupees Six Thousand Only) only deposit** in Account No. 0185101020115 of Canara Bank, Modipara Branch, IFSC Code No. CNRB0000185 in favour of "Divisional Forest Officer, Sambalpur Forest Division, Sambalpur" **which is non-refundable** towards Tender Paper cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand is **12.02.2025 upto 05.00 PM.** The **Technical bids will be opened on 13.02.2025 at 11.00 AM & Financial Bid will be opened on 13.02.2025 at 3.30 PM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on L1 basis based on quality and cost of the materials. The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer,**
**Sambalpur Forest Division**

OIPR-08104/11/0009/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଚଣ୍ଡୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାତୀର ମୃତଦେହ ଠାବ

ସମ୍ବଲପୁର,୨୯।୧
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ସଦର ବନଖଣ୍ଡ ଧମା ରେଞ୍ଜ ଅନ୍ତର୍ଗତ ଯାଦୁଲୁଇସିଂ ନିକଟ ଜଙ୍ଗଲରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବୁଧବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା। ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ପ୍ରକୃତ କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ମୃତ ହାତୀଟି ୨୦ବର୍ଷ ବୟସ୍କ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସକାଳେ ସ୍ଥାନୀୟ ଲୋକେ ଉକ୍ତ ଜଙ୍ଗଲ ମଧ୍ୟରେ ହାତୀ ମରିପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଜବତ କରିଥିଲେ।

ସୂଚନାଯୋଗ୍ୟ, ଗତ ରବିବାର ମଧ ସଦର ବନଖଣ୍ଡ ଅଧୀନ ଧମା ରେଞ୍ଜ ଖସାପାଲ ଗ୍ରାମ ନିକଟ ଲାବଡେରା ବୋଲବଙ୍ଗା ଜଙ୍ଗଲରେ ଏକ ୨୦ବର୍ଷ ବୟସ୍କ ଦନ୍ତାହାତୀର ମୃତ୍ୟୁ ଘଟିଥିଲା।

# ଜନଜାତି ଛାତ୍ରନିବାସରେ ଛାତ୍ର ମୃତ୍ୟୁ ନେଇ ଉତ୍ତେଜନା

## ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୂଆପଡ଼ା, ୨୯।୧
(ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଡାଲସ୍ଥିତ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଅନୁସୂଚିତ ଜନଜାତି ଛାତ୍ରନିବାସରେ ବୁଧବାର ଜଣେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କଛାରପଡା ଗ୍ରାମର ସ୍ୱର୍ଗତ ଅର୍ଜୁନ ମାଝୀଙ୍କ ପୁଅ ଲାଲଧର ମାଝୀ (୧୨)। ସେ ସ୍ଥାନୀୟ ଗୋଡାଲ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ପ୍ରାପ୍ତ ଖବର ଅନୁସାରେ ଗତ ମଙ୍ଗଳବାର କୌଣସି କାରଣରୁ ଛାତ୍ରଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ରାତି ୧୧ଟାରେ ସିନାପାଲି ସରକାରୀ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେ ଛାତ୍ରନିବାସକୁ ଫେରି ଆସିଥିଲେ। ବୁଧବାର ସକାଳେ ସେ ମୃତ୍ୟୁବରଣ କରିଥିବା ଜାଣିପାରି ସ୍କୁଲ ଷ୍ଟାଫ୍ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ଲୋକଙ୍କ ସହ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ କ୍ଷତିପୂରଣ ସହ ଛାତ୍ରନିବାସ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ବିଭାଗୀୟ ଉଚ୍ଚ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗତ ୨୪ ତାରିଖରୁ ଛୁଟିରେ ରହିଥିବା ବେଳେ ଜଣେ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଅପରାହ୍ନରେ ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ବିଦ୍ୟାଳୟ ଛାତ୍ରନିବାସରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ଏ ନେଇ ଉପଜିଲାପାଳ ମାଝିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ୮ କି.ମି. ଚାଲି ଥାନାରେ ଅଭିଯୋଗ ଜଣାଇଲେ ଅନ୍ତେବାସୀ

ଉମରକୋଟ, ୨୯।୧
(ସନ୍ତୋଷ ଶତପଥୀ)



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ବୁର୍ଜା ପଞ୍ଚାୟତର ସଦରସ୍ଥିତ ମା ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ ଅନ୍ତେବାସୀ ସେମାନଙ୍କ ସମସ୍ୟା ଜଣାଇବାକୁ ୮ କି.ମି. ଚାଲିଚାଲି ଯାଇଛନ୍ତି। ଖବରପାଇ ଉମରକୋଟ ପୌରାଧ୍ୟକ୍ଷା ଓ ନବରଙ୍ଗପୁର ଏଡିଇଓ ରେଶମ ଲାଲ ନାୟକ, ବିଇଓ ବିକାଶ ଚନ୍ଦ୍ର ସରକାର ଅନ୍ତେବାସୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

ସୂଚନାନୁଯାୟୀ, ସ୍କୁଲ ଛାତ୍ରୀମାନେ ବୁର୍ଜା ଗ୍ରାମସ୍ଥିତ କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସରେ ରହୁଥିଲେ। ସେଠାରେ ଦୀର୍ଘ ୮ ମାସ ହେଲା ନିମ୍ନମାନର ଖାଦ୍ୟ ଦିଆ ଯାଉଥିଲା। ସ୍କୁଲ ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭକରି ବିଭିନ୍ନ ଅଧିକାରଙ୍କୁ ଜଣାଇଥିଲେ ମଧ୍ୟ କେହି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ତେଣୁ ବୁଧବାର ପ୍ରାୟ ୪୦ ଛାତ୍ରୀ ୮ କି.ମି. ଚାଲି ଉମରକୋଟ ଥାନାକୁ ଅଭିଯୋଗ ଜଣାଇବାକୁ ଆସିଥିବା ଅନ୍ତେବାସୀ କହିଛନ୍ତି। ସ୍କୁଲ ଶିକ୍ଷକମାନେ ବାରଣ କରିଥିଲେ ମଧ୍ୟ ସେମାନେ ନ ଶୁଣି ଅଭିଯୋଗ କରିବାକୁ ଆସିଥିବା କହିଛନ୍ତି। ପୌରାଧ୍ୟକ୍ଷା, ଏଡିଇଓ ଓ ଉମରକୋଟ ବିଇଓ ଛାତ୍ରୀମାନଙ୍କୁ ବୁଝାଶୁଝାକରି ସ୍କୁଲକୁ ଫେରାଇ ନେଇଥିଲେ। ସମସ୍ୟା ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଇଓ କହିଛନ୍ତି।

# ଜିଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟରୁ ଅନ୍ତର

ବାଲେଶ୍ୱର,୨୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଦେବାଙ୍ଗନା ବାରିକଙ୍କ ବିରୋଧରେ ହୋଇଥିବା ଏକାଧିକ ଅଭିଯୋଗ ଓ ଅନିୟମିତତା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି (ନଂ. ୨୮/୨୯।୧।୨୦୨୫) ଅନୁଯାୟୀ ବୁଧବାର ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଡେପୁଟି କଲେକ୍ଟର ଗୀତା ମାଝି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ରହିବେ। ଡିସିପିଓ ବାରିକ ଡେପୁଟି କଲେକ୍ଟରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ଚିଠିରେ ନିର୍ଦ୍ଦେଶ ରହିଛି। ଜିଲା ଶିଶୁ ସୁରକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ଓ ଆର୍ଥିକ ହେରଫେର ଅଭିଯୋଗରେ ପୂର୍ବରୁ ଦୁଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଇତିଶ୍ରୀ ମହାପାତ୍ର ଓ ଯୁବକ ମାଝି ଚାକିରିରୁ ବହିଷ୍କୃତ ହୋଇଥିଲେ। ତୃତୀୟ ଅଧିକାରୀ ଭାବେ ଦେବାଙ୍ଗନା ବାରିକ କାର୍ଯ୍ୟରୁ ଅନ୍ତର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବାରିକ କେନ୍ଦୁଝରରେ ଥିବା ବେଳେ ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା, କାର୍ଯ୍ୟରେ ଅବହେଳା, ସରକାରୀ ଅର୍ଥର ତୋଷାରପାତ, ବିଭାଗୀୟ ଆଦେଶକୁ ବେଖାତିର, ସାଧାରଣ ଲୋକ ତଥା ପିଲାଙ୍କ ଅଭିଭାବକଙ୍କୁ ଦୁର୍ବ୍ୟବହାର ଆଦି ଅଭିଯୋଗ ଆସିଥିଲା। ଅଭିଯୋଗ ମୁତାବକ କେନ୍ଦୁଝର ଜିଲାପାଳଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇଥିଲା। ଅଭିଯୋଗର ପ୍ରମାଣ ମିଳିବା ପରେ ଡିସିପିଓଙ୍କ ବିରୋଧରେ ରିପୋର୍ଟ ହୋଇଥିଲା। ରିପୋର୍ଟ ହେବା ସହ କୈଫିୟତ ତଲବ କରାଯାଇଥିଲା। ଏହି ସମୟ ମଧ୍ୟରେ ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ବାଲେଶ୍ୱରକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ଡେପୁଟେଶନରେ ପଠାଯାଇଥିଲା। ମଗାଯାଇଥିବା କୈଫିୟତରେ ଅଧିକାରୀଙ୍କ ସନ୍ତୋଷଜନକ ଉତ୍ତର ନ ମିଳିବା ଉପଲବ୍ଧି କରି ବିଭାଗ ପକ୍ଷରୁ ପୁନଃ ତଦନ୍ତ ହୋଇଥିଲା। ଗତ ୨୦୨୪ ଡିସେମ୍ବର ୨୪ ତାରିଖ ସୁଦ୍ଧା ତାଙ୍କୁ ଚାକିରୀରୁ ଅନ୍ତର କରିବା ପାଇଁ ଗତ ଡିସେମ୍ବର ୧୭ ତାରିଖରେ ରାଜ୍ୟସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଚିଠି ନଂ.-୨୭୩୬ (ଓଏସ୍‌ସିପିଏସ୍) ଅନୁଯାୟୀ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଦିଆଯାଇଥିବା ଚିଠିରେ ନିର୍ଦ୍ଦେଶ ରହିଥିଲା। ଉକ୍ତ ଚିଠିର ଏକ ନକଲ କେନ୍ଦୁଝର ଜିଲାପାଳଙ୍କୁ ପଠାଯାଇଥିଲା।


## ୬୯ତମ ଜନ୍ମଦିନ ଶୁଭେଚ୍ଛା



ନାରାୟଣ ଚନ୍ଦ୍ର ସିହ୍ନା (ଖୋକନା ବାବୁ)
କିରନ-ଜ୍ୟୋତି ଭବନ, ଉପର ମାଳିସାହି, ପୁରୀ-୨
ତା୩୦।୦୧।୨୦୨୫ରିଖ ଗୁରୁବାର ଦିନ ପ୍ରତିପଦରେ ୬୯ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ବାଟମଙ୍ଗଳା ଏବଂ ସ୍ୱର୍ଗତ ମାତା, ପିତା, ଗୁରୁ ଓ ଇଷ୍ଟଦେବ ଦେବୀଙ୍କ ଅପାର କରୁଣାରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ତୁମେ ନୀରୋଗ ରହିବ ଏବଂ ତୁମେ ପୃଥିବୀରେ ଯଶକୀର୍ତ୍ତି ଅର୍ଜନ କର, ଏହା ହିଁ ଜଗତ କଲ୍ୟାଣମୟୀ ମା ଓ ଚଉଦ ବ୍ରହ୍ମାଣ୍ଡର ବିଶ୍ୱନିୟନ୍ତାଙ୍କ ନିକଟରେ ପ୍ରାର୍ଥନା।
କିରଣ-ଜ୍ୟୋତି ପରିବାରବର୍ଗ ଓ ସୁଦାମା କୁଟୀର ପରିବାରବର୍ଗମାନେ।
ଉପର ମାଳିସାହି, ଡାକ୍ତରଖାନା ନିକଟ, ପୁରୀ-୨
ଧ-୨୭୪୮




Aswini & Jyotshna
IRC Village, Bhubaneswar
"Wishing you both all the love and happiness in the world today and always."
Best Wishes From: Arshit & Family
ଧ-୨୭୩୫

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ରମାକାନ୍ତ ବାରିକ
ଝାରଡ଼ିଆ, ଧାମନଗର, ଭଦ୍ରକ
ଆବିର୍ଭାବ: ୧୪।୦୨।୧୯୪୪
ତିରୋଧାନ: ୨୦।୦୧।୨୦୨୫
ଆପଣଙ୍କ ନୀତି, ଆଦର୍ଶ ଓ ଉପଦେଶ ସର୍ବଦା ମନେ ରହିବ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ : ପୁଅ- ଶଶୀ, ଟିକି, ବୋହୂ- ଜ୍ୟୋତ୍ସ୍ନା, ରିଡ୍ଡୁ, ଝିଅ- ମେନା, ଝୁନା, ଜ୍ୱାଇଁ- ଲିଟୁ, ପୁନ, ନାତି- ବାପୁ, ଦୀପୁ, ଶୀତୁ, ଲିପନ, ଭଣଜା- ବାବୁଲା, ଚନ୍ଦନ, ଭାଇ- ନାରାୟଣ, ଅଲେଖ, କେଦାର, ପ୍ରଶାନ୍ତ, ବଙ୍କୁ, ସୁନୀଲ, ବୁଲୁ, ସଂଗ୍ରାମ ଓ ପରିବାରବର୍ଗ।
ଧ-୨୭୫୪

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥



୰ ଲମ୍ବୋଦର ଜେନା
ରାଜଦାଣ୍ଡସାହି, ପାରଳାଖେମୁଣ୍ଡି
ଜଗନ୍ନାଥ ମନ୍ଦିର ନିକଟ
ଆବିର୍ଭାବ: ୧୨।୧୨।୧୯୫୨
ତିରୋଧାନ: ୨୫।୦୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଶୋକସନ୍ତପ୍ତ: ଜୀବନ, ପବନ, ତପନ
ଏବଂ ଶୋକସନ୍ତପ୍ତ ଜେନା ପରିବାରବର୍ଗ।
ରାଜଦାଣ୍ଡସାହି, ପାରଳାଖେମୁଣ୍ଡି, ଜଗନ୍ନାଥ ମନ୍ଦିର ନିକଟ


# Classified Everyday

0674-2580101, 9692975378




## SALE

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399. D-2670

Duplex for sale at Mahalaxmivihar, near Garage chhak @1.40crore. Contact: 7815086049. D-75357

Developed gharabari plots near Delhi Public School (Phulnakhara), Balianta (Bhubaneswar) & adjacent to Phulnakhara-Niali Road for immediate registration. 9861476089. D-2729

Plot for sale. Ward No.-2, Kabisuryanagar. Contact: 9916023875, 9338283431. D-2741

11700 sqft. Gharabari land sale at Pitapalli, NH Side - 7008634668. D-76234

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 6370277334, 9040023313. D-2750

See Career Appointment on every Wednesday & Saturday




Positively Health benefited spa by expert female therapist, Nayapalli. 7846 814019 D-76190

Newly open health benefits spa by experience lady therapist. 8658088274. D-76191

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 21.01.2025, I Rohit Ranjan Das, Address: At-Purushottampur, P.O.-Radhakishorepur, P.S.-Khuntuni, Dist.- Cuttack, Odisha- 754029 declare that I have changed my name from Arjun Das to Rohit Ranjan Das. Henceforth, I shall be known as Rohit Ranjan Das for all purposes. (Rohit Ranjan Das) D-2738

I, Pramoda Kumar Patra, S/o Late Babaji Charan Patra, Resident of P.S. Residency at Plot No.77/2016, Millenium City, Pahal, Khurda-752101, Odisha declare by this affidavit No. 01, Dt.29.01.2025 that now onwards I shall be known as Pramod Kumar Patra for all future purposes. Pramod Kumar Patra D-2737

I, SK ATTAULLAH FARUQUI, S/o- SK ABDUL KAYUM, resident of Ward No.3, Madhusasan, P.O.- Gadijanga, P.S.-Kudanagari, Dist.- Kendrapara, Pin-754134, Odisha declare by this affidavit No.1369 dtd.24.12.2024 that now onwards I shall be known as SK ATTAULLAH FARUQUI for all future purposes. D-2747

By virtue of an affidavit sworn before Notary Public, Bhubaneswar, Odisha, dated 28 Jan. 2025. I Gundicha Behera, Address: At- Parbatipur, P.O.- Bhapur, P.S.- Fategarh, Dist.- Nayagarh, PIN-752063 declare that I have changed my son's name from Pinu Behera to Nihar Behera. Henceforth, he shall be known as Nihar Behera for all purposes. D- 2736

By virtue of an affidavit CF No.03, date 24.01.2025 sworn before the Executive Magistrate, Sohela, I, Dharitri Padhan, D/o. Khageswar Padhan, R/o. Village/ P.O.- Bausenmura, P.S.- Sohela, Dist.- Bargarh, Pin- 768033 declare that I have changed my name from Nikita Padhan to Dharitri Padhan. Henceforth, I shall be known as Dharitri Padhan for all future purposes. D-2752

Your classified advertisement published in Dharitri will be listed free in Dharitri online edition: dharitriepaper.in

By virtue of an affidavit before Executive Magistrate, Banki, I declare that Bina Satpathy, W/o Sangram Keshari Rout and Bina Rout, W/o Sangram Keshari Rout is same and one person. Henceforth, I will be known as Bina Satpathy for all purposes. D-2751

## LOST

ମୁଁ ପ୍ରିୟଦର୍ଶିନୀ ମହାପାତ୍ର, ସ୍ୱାମୀ- ଲଲିତ୍ ନାରାୟଣ ମହାପାତ୍ର, ପାତ୍ରପଡ଼ା ମୌଜାରେ ଗୋଟିଏ ଜାଗା କିଣିଛି। ବିକ୍ରି କରିଥିବା ବିକ୍ରେତା ନାମରେ ପଟ୍ଟା ଯାହାର Khata No. 703/3374 ଏବଂ ସେ ଦେଇଥିବା NRI GPAଟି ଅରିଜିନାଲ କେଉଁଠାରେ ହଜିଯାଇଛି। ମୁଁ ଖୋଜିଲା ପରେ ନ ମିଳିବାରୁ ମୁଁ ଖଣ୍ଡଗିରି ଥାନାରେ FIR କରିଛି। ଯଦି କାହାକୁ ଏହି ଡକ୍ୟୁମେଣ୍ଟଟି ମିଳେ ମୋତେ ହସ୍ତାନ୍ତର କରିବାକୁ ଅନୁରୋଧ। କାରଣ ଏହି ଜାଗା ଉପରେ ଆପାର୍ଟମେଣ୍ଟ କରୁଛି। ଏହି ଆପାର୍ଟମେଣ୍ଟରୁ ଗୋଟେ ଫ୍ଲାଟ୍ କିଣିବାକୁ Customer ବ୍ୟାଙ୍କରୁ ଲୋନ୍ ନେବା ପାଇଁ ଯାଉଛି। ମୁଁ ଏହି ପଟ୍ଟା ଏବଂ NRI GPA କୌଣସି ବ୍ୟାଙ୍କରେ ଏବଂ ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। Contact No.- 9039255128. D-2753

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

**IN THE COURT OF THE 1ST ADDITIONAL SENIOR CIVIL JUDGE, BHUBANESWAR**
**CIVIL SUIT NO.1177 of 2017**

Aliva Jena, aged about 31 years, W/o Arabinda Jena, resident of Kunja Kanta, P.O./ P.S./ Dist.- Dhenkanal ... ... Plaintiff

-Versus-

Rajesh Chandra Bohidar and others ... ... Defendants

NOTICE U/O-5 RULE 20 OF C.P.C.

To
1. Sri Rajesh Chandra Bohidar aged about 43 years, S/o Late Budhadeb Bohidar, At- Pattanaikpada (Bohidarsahi), P.O.: Jharuapada, P.S.: Sambalpur Town, Dist.- Sambalpur (Odisha).
2. Sri Bijaya Kumar Das, aged 39 years, S/o Sarat Chandra Das, resident of At: Eradanga, P.O.: Nalibara, P.S.: Tirtol, Dist.: Jagatsinghpur.
3. Mr. Dilip Kumar Nayak, aged about 48 years, S/o Nakul Chandra Nayak, At: Panchanpara, P.S.: Aul, Post: Sanamanga, Dist.: Kendrapara.

Take notice that the above named plaintiff has instituted a civil suit No.1177 of 2017 in the Court of the 1st Additional senior Civil Judge, Bhubaneswar against you. You are directed to appear in person or through pleader before the Court of the 1st Additional Senior Civil Judge, Bhubaneswar on 07.04.2025 at 10.30 A.M. positively to file WS why the civil suit shall not be heard and in default your appearance on the above mentioned date and time, the civil suit shall be heard and determined in your absence expatre.

Given under my hand and seal of the Court 27.01.2025.

**Sd./- THE 1ST ADDITIONAL SENIOR CIVIL JUDGE, BHUBANESWAR**

D-2743


## ମନେ ପଡ଼ନ୍ତି

### ୧୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସୁଶୀଳା ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୨୪।୦୧।୨୦୧୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୫୯୫

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋପାଳ ଚନ୍ଦ୍ର ସେଠୀ
ପ୍ଲଟ୍ ନଂ.୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ- ୨୯।୧।୨୦୧୭
ସମୟର ଚକ ଗଡ଼ିଗଡ଼ି ଯାଏ
ବଢ଼ି ଚାଲଇ ଆଗକୁ
ଚାହୁଁ ଚାହୁଁ ଆଠ ବର୍ଷ ପୂରିଗଲା,
ସ୍ୱର୍ଗୀୟ ଗୋପାଳ ବାବୁଙ୍କୁ।
ଛାଡ଼ି ଚାଲିଗଲ ଏକାକରି ତୁମେ
ଲାଗେ ଏହା ମିଛ ପରି,
ଏବେବି ଲାଗୁଛ ତୁମେ ଅଛ ଆଜି
ଆମ ସଙ୍ଗେ ସର୍ବପରି।
କାହାର ଗୁରୁତ୍ୱ କେତେ ଯେ ଅଧିକ
ବୁଝିହୁଏ ଗଲା ପରେ
ଆଜି ଆମେ ସବୁ ତୁମକୁ ଝୁରୁଛୁ
ଆଖିରୁ ଲୁହ ବାହାରେ।
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ- ସ୍ତ୍ରୀ, ସେଠୀ ପରିବାର ଓ ଆତ୍ମୀୟସ୍ୱଜନ
ଧ-୭୧୩୯୬

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜୟକୃଷ୍ଣ ଶତପଥୀ
Retd. GPEO
ଅମଲାପଡ଼ା, ଢେଙ୍କାନାଳ ଟାଉନ
ଆବିର୍ଭାବ- ୨୦।୦୧।୧୯୩୩
ତିରୋଧାନ- ୨୧।୦୧।୨୦୨୫
ବାପା, ଆମକୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହୁ। ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ- ହତଭାଗ୍ୟ ପୁତ୍ର- ନିର୍ମଳ, ରଞ୍ଜନ, ବାପୁ (ଦୀପ୍ତିଶ), ଝିଅ- ନିର୍ମଳା, ନର୍ମଦା, ନୟନା, ନାତି- ଲିପୁ, ଜିତୁ, ସାଇ, ନାତୁଣୀ- ଜେଜି, ଦିଶା, ସିଦ୍ଧି, ଲୁଇ, ଲୋରି ଏବଂ ପରିବାରବର୍ଗ।
ଧ-୭୫୪୮୬

### ୨ୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଇନ୍ଦିରା ଦାସ
ପାଣି ସାହି, ଚଇନପୁର, ଯାଜପୁର
ଆବିର୍ଭାବ- ୨୧।୦୩।୧୯୬୭
ତିରୋଧାନ- ୦୧।୦୨।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ- ତୁମର ହତଭାଗ୍ୟ ପତି- ଜଗଦିଶ, ପୁତ୍ରୀ- ଲିସା, ଲିଜା, ଲିନା, ନାତି- ସାଇ, ଲକି, ନାତୁଣୀ- ଶ୍ରଦ୍ଧା, ଜ୍ୱାଇଁ- ପ୍ରଣବ, ଦିବ୍ୟ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୭୪୯

# ପ୍ରେମର ନୂଆ ଫର୍ମୁଲା

ପ୍ରେମିକା-ପ୍ରେମିକଙ୍କ ପରି ପ୍ରେମ ମଧ୍ୟ ରଙ୍ଗ ବଦଳାଇପାରେ। କିନ୍ତୁ ନିଜ ପ୍ରେମର ଶେଷ ରୂପ ଦେବାକୁ ଦୁହେଁ ପଶ୍ଚାତପଦ ହୁଅନ୍ତି ନାହିଁ। ବିଭିନ୍ନ ଉତ୍ଥାନ ପତନ ଭିତରେ ସେମାନେ ନିଜର ଯାତ୍ରା ଜାରିରଖନ୍ତି। ହେଲେ ଯଦି ପ୍ରେମ ତ୍ରିକୋଣୀୟ ହୋଇଯାଏ ତେବେ ତାହାର ସସ୍‌ପେନ୍ସ ଆହୁରି ବଢ଼ିଯାଏ। ସେହିଭଳି ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଆଶୀକ ଦିୱାନା'। ଖାସ୍ କଥା ହେଲା, ଏହି ଫିଲ୍ମରେ ଦୀପକଙ୍କ ନାୟିକା ସାଜୁଛନ୍ତି ରିୟା ଦେ। 'ଆଶୀକ ଦିୱାନା'ରେ ଅନ୍ୟତମ ନାୟିକା ହେଲେ ପ୍ରିୟଙ୍କା। ଚିତ୍ରଟିର ପ୍ରଯୋଜନା କରୁଛନ୍ତି ପ୍ରମୋଦ କୁମାର ସ୍ୱାଇଁ। ତାଙ୍କ ସହିତ ଅନ୍ୟତମ ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ। ନିର୍ଦ୍ଦେଶନା ଭାର ତୁଲାଉଛନ୍ତି ଏସ. ଦିଲୀପ ପଣ୍ଡା। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ ଏବଂ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜେ. ଏନ୍ ପଦ୍ମା। ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ, ବବି ମିଶ୍ର, ଜୀବନ ପଣ୍ଡା, ଅମର ମହାପାତ୍ର, ଇଲିଆନା ପଣ୍ଡା ଓ ଡିସ୍କୋ ରେଡ୍ଡୀ ପ୍ରମୁଖଙ୍କୁ ଏଥିରେ ମଧ୍ୟ ଦେଖିବାକୁ ମିଳିବ।


ରିୟା-ଦୀପକ-ପ୍ରିୟଙ୍କା

# ସରସ୍ୱତୀ ପୂଜାକୁ ଅପେକ୍ଷା

ଓଲିଉଡ୍‌ରେ ଏବେ ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କୁ ନେଇ ଚର୍ଚ୍ଚା। ସେ କୁଆଡ଼େ ଏବେ ଭୁବନେଶ୍ୱରରେ ଘୂରି ବୁଲୁଛନ୍ତି। ତେବେ କ'ଣ ପାଇଁ ? ପପୁ କୁଆଡ଼େ ନୂଆ ଠିକଣା


ପପୁ

ଖୋଜୁଛନ୍ତି। ଏ ନେଇ ଅଧିକ ସସ୍‌ପେନ୍ସ ଜାରି ରଖିବା ବ୍ୟତୀତ ଅସଲ କଥା ଜଣାଇ ଦେବା ଠିକ୍ ହେବ। କଥା କ'ଣ କି ଏହା ପଛରେ ପ୍ରକୃତ କାରଣ କ'ଣ ରହିଛି ତାହା ଜାଣିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ। ଏଥର ସରସ୍ୱତୀ ପୂଜା ଦିନ ହିଁ ଖୋଦ୍ ପପୁ ଏହା ଉପରୁ ପରଦା ହଟାଇବେ। ଏହି ପବିତ୍ର ଦିନରେ ସେ ଏକ ବଡ଼ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ତେଣେ ତାହା କ'ଣ ଜାଣିବାକୁ ଅନ୍ତତଃ ଧୈର୍ଯ୍ୟର ସହ ସରସ୍ୱତୀ ପୂଜା ଦିନକୁ ଅପେକ୍ଷା କରିବାକୁ ପଡିବ।

# ଦୋଛକିରେ ସାନ୍ୟା

ସାନ୍ୟା ମାଲହୋତ୍ରା ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ମନ ବଦଳାଇ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତ ଯୋଡାଯାଇଛି। ପୁଣି ସେଥିରେ ନାଚିବାକୁ ସାନ୍ୟାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସାନ୍ୟା କହନ୍ତି, 'ଏହି ଫିଲ୍ମର ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ୍ ନମ୍ବର ଯୋଡ଼ା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ଡିସିସନ୍ ନେବି।'


ସାନ୍ୟା

# ଲାଗିପଡ଼ିଛନ୍ତି କ୍ରିତି

କ୍ରିତି ସାନନ ଏବେ ନିଜକୁ ମିଳିଥିବା ଏକ ନୂଆ ସିନେମାର ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଏଥିରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ତାଙ୍କ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ମଧ୍ୟ ଆଶା ରଖିଛନ୍ତି। ହେଲେ ସେ ଯେତେବେଳେ ଏହାର କାହାଣୀ ଶୁଣିଲେ ସେତେବେଳେ କିଛି ସମୟ ପାଇଁ ଭାବପ୍ରବଣ ହୋଇପଡିଥିଲେ। ଏ ନେଇ ସେ କହନ୍ତି, '' କିଛି ସପ୍ତାହ ପୂର୍ବରୁ ମୋତେ ଏକ ନୂଆ ଅଫର ମିଳିଥିଲା। ପ୍ରଯୋଜକ ଯେତେବେଳେ ମୋତେ କାହାଣୀ ଶୁଣାଇଲେ ବେଶ୍ ଆଗ୍ରହର ସହ ଶୁଣିଥିଲି। ହେଲେ କ୍ଲାଇମାକ୍ସ ସମୟରେ ମୋ ଆଖି ଛଳଛଳ ହୋଇଯାଇଥିଲା। ହେଲେ ଏହାର କାହାଣୀ ମୋତେ ପ୍ରଭାବିତ କରିଛି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।'' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ।


କ୍ରିତି

# ଦୃଢ଼ମନା ହର୍ଷବର୍ଦ୍ଧନ

ହର୍ଷବର୍ଦ୍ଧନ କପୁର ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ମିର୍ଯ୍ୟା'। କିନ୍ତୁ ଏହି ଭୂମିକା ତୁଲାଇବାକୁ ତାଙ୍କୁ ଘୋଡା ଚଢ଼ାଠାରୁ ଆରମ୍ଭ କରି ତୀର ଚାଳନା ଶିଖିବାକୁ ପଡିଥିଲା। ମୁମ୍ବାଇରେ ଏଥିପାଇଁ ସବୁ ପ୍ରକାର ଆୟୋଜନ ହୋଇଥିଲା। କିନ୍ତୁ ଏଠାରେ ଘୋଡାଚଢ଼ା ଶିଖିବା ସମୟରେ ସନ୍ତୁଷ୍ଟ ନ ଥିଲେ ହର୍ଷବର୍ଦ୍ଧନ। ତେଣୁ ତାଙ୍କୁ ଆମେରିକା ଯିବାକୁ ପଡିଥିଲା। ସେଠାରେ ସେ ଘୋଡାଚଢ଼ା ଶିଖିବା ସହ ଘୋଡାଙ୍କ ସହ ପ୍ରତିଦିନ କିଛି ସମୟ କଟାଇଥିଲେ। ସେଠାରେ ସେ ତୀର ଚାଳନା ଏବଂ ପୋଲୋ ମଧ୍ୟ ଶିଖିଥିଲେ। ରାକେଶ ଓମ୍ ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଭାବରେ ଷ୍ଟାର ସ୍କ୍ରିନ୍ ଆୱାର୍ଡ ମିଳିଥିଲା। କିନ୍ତୁ ତା'ପରେ ସେ ହାତଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି। ଏ ନେଇ ସେ କହନ୍ତି, ''ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ଆଦୌ ଚିନ୍ତିତ ନୁହେଁ। ଏକଥା ସତ ଯେ ଏହା ଭିତରେ ମୁଁ ମାତ୍ର କେତୋଟି ସିନେମାରେ ଅଭିନୟ କରିଛି, ହେଲେ ଦିନେ ନା ଦିନେ ମୋତେ ଭଲ ସୁଯୋଗ ମିଳିବ।''


ଜାହ୍ନବୀ

# କେବଳ ପାଠପଢ଼ା ପାଇଁ...

କୌଣସି କ୍ଷେତ୍ରରେ ଆଗେଇବାକୁ ହେଲେ ଆଉ କେତୋଟି କଥାକୁ ବଳିଦାନ ଦେବାକୁ ପଡିଥାଏ। ସେତେବେଳେ ସେ ଲସ୍ ଏଞ୍ଜେଲସସ୍ଥିତ ଲି' ଷ୍ଟ୍ରାସବର୍ଗ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରେ ପାଠ ପଢୁଥାଆନ୍ତି। ଏହି ସମୟରେ ତାଙ୍କର ସମସ୍ତ ଧ୍ୟାନକେନ୍ଦ୍ରିତ ଥାଏ ନିଜ ପାଠ ଉପରେ। ହେଲେ ଏହି ସମୟରେ ତାଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଯେହେତୁ ଏକ କଳାକାର ପରିବାରରେ ତାଙ୍କର ଜନ୍ମ, ତେଣୁ କଳା ପ୍ରତି ରୁଚି ରହିବା ସ୍ୱାଭାବିକ। ହେଲେ ସେ କେବେ ଅଭିନୟ ଲାଇନ୍‌ରେ ପାଦ ରଖିବାକୁ ଚିନ୍ତା କରି ନ ଥିଲେ। ସେତିକିବେଳେ ବିଶିଷ୍ଟ ନିର୍ଦ୍ଦେଶକ ଏ. ଆର. ମୁରୁଗୋଦସ ତାଙ୍କୁ ଯୋଗାଯୋଗ କରି ଏକ ତେଲୁଗୁ ଫିଲ୍ମ ମାଧ୍ୟମରେ ବଡ଼ ପରଦାରେ ଏଣ୍ଟ୍ରି କରିବାକୁ ଅଫର ଦେଇଥିଲେ। ପୁଣି ଏହି ସିନେମାର ସେ ସୁପରଷ୍ଟାର ମହେଶ ବାବୁଙ୍କ ନାୟିକା ସାଜିଥାଆନ୍ତେ। କିନ୍ତୁ ସେ ଏହାକୁ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ଅଭିନେତ୍ରୀ ଜଣଙ୍କ କିଏ ଜାଣନ୍ତି ? ଶ୍ରୀଦେବୀ ତନୟା ଜାହ୍ନବୀ କପୁର। ''ଏକଥା ସତ ଯେ ସେତେବେଳେ ମୋତେ ଏଭଳି ଏକ ଭଲ ସୁଯୋଗ ମିଳିଥିଲା। କିନ୍ତୁ ପାଠ ପଢ଼ା ପାଇଁ ମୁଁ ମନା କରି ଦେଇଥିଲି। ମହେଶ ବାବୁଙ୍କ ସହ ପ୍ରଥମେ ଅଭିନୟ କରିବା ଏତେ ସହଜ ନୁହେଁ ବୋଲି ମୋ ମନରେ ଧାରଣା ଆସିଥିଲା। ସେ ଯାହାହେଉ ଏପରି ଏକ ଗୋଲ୍ଡେନ ଅପର୍ଚ୍ୟୁନିଟି ମୋ ହାତରୁ ଖସି ଯାଇଥିଲା ବୋଲି କହନ୍ତି ଜାହ୍ନବୀ।''

# ଭୂମିଙ୍କ ନୂଆ ଯୋଜନା

ଭୂମି ପେଡେନ୍‌କରଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି। କଥା କ'ଣ କି ନିକଟରେ ସେ ସାଙ୍ଗମାନଙ୍କ ସହ କିଛି ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥିଲେ। ବାଟରେ ତାଙ୍କର ପ୍ରଦୂଷିତ ପରିବେଶ ଉପରେ ନଜର ପଡିଲା। ବାସ୍, ତା'ପରେ ଏହାର ସୁରକ୍ଷା ପାଇଁ ନିଜ ପଟରୁ ସେ କ'ଣ କରିପାରିବେ ସେନେଇ ଚିନ୍ତା କରିଥିଲେ। ତା'ସହ ଏ ନେଇ ସାଙ୍ଗମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏ ନେଇ ଭୂମି କହନ୍ତି, 'ବର୍ତ୍ତମାନ ପରିବେଶର ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ ନେଇ ମୁଁ ଏବେ ନୂଆ ଯୋଜନା ଆରମ୍ଭ କରିଛି। ଏଥିପାଇଁ ଏକ ସଂସ୍ଥା ଗଠନ କରିବା ସହ କିଛି ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ରଖିବି। ତା'ସହ ଏ ନେଇ କେତୋଟି ଶର୍ଟ ଫିଲ୍ମ ପ୍ରସ୍ତୁତ କରିବାକୁ ଯୋଜନା ରହିଛି।''


ଭୂମି

# ନୂଆ ବର୍ଷ : ନୂଆ ଆଶା

ଚଳିତ ବର୍ଷ ପ୍ରାରମ୍ଭରେ କେତୋଟି ଓଡ଼ିଆ ସିନେମା ମୁକ୍ତିଲାଭ କରିଛି। ହେଲେ ପରିତାପର ବିଷୟ ଆରମ୍ଭରୁ ଏଗୁଡିକ ମଧ୍ୟରୁ ଗୋଟିଏ ହେଲେ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇନାହିଁ। ତାହାର କାରଣ ହେଲା, ଭଲ କାହାଣୀର ଅଭାବ। ଆମେ ନିଜକୁ ନିଜେ ଯଦି ସବୁ କିଛି ଠିକ୍ ଅଛି ବୋଲି ଭାବି ମନ୍ତବ୍ୟ ଦେବା ତାହାହେଲେ ଦର୍ଶକ ନିରୁପାୟ। ଯେଉଁମାନେ ସିନେମାଟିଏ ନିର୍ମାଣ କରୁଛନ୍ତି କିମ୍ବା ନିର୍ଦ୍ଦେଶକ ନିର୍ଦ୍ଦେଶନା ଦେଉଛନ୍ତି ତେବେ ଖାମଖିଆଲି ମନୋଭାବ ନେଇ ଏଭଳି ଗୁରୁଦାୟିତ୍ୱକୁ ତୁଲାଇବା ଅନୁଚିତ। ପ୍ରଥମ କଥା ହେଲା ନୂଆ ପ୍ରଯୋଜକଙ୍କୁ ଭୁଲ୍ ରାସ୍ତାରେ ଭ୍ରମିତ କରନ୍ତୁ ନାହିଁ। ସିନେମାର ମୁଣ୍ଡି ମାରିବାକୁ କେତେଜଣ ପ୍ରଯୋଜକ ହାତ ଉଧାରି କରିବାକୁ ପଛାଇ ନ ଥାନ୍ତି। ତେଣୁ ଶେଷରେ ଯାହା ଫଳ ମିଳେ ସେଥିରେ ଜଣେ ପ୍ରଯୋଜକର ମନୋବଳ ଭାଙ୍ଗି ଯାଇଥାଏ। କଥା ଅଧିକ ନ କହି ବରଂ ସିନେମାଟିକୁ କିପରି ସବୁ ଦୃଷ୍ଟିରୁ ଭଲ ଭାବରେ ନିର୍ମାଣ କରାଯାଇପାରିବ ସେ ନେଇ ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଭାବରେ ଯତ୍ନବାନ ହେବା ଦରକାର।

ଓଡ଼ିଆ ସିନେମା ଶିଳ୍ପକୁ ମାନ୍ୟତା ମିଳିଲେ ମଧ୍ୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ହେବା ନିହାତି ଦରକାର। ହେଲେ ଏ ଦିଗରେ ପ୍ରୟାସର ଅଭାବ ଜଳ ଜଳ ହୋଇ ଦେଖାଯାଉଛି। ଏବେ ମଲ୍ଟିପ୍ଲେକ୍ସର ସଂଖ୍ୟା ବଢୁଛି, ହେଲେ ଏଥିରେ ଜଣେ ସାଧାରଣ ପରିବାର ଅଧିକ ଅର୍ଥ ଦେଇ ସିନେମାଟିଏ ଦେଖିବା ସମ୍ଭବ ନୁହେଁ। ବିଶେଷଭାବରେ ଯୁବପିଢ଼ିଙ୍କୁ ଯେଉଁ ସିନେମା ଭଲ ଲାଗୁଛି ସେହି ସିନେମା ସଫଳତାର ଶୀର୍ଷ ଛୁଇଁଛି। ଏଇ କିଛି ବର୍ଷ ଭିତରେ 'ଦମନ', 'ସମୀକ୍ଷା', 'କର୍ମ' ଆଦି କେତୋଟି ହାତଗଣତି ସିନେମାକୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ସିନେମା ସମ୍ପର୍କରେ ସେମିନାର ହେଲେ ମଧ୍ୟ ସେଥିରୁ ଯେଉଁ ନୀତିନିୟମ ବାହାରୁଛି ତାହା ଠିକ୍ ଭାବରେ ପ୍ରଣୟନ ହେବା ଦରକାର। ଓଡ଼ିଆ ସିନେମା ଶିଳ୍ପ ଇତିମଧ୍ୟରେ ୮୮ ବର୍ଷ ଅତିକ୍ରମ କଲାଣି। ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଏବେ ଅନେକ ଆଲୋଚନା ଚାଲିଛି। ତେଣୁ ଏହା କିପରି ପୁଣି ଥରେ ଦର୍ଶକାଦୃତ ହୋଇପାରିବ ସେ ନେଇ ଚଳଚ୍ଚିତ୍ର ସହ ଜଡିତ ସମସ୍ତ ବ୍ୟକ୍ତି ସାମୂହିକ ଉଦ୍ୟମ କରିବା ଦରକାର।

୮୮ ବର୍ଷର ସଂଖ୍ୟାଧିକ ସିନେମା କେବଳ ଗଣତିରେ ରହୁଛି। ଗୁଣାତ୍ମକ ଓ ବ୍ୟବସାୟିକ ଦୃଷ୍ଟିରୁ ଅନେକ ସିନେମାର ତାଲିକା ବେଶ୍ ଲମ୍ବା। ଫଳରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭଲ ଓଡ଼ିଆ ସିନେମାଟିଏ ପ୍ରଦର୍ଶନ ନିମନ୍ତେ ମନୋନୀତ ହେଉନାହିଁ। କେବଳ ଆଞ୍ଚଳିକ ଭିତ୍ତିରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ଆମେ ଖୁସି ହୋଇଥାଉ। ଆମ ଓଡ଼ିଆ ସିନେମା ଆମ ଭାଷା ଓ ସଂସ୍କୃତିକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅଧିକାଂଶ ସିନେମା ଅନ୍ୟ ଭାଷାର ସିନେମାରୁ କପି କରାଯାଉଛି। ତେଣୁ ଅନେକ ସିନେମା ଦର୍ଶକାଦୃତ ହୋଇପାରୁନାହିଁ। ଉତାରି ସିନେମାଟିଏ କଲେ ପାଳ ଗଦା ଉପରେ ଚଢ଼ି ଉଚ୍ଚତା ମାପିବା ପରି ହେବ।

ଓଡ଼ିଆ ସିନେମା ପାଇଁ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତି ବିଶେଷ ଯେତେ ଅଧିକ ହେବେ ତାହା ସେତେ ଭଲ ହେବ। କାରଣ ଏହାଦ୍ୱାରା ପ୍ରଯୋଜକମାନେ ଚଳଚ୍ଚିତ୍ର ସମ୍ପର୍କରେ ଅନେକ ନୂଆ ଜିନିଷ ଜାଣିପାରିବେ। ଆସନ୍ତୁ, ବାକି ସମୟ ଓଡ଼ିଆ ସିନେମା କିପରି ସବୁ ଦିଗରୁ ଉନ୍ନତମାନର ହେବ ସେ ନେଇ ଚେଷ୍ଟା କରିବା।

**-ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦/୨୦୨୫ Bhubaneswar, Thursday, January 30/ 2025

# ଓଡ଼ିଶାର ଜ୍ୟୋତି, ସୁନେଲିତା ସାମିଲ

## ଏଫ୍ଆଇଏଚ୍ ପ୍ରୋ ଲିଗ୍

■ ଭାରତୀୟ ମହିଳା ହକି ଦଳ ଘୋଷିତ
■ ସାଲିମା ଟେଟେ ଅଧିନାୟିକା

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ପାଇଁ ବୁଧବାର ହକି ଇଣ୍ଡିଆ ପକ୍ଷରୁ ୨୪ ଜଣିଆ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଜ୍ୟୋତି ଛତ୍ରି ଓ ସୁନେଲିତା ଟପ୍ପୋ ସାମିଲ ହୋଇଛନ୍ତି। ମିଡ୍‌ଫିଲ୍ଡର ସାଲିମା ଟେଟେଙ୍କୁ ଦଳର ଅଧିନାୟିକା ଏବଂ ଫରୱାର୍ଡ ନଭନିତ କୌରଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଷ୍ଟାଣ୍ଡବାଇ ତାଲିକାରେ ଗୋଲକିପର ବନୱାରି ସୋଲାଙ୍କି, ଡିଫେଣ୍ଡର ଅକ୍ଷତା ଆବାସୋ ଧେକାଲେ, ଜ୍ୟୋତି ସିଂ ଏବଂ ଫରୱାର୍ଡ ସାକ୍ଷୀ ରାଣା, ଅନୁ ଓ ସୋନମ ସ୍ଥାନ ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଏହି ଲିଗ୍ ଫେବୃଆରୀ ୧୫ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ଦଳ ଇଂଲଣ୍ଡ, ନେଦରଲାଣ୍ଡ୍ସ, ସ୍ପେନ୍ ଓ ଜର୍ମାନୀ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବ। ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଭାରତ ଅଭିଯାନ ଆରମ୍ଭ କରିବ।


ଜ୍ୟୋତି ଛତ୍ରି


ସୁନେଲିତା ଟପ୍ପୋ

ଏଫ୍ଆଇଏଚ୍ ନିୟମ ଅନୁସାରେ କୌଣସି ପ୍ରୋ ଲିଗ୍ ଚରଣରେ ଯଦି କୌଣସି ଦଳ ୪ରୁ ଅଧିକ ମ୍ୟାଚ ଖେଳିବ ତେବେ ପ୍ରଥମ ୪ ମ୍ୟାଚ ପରେ ୨୪ ଜଣିଆ ଦଳରେ ପରିବର୍ତ୍ତନ କରିପାରିବ। ତେବେ ପୂର୍ବରୁ ଅନୁମୋଦିତ ସବ୍‌ଷ୍ଟିଟ୍ୟୁଶନ ତାଲିକାରୁ ହିଁ କେବଳ ଖେଳାଳିମାନଙ୍କୁ ନିଆଯିବ। ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ମହିଳା ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଦ୍ୱିତୀୟ ସର୍ବାଧିକ ସ୍କୋରର ରହିଥିବା ସୋନମ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ ପାଇଁ ଦାବିଦାର ହୋଇ ଯାଇଛନ୍ତି।

''ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ପାଇଁ ଦଳ ଚୟନରେ ମୁଁ ଖୁସି ଅଛି। ଏଥିରେ ଅଭିଜ୍ଞଙ୍କ ସହିତ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସମାନଭାବେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ବଡ଼ ଟୁର୍ନାମେଣ୍ଟ ଖେଳିବାରେ ଆମକୁ ସହାୟକ ହେବ। ଆମ ପାଖରେ ଯାହା ବିକଳ୍ପ ରହିଛି ତାହାକୁ ନେଇ ଏକ ସନ୍ତୁଳିତ ଦଳ ଗଠନ ଆମର ମୁଖ୍ୟ ଲକ୍ଷ୍ୟ ରହିବ'' ବୋଲି ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ''ଦଳରେ ସ୍ଥାନ ପାଇଥିବା ପ୍ରତିଭାସମ୍ପନ୍ନ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ମୋର ବହୁତ ଆଗ୍ରହ ରହିଛି। ବିଶେଷକରି ମହିଳା ହକି ଇଣ୍ଡିଆ ଲିଗ୍‌ରେ ଖେଳାଳିଙ୍କ ପ୍ରଦର୍ଶନକୁ ମୁଁ ଉତ୍କଣ୍ଠାର ସହ ଅପେକ୍ଷା କରିଛି। ଆମେ ଆଗାମୀ ଲିଗ୍‌ରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଖେଳିବାକୁ ଯାଉଛୁ। ତେବେ ଆମ ଦଳର ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ ଅଛି। ଆମେ ସେମାନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇପାରିବୁ ବୋଲି ମୋର ବିଶ୍ୱାସ''।

**ଭାରତୀୟ ଦଳ:** ଗୋଲକିପର୍ସ: ସବିତା ପୁନିଆ, ବିଚୁ ଦେବୀ ଖାରିବାମ। ଡିଫେଣ୍ଡର୍ସ: ସୁଶିଳା ଚାନୁ ପୁଖ୍ରାମବାମ, ନିକ୍କି ପ୍ରଧାନ, ଉଦିତା, ଜ୍ୟୋତି, ଇଶିକା ଚୌଧାରୀ, ଜ୍ୟୋତି ଛତ୍ରି। ମିଡ୍‌ଫିଲ୍ଡର୍ସ: ବୈଷ୍ଣବୀ ଭିଥାଲ ଫାଲ୍‌କେ, ନେହା, ମନୀଷା ଚୌହାନ, ସାଲିମା ଟେଟେ (ଅଧିନାୟିକା), ସୁନେଲିତା ଟପ୍ପୋ, ଲାଲରେମସିଆମି, ବଲଜିତ କୌର, ଶର୍ମିଳା ଦେବୀ। ଫରୱାର୍ଡ୍ସ: ନଭନିତ କୌର (ଉପ-ଅଧିନାୟିକା), ମୁମତାଜ ଖାଁ, ପ୍ରୀତି ଦୁବେ, ରୁତଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗଡୁଙ୍ଗ, ସଙ୍ଗୀତା କୁମାରୀ, ଦୀପିକା, ବନ୍ଦନା କାଟରିଆ।

# ଓଡ଼ିଶାର ସାର୍ଥକ ପଟ୍ଟନାୟକ ଭାରତୀୟ ଆଇସ୍ ହକି ଦଳର ମୁଖ୍ୟ ଚିକିତ୍ସା ଅଧିକାରୀ

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)


ସାର୍ଥକ ପଟ୍ଟନାୟକ

ମଣିପାଲ ହସ୍ପିଟାଲର ଅର୍ଥୋସ୍କୋପିକ୍ ସର୍ଜନ ଏବଂ କ୍ରୀଡ଼ା ଆଘାତ ବିଶେଷଜ୍ଞ ତଥା ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ୍ଏସ୍ଆଇ)ର ପ୍ରତିଷ୍ଠାତା ଡାକ୍ତର ସାର୍ଥକ ପଟ୍ଟନାୟକ ୨୦୨୫ ଏସିଆନ୍ ୱିଣ୍ଟର ଗେମ୍ ପାଇଁ ଭାରତୀୟ ଆଇସ୍ ହକି ଟିମ୍‌ର ମୁଖ୍ୟ ମେଡିକାଲ ଅଫିସର ଏବଂ କ୍ରୀଡ଼ା ଚିକିତ୍ସା ବିଶେଷଜ୍ଞ ଭାବରେ ନିଯୁକ୍ତ ହୋଇଛନ୍ତି। ଫେବୃୟାରୀ ୭ରୁ ୧୪ ପର୍ଯ୍ୟନ୍ତ ଚାଇନାରେ ହେବାକୁ ଥିବା ଏସିଆନ୍ ୱିଣ୍ଟର ଗେମ୍‌ର ନବମ ସଂସ୍କରଣ (ହର୍ବିନ-୨୦୨୫) ପାଇଁ ଡାକ୍ତର ସାର୍ଥକ ନିଯୁକ୍ତ ପାଇବା ରାଜ୍ୟ ପାଇଁ ଗର୍ବ ଆଣିଛି। ସାର୍ଥକ ଜଣେ ଅଭିଜ୍ଞ କ୍ରୀଡ଼ା ଆଘାତ ବିଶେଷଜ୍ଞ ତଥା ଅର୍ଥୋସ୍କୋପିକ୍ ସର୍ଜନ ଭାବରେ ଦେଶ ବିଦେଶରେ ବେଶ୍ ସୁପରିଚିତ। ତାଙ୍କ ଦୀର୍ଘ ୧୪ ବର୍ଷର ଅଭିଜ୍ଞତା ଅନେକ ଖେଳାଳିଙ୍କୁ ଖେଳ ସମୟରେ ହେଉଥିବା ଆଘାତଠାରୁ କିଭଳି ସୁରକ୍ଷିତ ରହିହେବ ତଥା ଆଘାତ ପରେ ପ୍ରାଥମିକ ଚିକିତ୍ସା କିଭଳି କରିହେବ ସେ କ୍ଷେତ୍ରରେ ସେ କାମ କରନ୍ତି। ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ।

''ଭାରତୀୟ ଆଇସ୍ ହକି ଦଳର ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତ ହୋଇଥିବାରୁ ମୁ ଗର୍ବିତ। ଏହା ମୋ ପାଇଁ ଏବଂ ଭାରତୀୟ କ୍ରୀଡ଼ା ଚିକିତ୍ସା କ୍ଷେତ୍ର ପାଇଁ ଏକ ଗର୍ବର ମୁହୂର୍ତ୍ତ'' ବୋଲି ଡାକ୍ତର ସାର୍ଥକ ପଟ୍ଟନାୟକ କହିଛନ୍ତି। ସାର୍ଥକ ହେଉଛନ୍ତି ପ୍ରଥମ ସର୍ଜନ, ଯିଏ କି ପୂର୍ବ ଭାରତର ହିପ୍ ଅର୍ଥୋସ୍କୋପି କରିଥିଲେ ଏବଂ କଳିଙ୍ଗ ଷ୍ଟାଡ଼ିୟମରେ ପୂର୍ବ ଭାରତରେ ସର୍ବପ୍ରଥମ କ୍ରୀଡ଼ା କନ୍‌କ୍ଲେଭ ଆୟୋଜନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର କ୍ଲିନିକ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆ ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ କ୍ରୀଡ଼ା କ୍ଲିନିକ। ତାଙ୍କର ପାରଦର୍ଶିତା ତାଙ୍କୁ ଅଲିମ୍ପିକ ଚାମ୍ପିୟନ୍ ନୀରଜ ଚୋପ୍ରା, ରବି କୁମାର ଏବଂ ଶ୍ରାବଣୀ ନନ୍ଦ ତଥା ଓଡ଼ିଶା ରଣଜୀ କ୍ରିକେଟ ଦଳ ଏବଂ ଅଲିମ୍ପିଆନଙ୍କ ସମେତ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଆଥଲେଟଙ୍କ ବିଶ୍ୱାସ ହାସଲ କରିଛି। ଡକ୍ଟର ପଟ୍ଟନାୟକ ୫୦୦୦ରୁ ଅଧିକ ଅର୍ଥୋସ୍କୋପିକ୍ ପଦ୍ଧତିକୁ ସଫଳତାର ସହ ଚିକିତ୍ସା କରି କ୍ରୀଡ଼ାକୁ ଫେରିଥିବା ଆଥଲେଟଙ୍କ ପାଇଁ ସଫଳତା ହାସଲ କରିଛନ୍ତି। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର ମଧ୍ୟ ସାର୍ଥକଙ୍କ ନିଯୁକ୍ତିକୁ ନେଇ ଗର୍ବ ଅନୁଭବ କରିଥିବା କହିଛନ୍ତି।

# ଫାଇନାଲ୍ସରେ ମାନ୍ୟତା

ଡେରାଡୁନ, ୨୯।୧ (ପି.ଟି.)

ଏଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ବୁଧବାର ଅନୁଷ୍ଠିତ ମହିଳା ୧୦ ମିଟରଏୟାର ରାଇଫଲ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ହରିୟାଣାର ଏସିଆନ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଶୁଟର ରମିତା ଜିନ୍ଦଲ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୨୧ ବର୍ଷୀୟା ରମିତା ନମ୍ବରୱାନ ସ୍ଥାନରେ ରହି ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ଓଡ଼ିଶାର ମାନ୍ୟତା ସିଂ ମଧ୍ୟ ଭଲ ପ୍ରଦର୍ଶନ କରି ଫାଇନାଲ୍ସରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଏହି ଦୁଇ ଶୁଟରଙ୍କ ବ୍ୟତୀତ ଫାଇନାଲ୍ସରେ ପ୍ରବେଶ କରିଥିବା ଅନ୍ୟ ୬ ଶୁଟର ହେଲେ ମହାରାଷ୍ଟ୍ରର ଆର୍ଯ୍ୟା ବୋର୍ସେ, ତାମିଲନାଡୁର ନର୍ମଦା ରାଜୁ, କେରଳର ଭିଦର୍ସା କେ. ବିନୋଦ, ମଧ୍ୟ ପ୍ରଦେଶର ଶ୍ରେୟା ଅଗ୍ରୱାଲ, ଗୁଜରାଟର ଇଲାଭେନି ଭାଲାରିଭାନ ଓ କର୍ଣ୍ଣାଟକର ମେଘନା ସଜାନର। ମହିଳା ୧୦ ମିଟରଏୟାର ରାଇଫଲ ଇଭେଣ୍ଟର ଫାଇନାଲ୍ସ ଗୁରୁବାର ଅନୁଷ୍ଠିତ ହେବ।

# ଡ୍ରିମ୍ସରେ ଆଜିଠୁ ଓଡ଼ିଶା-ସର୍ଭିସେସ୍

## ରଣଜୀ ଟ୍ରଫି

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଚଳିତ ସିଜନରେ ଓଡ଼ିଶା ଏହାର ଶେଷ ରଣଜୀ ଟ୍ରଫି ମ୍ୟାଚ ଖେଳିବାକୁ ପ୍ରସ୍ତୁତ ହୋଇଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ସର୍ଭିସେସ ମଧ୍ୟରେ ମୁକାବିଲା ହେବ। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏପର୍ଯ୍ୟନ୍ତ ୬ଟି ମ୍ୟାଚ ଖେଳି ୨ ବିଜୟ, ୨ ପରାଜୟ, ୧ ଡ୍ର ଓ ଫଳାଫଳ ବିହୀନ ମ୍ୟାଚରୁ ୧୬ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ଏହାପରେ ଭଦୋଦରାରେ ବରୋଦା (ଅକ୍ଟୋବର ୨୬ରୁ ୨୮) ଏବଂ ମୁମ୍ବାଇରେ ମୁମ୍ବାଇ (ନଭେମ୍ବର ୬ରୁ ୯) ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ଖେଳି ୩ ଉଇକେଟରେ ବିଜୟ ହାସଲ କରିଥିଲା। ଏହାଥିଲା ସିଜନରେ ଓଡ଼ିଶାର ପ୍ରଥମ ବିଜୟ। ଦୀର୍ଘ ୨ ମାସର ବ୍ରେକ୍ ପରେ ପୁଣି ରଣଜୀ ଟ୍ରଫି ଆରମ୍ଭ ହୋଇଥିବାବେଳେ ଓଡ଼ିଶା ବିଜୟ ହାସଲ କରି ସମ୍ମାନ ଜନକ ସ୍ଥିତିକୁ ଫେରିଛି। ଶିଲଂର ମେଘାଳୟ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏକ ଇନିଂସ ଓ ୫୬ ରନରେ ମେଘାଳୟକୁ ପରାସ୍ତ କରିଛି। ତେଣୁ ସର୍ଭିସେସକୁ ଦଳ କଡ଼ା ଟକ୍କର ଦେଇପାରିବ ବୋଲି ଆଶା କରାଯାଉଛି। ଗତ ମ୍ୟାଚରେ ଓଡ଼ିଶା ପକ୍ଷରୁ ଗୋବିନ୍ଦ ପୋଦ୍ଦାର ଓ ରାଜେଶ ଧୂପର ଶତକ ମାରିଥିବାବେଳେ ତାପସ ଦାସ ଗୋଟିଏ ଇନିଂସରେ ୬ ଉଇକେଟ ହାସଲ କରିଥିଲେ।

# ଏକାମ୍ର ବିଜୟୀ

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ): ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଅନ୍ତର୍ଗତ କଟକ ଅଡଶପୁରସ୍ଥିତ ୟୁଏନ କଲେଜ ପଡ଼ିଆରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏକାମ୍ର କଲେଜ ୧୦ ରନରେ ମହର୍ଷି କଲେଜକୁ ପରାସ୍ତ କରିଛି। ଏକାମ୍ର କଲେଜ ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୧୦ ରନ କରିଥିଲା। ସତ୍ୟଜିତ ଭୋଇ ଓ ଦୁର୍ଗା ପ୍ରସାଦ ପଣ୍ଡା ଓପନିଂ ଯୋଡ଼ିରେ ୧୦୨ ରନ ଯୋଗ କରିଥିଲେ। ସତ୍ୟଜିତ ସର୍ବାଧିକ ୬୫ ରନ ଓ ଦୁର୍ଗା ପ୍ରସାଦ ୨୭ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଅର୍ପିତ ୨ଟି ଉଇକେଟ ନେଇଥିଲେ। ଜବାବରେ ମହର୍ଷି କଲେଜ ୧୫ ଓଭରରେ ୪ ଉଇକେଟ ହରାଇ ୧୦୦ ରନ କରିବାକୁ ସକ୍ଷମ ହୋଇଥିଲା। ଲିଙ୍ଗରାଜ ସର୍ବାଧିକ ୩୫ ଓ ମୟଙ୍କ ୨୫ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ପଦ୍ମ ଚରଣ ମାଡକାମି ୨ଟି ଏବଂ ସତ୍ୟଜିତ ଭୋଇ ଓ ନୱାଜ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଓଡ଼ିଶା ମହିଳା ଖୋ ଖୋ, ଫୁଟ୍‌ବଲ ଦଳ ବିଜୟୀ


ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ମହିଳା ଫୁଟବଲ ଦଳ।

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ା ଖୋ ଖୋ ଇଭେଣ୍ଟର ମହିଳା ବର୍ଗରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ତାମିଲନାଡୁକୁ ୩୬-୧୮ ପଏଣ୍ଟରେ ହରାଇଥିବା ବେଳେ ବୁଧବାର ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଗୁଜରାଟକୁ ୨୬-୧୬ରେ ହରାଇ ଦେଇଛି। ମହିଳା ଫୁଟବଲରେ ମଧ୍ୟ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ୨-୧ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ମ୍ୟାଚର ୩୭ତମ ମିନିଟରେ ପ୍ୟାରୀ ଖାଖା ଓ ୪୨ତମ ମିନିଟରେ ମନୀଷା ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୨ ମିନିଟରେ ହରିୟାଣାର ରେଣୁ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ରଗ୍‌ବୀରେ ଡବଲ ବିଜୟ

ଓଡ଼ିଶା ମହିଳା ଓ ପୁରୁଷ ଦଳ ଜାତୀୟ କ୍ରୀଡ଼ା ରଗ୍‌ବୀରେ ଡବଲ ବିଜୟ ସହ ଆଗକୁ ବଢ଼ିଛି। ମହିଳା ଦଳ ପ୍ରଥମ ମ୍ୟାଚରେ ଉତ୍ତରାଖଣ୍ଡକୁ ୫୭-୦ରେ ଏବଂ ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀକୁ ୨୯-୫ରେ ହରାଇ ଦେଇଛି। ପୁରୁଷ ଦଳ ପ୍ରଥମ ମ୍ୟାଚରେ ବିହାରକୁ ୨୯-୦ ଓ ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀକୁ ୧୦-୫ରେ ପରାସ୍ତ କରିଛି।

# ଟାଇଗର୍ସ-ଡ୍ରାଗନ୍ସ, ସୁରମା-ତୋଫାନ୍ସ


ବିର୍ସା ମୁଣ୍ଡା ଷ୍ଟାଡିୟମରେ ବୁଧବାର ସୁରମା ହକି କ୍ଲବ ଓ ରର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ହକି ଇଣ୍ଡିଆ ଲିଗ୍ ସେମିଫାଇନାଲ

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ପଏଣ୍ଟ ଟେବୁଲର ଶୀର୍ଷ ୪ ସ୍ଥାନ ଅଧିକାର କରି ରର୍ ବେଙ୍ଗଲ ଟାଇଗର୍ସ, ସୁର୍‌ମା ହକି କ୍ଲବ, ହାଇଦ୍ରାବାଦ ତୋଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ହେବାକୁଥିବା ପ୍ରଥମ ସେମିଫାଇନାଲରେ ଟାଇଗର୍ସ-ଡ୍ରାଗନ୍ସ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୁର୍‌ମା-ତୋଫାନ୍ସ ମଧ୍ୟରେ ମୁକାବିଲା ହେବ। ବୁଧବାର ପ୍ରତିଯୋଗିତାର ଅନ୍ତିମ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦୁଇଟି ଯାକ ମ୍ୟାଚ ସଂଘର୍ଷପୂର୍ଣ୍ଣ ଭାବେ ଶୁଟ୍‌ଆଉଟରେ ଶେଷ ହୋଇଥିଲା। ଦିବସର ପ୍ରଥମ ମ୍ୟାଚରେ ସୁର୍‌ମା ହକି କ୍ଲବ ୩-୧ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ୟୁପି ରୁଦ୍ରାସ ୩-୨ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇ ଦେଇଥିଲା। ଲିଗ୍ ପର୍ଯ୍ୟାୟ ଶେଷରେ ସମସ୍ତ ଦଳ ୧୦ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ ୧୯ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଥିଲେ। ସେହିପରି ହାଇଦ୍ରାବାଦ ତୋଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ୧୮ ପଏଣ୍ଟ ଲେଖାଏ ସହିତ ପରିବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ଅନ୍ତିମ ମ୍ୟାଚରେ ଶୁଟ୍ ଆଉଟ ଜିତିବା ସତ୍ତ୍ୱେ ୟୁପି ରୁଦ୍ରାସ ୧୭ ପଏଣ୍ଟ ପାଇ ବିଦାୟ ନେଇଥିଲା। ପୂର୍ବରୁ ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସର ଅଭିଯାନ ଶେଷ ହୋଇ ଯାଇଥିଲା। ଗୁରୁବାର ପ୍ରତିଯୋଗିତାର ବିଶ୍ରାମ ଦିବସ ଥିବାବେଳେ ଶୁକ୍ରବାର ୨ଟି ଯାକ ସେମିଫାଇନାଲ ଯଥାକ୍ରମେ ଅପରାହ୍ନ ୬ଟା ଓ ରାତି ୮ଟା ୧୫ରେ ଅନୁଷ୍ଠିତ ହେବ। ଫାଇନାଲ ଫେବୃଆରୀ ୧ ରାତି ୮ଟା ୧୫ରେ ଖେଳାଯିବ। ସେହିଦିନ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ତୃତୀୟ ସ୍ଥାନପାଇଁ ମ୍ୟାଚ ଅପରାହ୍ନ ୬ଟାରେ ଅନୁଷ୍ଠିତ ହେବ।

# ସୁଦୀପ୍ତା ଓଡ଼ିଶାର ପ୍ରଥମ ମହିଳା ରେଫରି ଆସେସର

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)



ଅନେକ ପ୍ରଥମର ଅଧିକାରିଣୀ ସୁଦୀପ୍ତା ଦାଶ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ସର୍ବଭାରତୀୟ ଫୁଟବଲ ଫେଡେରେଶନ ଏଆଇଏଫଏଫ) ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ରେଫରି ଆସେସରଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନୂଆ ଭୂମିକାରେ ତାଙ୍କୁ ସମ୍ପ୍ରତି ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ରେଫରି ମାନଙ୍କୁ ଗାଇଡ୍ କରିବା ସହ ମୂଲ୍ୟ ନିର୍ଦ୍ଧାରଣ କରିବେ। ଏପରି ସଫଳତା ପାଇଁ ସୁଦୀପ୍ତାଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ସୃଷ୍ଟି ଦେଲେ ଓଡ଼ିଶାକୁ ପ୍ରଥମ ପଦକ

## ଜାତୀୟ କ୍ରୀଡ଼ା

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ପଦକ ଜିତିଛନ୍ତି ସୁଇମିଂ ସେନ୍‌ସେଶନ ସୃଷ୍ଟି ଉପାଧ୍ୟାୟ। ବୁଧବାର ଅନୁଷ୍ଠିତ ଆକ୍ୱାଟିକ୍ସ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ସୃଷ୍ଟି ୧:୦୫.୨୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗତବର୍ଷ ଭାରତର ସର୍ବକନିଷ୍ଠ ଆଥଲେଟ୍‌ଭାବେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା କର୍ଣ୍ଣାଟକର ଧିନିଧି ଦେସିଙ୍ଗୁ ୧:୦୩.୬୨ ଓ ତାଙ୍କ ରାଜ୍ୟ ଟମ୍‌ମେଟ୍ ନୈଶା ଶେଟ୍ଟି ୧:୦୪.୮୧ ସେକେଣ୍ଡ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଧିନିଧି ଜାତୀୟ କ୍ରୀଡ଼ାର ସୁଇମିଂ ପୁଲ୍‌ରୁ ଗୋଟିଏ ଦିନରେ ୩ ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ସେ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ୩.୨୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସ୍ୱର୍ଣ୍ଣ ପଦକ ବିଜୟୀ ୪ x୧୦୦ ମିଟର ଫ୍ରିଷ୍ଟାଇଲ କର୍ଣ୍ଣାଟକ ରିଲେ ଦଳର ମଧ୍ୟ ସେ ସଦସ୍ୟା ଥିଲେ।


ବ୍ରୋଞ୍ଜ ପଦକ ସହ ଓଡ଼ିଶାର ସୃଷ୍ଟି ଉପାଧ୍ୟାୟ (ଡାହାଣ)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ